R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୬
ତିଥି: ଚତୁର୍ଦ୍ଦଶୀ
୧୦ ସେପ୍ଟେମ୍ବର ୨୦୨୬, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.ଠଠ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 336
10 September 2026, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




### ୟୁଏଇ ଗସ୍ତର ପ୍ରଥମ ଦିନ

# ଆଇଏଚ୍‌ସି, ଆଦାନୀ ଗ୍ରୁପ୍ ସହ ୧୪ ପ୍ରକଳ୍ପ ଲାଗି ଏମ୍‌ଓୟୁ

ଭୁବନେଶ୍ୱର, ୯।୯ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୟୁଏଇ ଗସ୍ତର ପ୍ରଥମ ଦିନରେ ଓଡ଼ିଶା ବିଦେଶୀ ନିବେଶ ଭାଗିଦାରୀକୁ ଆଗେଇ ନେଇଛି । ଏଥିରେ ଏକ ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ, ୧୪ଟି ନୂଆ ପ୍ରକଳ୍ପ ପାଇଁ ଏମଓୟୁ ଏବଂ ସହଯୋଗ ଚୁକ୍ତି ବାଣିଜ୍ୟ ଓ ବନ୍ଦର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସେପ୍ଟେମ୍ବର ୮ ରୁ ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଗସ୍ତରେ ପ୍ରମୁଖ ବ୍ୟବସାୟୀ ଓ ନିବେଶକମାନେ ଏକାଠି ହୋଇଛନ୍ତି । ଆଇଏଚସି ଏବଂ ଅଦାନୀ ଭାଗିଦାରିତା ଫଳରେ ୧୪ଟି ନୂଆ ପ୍ରକଳ୍ପ ଲାଗି ବୁଝାମଣା ସ୍ୱାକ୍ଷର ହୋଇଛି ।




ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ (ଆଇଏଚସି)ର ବ୍ୟବସାୟିକ ଶାଖା ଏବଂ ସହଯୋଗୀ କମ୍ପାନୀଗୁଡ଼ିକ ସହ ଗୁରୁତ୍ୱପୂର୍ଣ୍ଣ ଗୋଲଟେବୁଲ ବୈଠକରୁ ଆଜିର ଦିନଟି ଆରମ୍ଭ ହୋଇଥିଲା। ୨ଜୁଲାଇ ୨୦୨୬ରେ ସ୍ୱାକ୍ଷରିତ ହୋଇଥିବା ଐତିହାସିକ ବୁଝାମଣା ପତ୍ରର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଅନୁଷ୍ଠିତ ଏହି ବୈଠକରେ ଆଇଏଚସିର ପରିଚାଳନା ନିର୍ଦ୍ଦେଶକ, ସିଇଓ ତଥା ବୋର୍ଡ ସଦସ୍ୟ ସୟଦ ବସର ଶୁଏବ, ଅଦାନୀ ପୋର୍ଟସ ଆଣ୍ଡ ସ୍ପେଶାଲ ଇକୋନୋମିକ ଜୋନର ପରିଚାଳନା ନିର୍ଦ୍ଦେଶକ କରଣ ଅଦାନୀ ଏବଂ ଅଦାନୀ ଗ୍ରୀନ୍ ଏନର୍ଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସାଗର ଅଦାନୀ ଯୋଗ ଦେଇଥିଲେ । ଆଲୁମିନିୟମ ପ୍ରକଳ୍ପ ପାଇଁ ଅଦାନୀ ଗ୍ରୁପ୍ ହେଉଛନ୍ତି ମିଳିତ ସହଯୋଗୀ । ଏହି ଗୋଲଟେବୁଲ ବୈଠକରେ ଆଇଏଚସି ମଧ୍ୟରେ ଇଣ୍ଟରନ୍ୟାସନାଲ ରିସୋର୍ସେସ ହୋଲ୍ଡିଂ ( ଆଇଆରଏଚ୍) ର ସିଇଓ ଅଲି ରସିଦ ଅଲ-ରସଦି, ଟୁ ପଏଣ୍ଟ ଜିରୋ ଗ୍ରୁପର ସିଇଓ ସାମିଆ ବୁଆଜ୍ଜା, ଟୁ ପଏଣ୍ଟ ଜିରୋର ସିଇଓ ମହମ୍ମଦ ହେସାମ, ଘିଥା ହୋଲ୍ଡିଂର ଗ୍ରୁପ୍ ସିଇଓ ଫଲାଲ ଅମିନ୍, ବୁର୍ଜିଲ ହୋଲ୍ଡିଂସର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡକ୍ଟର ଶମଶୀର ଭାୟାଲିଲ, ଏମଏମଡିସି ଗ୍ରୁପର ଗ୍ରୁପ୍ ସିଇଓ ଡକ୍ଟର ୟାସିର ଜାଗଲୁଲ, ଅଲ ସିର ମେରାଇନର ସିଇଓ ଗାଇ ନିଭେନ୍ସ, ଏମିରେଟ୍ସ ଷ୍ଟାଲିଅନ୍ସ ଗ୍ରୁପର ସିଇଓ କାୟେଦ ଅଲି ଖୋର୍ମା, ସିରିୟସ ଇଣ୍ଟରନ୍ୟାସନାଲ

- ଓଡ଼ିଶା-ୟୁଏଇ ବାଣିଜ୍ୟ ସହଯୋଗିତା ଲାଗି ଫ୍ରେମ୍ ୱାର୍କ
- ପେଟ୍ରୋ କେମିକାଲ ଆନୁଷଙ୍ଗିକ କମ୍ପ୍ଲେକ୍ସ ଲାଗି ବୋରେଜ୍‌କୁ ନିମନ୍ତ୍ରଣ

ର ବ୍ୟବସାୟିକ ଶାଖା ଏବଂ ସହଯୋଗୀ କମ୍ପାନୀଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ଏକାଠି ହୋଇଥିଲେ । ସେମାନଙ୍କ ହୋଲ୍ଡିଂର ସିଇଓ ଅଜୟ ଭାଟିଆ, ଓଡ଼ିଆ ଉଦ୍ୟୋଗୀ ଏବଂ ଏଡିଆଇ ଫାଉଣ୍ଡେସନର ( ୯ ପୃଷ୍ଠାରେ)

# ଆଜି ସୃଷ୍ଟି ହେବ ଲଘୁଚାପ

ଭୁବନେଶ୍ୱର, ୯।୯ (ସବ୍ୟୁ) : ରାଜ୍ୟରେ ପୁଣି ପ୍ରବଳ ବର୍ଷାର ଆଶଙ୍କା ସୃଷ୍ଟି ହୋଇଛି । ଉତ୍ତର-ବଙ୍ଗୋପସାଗର ଓ ଏହାର ସଲଗ୍ନ ବାଂଲାଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ସମୁଦ୍ର ଉଚ୍ଚତାରୁ ୫.୮ କିଲୋମିଟର ଉଚ୍ଚରେ ଏହାର ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଉତ୍ତର-ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହି ଲଘୁଚାପ କ୍ଷେତ୍ର ଧୀର ଧୀରେ ପଶ୍ଚିମରୁ ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଓଡ଼ିଶା ଦେଇ ଛତିଶଗଡ଼ ଏବଂ ମଧ୍ୟଭାରତ ଆଡକୁ ଯାଇପାରେ ।

ଏହାର ପ୍ରଭାବରେ ପ୍ରଥମେ ଉତ୍ତର ଓ ଉତ୍ତର ଉପକୂଳ ଓଡ଼ିଶାରେ ବର୍ଷା ବଢ଼ିବା ପରେ ଲଘୁଚାପ ନିକଟତର ହେବା ସହ ଉପକୂଳ ଓ ମଧ୍ୟ ଓଡ଼ିଶାରେ ବର୍ଷା ପରିମାଣ ବଢ଼ିପାରେ । ଏହା ପରେ ଦକ୍ଷିଣ ଓ ଅଭ୍ୟାନ୍ତରୀଣ ଓଡ଼ିଶାକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ସେପ୍ଟେମ୍ବର ୧୭ରୁ ୨୦ ଭିତରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ଆକଳନ କରିଛି । ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି ଲାଗି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ମୟୂରଭଞ୍ଜ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଦିଆଯାଇଛି । ସେହିଭଳି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ଏହି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି ।

### ୧୪ ଯାଏଁ ବର୍ଷା ସମ୍ଭାବନା

ଏହାଛଡା ଯାଜପୁର, କେନ୍ଦ୍ରାପଡ, କଟକ, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ପୁରୀ, ଖୋର୍ଦ୍ଧା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ୧୨ ତାରିଖ ଲାଗି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ କଳାହାଣ୍ଡି, ରାୟଗଡ଼, କୋରାପୁଟ, ମାଲକାନାଗିରିକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଥିବା ବେଳେ ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ୧୪ ତାରିଖ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

### ଖଡ଼ଗପୁର-ଝାରସୁଗୁଡ଼ା ଚତୁର୍ଥ ଲାଇନକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ

# ୧୦ ହଜାର ୭୮୩ କୋଟି ବ୍ୟୟବରାଦ

ଭୁବନେଶ୍ୱର, ୯।୯ (ସବ୍ୟୁ) : ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଆଜି ୫ ରାଜ୍ୟର ୧୪ଟି ଜିଲ୍ଲା ଦେଇ ଯାଇଥିବା ୩ଟି ରେଳ ଲାଇନ୍ ପ୍ରଶସ୍ତିକରଣ ପ୍ରକଳ୍ପକୁ ଅନୁମୋଦନ କରିଛି । ଏସବୁ ପ୍ରକଳ୍ପ ନିର୍ମାଣ ଲାଗି ମୋଟ୍ ୧୦,୭୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ସବୁ ପ୍ରକଳ୍ପ ହେଲା ଓଡ଼ିଶାର ଖଡ଼ଗପୁର-ଝାରସୁଗୁଡ଼ା (ବାଗଡିହି) ଚତୁର୍ଥ ଲାଇନ୍ । କଟନୀ-ପେଣ୍ଡ୍ରା ରୋଡ୍ ଚତୁର୍ଥ ଲାଇନ୍, ବିଳାସପୁର (ଉସଲାପୁର)-ପେଣ୍ଡ୍ରା ରୋଡ୍ ତୃତୀୟ ଲାଇନ୍ ।


ବର୍ଦ୍ଧିତ ଲାଇନ୍ କ୍ଷମତା ଗମନାଗମନରେ ଉଲ୍ଲେଖନୀୟ

### ୨୦୨୯-୩୦ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସରିବ

ସୁଧାର ଆଣିବ । ଫଳରେ ଭାରତୀୟ ରେଳବାଇର ପରିଚାଳନା ଦକ୍ଷତା ଏବଂ ସେବା ବିଶ୍ୱସନୀୟତାରେ ଉନ୍ନତି ହେବ । ଏହି ବହୁ ଟ୍ରାକିଂ ପ୍ରକଳ୍ପଗୁଡ଼ିକ ରେଳ ଚଳାଚଳକୁ ସୁବ୍ୟବସ୍ଥିତ କରିବା ସହିତ ଭିଡ଼ ହ୍ରାସ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତ ଦୃଷ୍ଟିକୋଣ ଅନୁରୂପ ଏସବୁ ପ୍ରକଳ୍ପର ଡିଜାଇନ୍ କରାଯାଇଛି । ଏଗୁଡ଼ିକର ଉଦ୍ଦେଶ୍ୟ ହେଉଛି, ବ୍ୟାପକ କ୍ଷେତ୍ରୀୟ ବିକାଶ ମାଧ୍ୟମରେ ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା, (୯ ପୃଷ୍ଠାରେ)

# ଇରାନ-ଆମେରିକା ମଧ୍ୟରେ ଭୟଙ୍କର ଯୁଦ୍ଧ

ନୂଆଦିଲ୍ଲୀ, ୯।୯ : ଇରାନ ଓ ଆମେରିକା ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଛି । ୫ ଇରାନୀ ତୈଳ ଟ୍ୟାଙ୍କରକୁ ଆମେରିକା ଧ୍ୱଂସ କରିବା ପରେ ଇରାନ ସେନା ପକ୍ଷରୁ କଡ଼ା ଜବାବ ଦିଆଯାଇଛି । ଜୋଡାନ୍ ବେସ୍‌ରେ ଇରାନ ୧୦ ଜାହାଜ ଉପରେ ଆକ୍ରମଣ କରିଛି । ହରମୁଜ୍ ପ୍ରଣାଳୀ ନିକଟରେ ଏହି ଆକ୍ରମଣ ହୋଇଛି । ଆମେରିକା ଯୁଦ୍ଧା ଜାହାଜ ଉପରେ ଇରାନ ମଧ୍ୟ ବାଲାଷ୍ଟିକ୍ ମିଶାଇଲ୍‌ରେ ଆକ୍ରମଣ କରିଥିବା ସୂଚନା ମିଳିଛି ।




ଆମେରିକା ସେଣ୍ଟ୍ରାଲ କମାଣ୍ଡର କହିଛନ୍ତି ଯେ ଗତ ଦୁଇ ଦିନରେ ଆମେରିକା ଜାହାଜ ଉପରେ ବାଲାଷ୍ଟିକ୍ ମିଶାଇଲ ଆକ୍ରମଣ ହୋଇଥିଲା । କିନ୍ତୁ ଜାହାଜର କିଛି କ୍ଷତି ହୋଇନାହିଁ । କୌଣସି ସୈନ୍ୟଙ୍କ ମୃତାହତ ଆସିନାହିଁ । ଆକ୍ରମଣ ପୂର୍ବରୁ ଜାହାଜର ସଦସ୍ୟମାନଙ୍କୁ ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଆକ୍ରମଣ ଫଳରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ୧୦୦ ଡଲାରରେ ପହଞ୍ଚିଛି । ଇରାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆମେରିକା ଇରାନ ଟ୍ୟାଙ୍କର ଉପରେ ଆକ୍ରମଣ କରିବା ଘଟଣାକୁ ନିନ୍ଦା କରାଯାଇଛି । (୯ ପୃଷ୍ଠାରେ)

- ଇରାନର ୫ ତୈଳ ଟ୍ୟାଙ୍କର ଧ୍ୱଂସ କଲା ଆମେରିକା
- ଜବାବରେ ୧୦ ଜାହାଜ ଉପରେ ଇରାନର ଆକ୍ରମଣ
- ଆମେରିକା ନୌସେନା ଜାହାଜରେ ଇରାନର ମିଶାଇଲ ମାଡ଼
- ଅଶୋଧିତ ତୈଳ ଦର ୧୦୦ ଡଲାର ଛୁଇଁଲା

# ଭାରତରନ୍‌ଙ୍କୁ ଏସ୍‌ଆଇଆର୍ ନୋଟିସ୍

ନୂଆଦିଲ୍ଲୀ, ୯।୯ : ଏସ୍‌ଆଇଆରକୁ ନେଇ ପୁଣି ବିବାଦ ଦେଖାଦେଇଛି । ଭାରତରନ୍ ପ୍ରାପ୍ତ ବୈଜ୍ଞାନିକ ସିଏନ୍ ରାଓଙ୍କୁ ତାଙ୍କ ନାମରେ ଭୁଲ୍ ଥିବା ଦର୍ଶାଇ ନୋଟିସ୍ କରାଯାଇଛି । ନୋଟିସ୍‌ରେ ଉଲ୍ଲେଖ କରାଯାଇଛି ଯେ ତାଙ୍କ ନାମରେ କିଛି ଅସଙ୍ଗତି ରହିଛି । କର୍ଣ୍ଣାଟକରେ ଚାଲିଥିବା ଏସ୍‌ଆଇଆର୍ ପ୍ରକ୍ରିୟା ମଧ୍ୟରେ ଏହି ନୋଟିସ୍ ଯାଇଛି ।

ଘଟଣା ଅନୁଯାୟୀ ପୁରୁଣା ଭୋଟର ତାଲିକାରେ ତାଙ୍କ ନାମ ପ୍ରଫେସର ସିଏଲ୍ ରାଓ ଥିଲା । ମାତ୍ର ଏବେ ପ୍ରଫେସର ଶବ୍ଦରେ ଆଉ ଏକ ଏଫ୍ ଅଧିକା ରହିଛି । ଇସିଆଇ ୱେବ୍‌ସାଇଟର ଅନ୍‌ଲାଇନ୍‌ରେ ଏହି ନୋଟିସ୍ ଦେଖିବାକୁ ମିଳିଛି । ମାତ୍ର ରାଓଙ୍କ ଅଫିସର ଜଣେ ପ୍ରତିନିଧି କହିଛନ୍ତି ଯେ ଏ ପର୍ଯ୍ୟନ୍ତ ସେ ନୋଟିସ୍ ପାଇନାହାନ୍ତି । କେବଳ ( ୯ ପୃଷ୍ଠାରେ)

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ମୃତ

ରାୟଗଡ଼ା, ୯।୯ (ସବ୍ୟୁ) : ନୂତନ ନିର୍ମିତ ପାଇଖାନା ଟାଙ୍କିରେ ବିଷାକ୍ତ ଗ୍ୟାସ ଯୋଗୁ ୩ ଜଣଙ୍କ ଜୀବନ ଚାଲିଯାଇଛି । ଟାଙ୍କି ଭିତରେ ଥିବା ସେଣ୍ଟ୍ରିଂ କାଠ ବାହାର କରିବାକୁ ଓହ୍ଲାଇଥିବା ଜଣେ ଶ୍ରମିକ ଅଚେତ ହୋଇପଡ଼ିବା ପରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆଉ ଦୁଇଜଣ ମଧ୍ୟ ଗ୍ୟାସର ଶିକାର ହୋଇଥିଲେ । ରାୟଗଡ଼ା ଜିଲା ପଦ୍ମପୁର ଥାନା ଅନ୍ତର୍ଗତ ଗୁଲୁମୁଣ୍ଡା ପଞ୍ଚାୟତର ତରପାଗୁଡ଼ା ଗ୍ରାମରେ ବୁଧବାର ଏହି ଦୁଃଖଦ ଘଟଣା ଘଟିଛି । ମୃତକମାନେ ହେଲେ ମୁଖ୍ୟ ମିସ୍ତ୍ରୀ ହରିଶ୍ଚନ୍ଦ୍ର ବୀର (୫୦), ମିସ୍ତ୍ରୀ ପ୍ରକାଶ ଲିମା (୩୫) ଓ ସହାୟକ ଶ୍ରମିକ ଆଲୋକ କୋରାଡ଼ (୩୫) । ସମସ୍ତଙ୍କ ଘର ନିକଟସ୍ଥ ତେମ୍ବାଗୁଡ଼ା ପଞ୍ଚାୟତର ଜୀବଜଗତପୁର ଗ୍ରାମରେ ବୋଲି ଜଣାପଡ଼ିଛି ।

ତରପାଗୁଡ଼ା ଗ୍ରାମର ବିଶ୍ୱନାଥ ବାରିକଙ୍କ ଇନ୍ଦିରା ଆବାସ ଗୃହର ଶୌଚାଳୟ ଟାଙ୍କି ନିର୍ମାଣ କାମ ଚାଲିଥିଲା । ଟାଙ୍କିର ଛାତ ପ୍ରସ୍ତୁତି ପାଇଁ ଫଲ୍ସ ମାଟି ଓ ଗଛଲତା, ପତ୍ର ଆଦି ବ୍ୟବହାର କରି ସେଣ୍ଟ୍ରିଂ କରାଯାଇଥିଲା । ଏହା ଉପରେ ସିମେଣ୍ଟ ଢଳାଯାଇ ଛାତ ପ୍ରସ୍ତୁତ କରାଯାଇଥିଲା । ଛାତ କାମ ସରିବା ପରେ ବୁଧବାର ପ୍ରଥମ ( ୯ ପୃଷ୍ଠାରେ)

# ତାମିଲନାଡୁରେ ଟିଭିକେ- କଂଗ୍ରେସ ମେଣ୍ଟର ନୂଆ ନାଁ

ନୂଆଦିଲ୍ଲୀ, ୯।୯ : ତାମିଲନାଡୁରେ ନୂଆ ରାଜନୈତିକ ସମୀକରଣ ଆରମ୍ଭ ହୋଇଛି । ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସହ କଂଗ୍ରେସ, ଭିସିକେ, ଏମ୍‌ଡିଏମ୍‌କେ ଓ ଆଇୟୁଏମ୍‌ଏଲ୍ ନେତାଙ୍କ ବୈଠକ ପରେ ଏହି ନୂଆ ମେଣ୍ଟର ଘୋଷଣା କରାଯାଇଛି । ଏହାର ନୂଆ ନାଁ ଧର୍ମ ନୀରପେକ୍ଷ ସାମାଜିକ ନ୍ୟାୟ ବିଜୟ ରଖାଯାଇଛି । ୪ ଦଳ ସହ ଆଲୋଚନା ପରେ ଚେନ୍ନାଇରେ ଏହି ଘୋଷଣା କରାଯାଇଛି ।

ଏହି ବୈଠକରେ ତାମିଲନାଡୁ କଂଗ୍ରେସ ସଭାପତି ଭି. ମାନିକମ୍ ଟାଗୋର, କଂଗ୍ରେସର ରାଜ୍ୟସଭା ସଦସ୍ୟ ପରବୀଣ ଚକ୍ରବର୍ତ୍ତୀ, ବିଧାନସଭା ଗୃହର ନେତା ଥାରାହାଇ କୁଥଗ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ଏମ୍‌ଡିଏମ୍‌କେର ଦୁରାଇ, ଭିଏସ୍‌କେ ମୁଖ୍ୟ (୯ ପୃଷ୍ଠାରେ)

### ଏମ୍‌ଏମ୍‌ଡିଆର ସଂଶୋଧିତ ଆଇନ୍ ବିରୋଧରେ ବିଜେଡିର ପ୍ରତିବାଦ

# ତୁରନ୍ତ ପ୍ରତ୍ୟାହାର ହେଉ ରାଜ୍ୟ ସ୍ୱାର୍ଥ ବିରୋଧୀ ଆଇନ୍

ଭୁବନେଶ୍ୱର, ୯।୯ (ସବ୍ୟୁ) : ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଆଜି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତିଙ୍କୁ ସାକ୍ଷାତ କରି ଓଡ଼ିଶାର ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଏମଏମଡିଆର ସଂଶୋଧନ ଆଇନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନାମରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଜରିଆରେ




ବଳରେ ବକେୟା ପ୍ରାପ୍ୟ, ଖଣି ରାଜସ୍ୱ ଓ ଖଣିଜ ସମ୍ପଦ ଜମି ଉପରେ ରାଜ୍ୟ ତାର ଅଧିକାର ହରାଇବ ବୋଲି ମତ ରଖିଥିଲେ ।

- ଲୋକଭବନ ସମ୍ମୁଖରେ ବିକ୍ଷୋଭ
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଆଲୋଚନା (୯ ପୃଷ୍ଠାରେ)

# ନନ୍ଦନକାନନରେ କ୍ୱାରେନଷ୍ଟାଇନ୍‌ରେ ୫ ଓରାଙ୍ଗଉଟାନ

### କଣ୍ଢେଇ ସହ ଖେଳି ଖୁସି ହେଉଛନ୍ତି, ଏସ୍‌ଟିଏଫ୍ ଟିମ୍‌ର ଛାନ୍‌ଭିନ୍

ଭୁବନେଶ୍ୱର/ବାଲେଶ୍ୱର, ୯।୯ (ସବ୍ୟୁ) : ଭୋଗରାଇ ବିଚିତ୍ରପୁର ଜଙ୍ଗଲରୁ ଉଦ୍ଧାର ହୋଇଥିବା ୫ କୁନି ଓରାଙ୍ଗଉଟାନ (ବଣ ମଣିଷ) ମଙ୍ଗଳବାର ରାତି ସାଢେ ଦଶଟା ବେଳେ ନନ୍ଦନକାନନରେ ପହଞ୍ଚିବା ପରେ କ୍ୱାରେନଷ୍ଟାଇନ୍‌ରେ ଅଛନ୍ତି । ୫ ମଧ୍ୟରୁ ଦୁଇଟିଙ୍କର ଦେହ ଟିକେ ଅସୁସ୍ଥ ଥିବା ପରୀକ୍ଷାରୁ ଜଣାପଡିଥିଲା । ସେମାନଙ୍କୁ ଔଷଧ ଦିଆଯିବା ସହ ଖାଇବାକୁ ଦିଆଯାଉଛି ପ୍ରତି ଦୁଇଘଣ୍ଟାରେ ଥରେ । ଏସି କ୍ୱାରେନଷ୍ଟାଇନ୍ ରୁମ୍‌ରେ କଣ୍ଢେଇ ସହ ଖେଳି ବେଶ୍ (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



ଧଡକ-୨ର ସୁଟିଂ ସମୟରେ ମୁଁ ମା'ଙ୍କୁ ହରାଇଥିଲି । ଏହି ଘଟଣାରୁ ବାହାରିବା ପାଇଁ ମୋତେ ବହୁତ ଷ୍ଟ୍ରଗଲ୍ କରିବାକୁ ପଡିଥିଲା । ଏହା ମୋ ଜୀବନର ସବୁଠାରୁ ବଡ କ୍ଷତି ଥିଲା ।

ଜାହ୍ନବୀ କପୁର, ଅଭିନେତ୍ରୀ



ଗୋଟେ ସମୟ ଥିଲା ବଲିଉଡର ଫିଲ୍ମର ହିରୋ ହିରୋଇନଙ୍କ ଠାରୁ ଆରମ୍ଭ କରି ପୋଷ୍ଟର, ଗୀତ, ଷ୍ଟାଇଲ ସବୁଥିରେ ଗୁରୁତ୍ୱ ଦିଆଯାଉଥିଲା । ହେଲେ ବର୍ତ୍ତମାନ ସେ ସବୁ ଆଉ ନାହିଁ । ବଲିଉଡ ତାର ଚାର୍ମ ହରାଇଛି ।

ଅମିଷା ପଟେଲ, ଅଭିନେତ୍ରୀ



ଶିଶୁଙ୍କ ଠାରୁ ମୋବାଇଲ ଦୂରରେ ରଖିବା ବାପା ମା'ଙ୍କର ଦାୟିତ୍ୱ । ଯଦି ଶିଶୁଟି ମୋବାଇଲ ଆଡିକ୍ଟ ହେଉଛି, ତେବେ ଏଥିରେ ଭୁଲ ବାପା ମା'ଙ୍କର । ଯେତେ ପାରୁଛନ୍ତି ସେମାନଙ୍କୁ ମୋବାଇଲ ଠାରୁ ଦୂରରେ ରଖନ୍ତୁ ।

ସୁନିଲ ସେଟ୍ଟି, ଅଭିନେତା

## ମାନବ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେବ କଂକ୍ରିଟ



ଭାରତର ବିଜ୍ଞାନୀମାନେ ମାନବ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଏକ ନୂତନ ପ୍ରକାରର କଂକ୍ରିଟ୍ ପ୍ରସ୍ତୁତ କରିଛନ୍ତି, ଯାହା ସାଧାରଣ କଂକ୍ରିଟ୍ ତୁଳନାରେ ଯଥେଷ୍ଟ ଅଧିକ ଶକ୍ତିଶାଳୀ ହୋଇପାରିବ । ମଣିପାଲ ୟୁନିଭରସିଟି ଜୟପୁରର ସିଭିଲ୍ ଇଞ୍ଜିନିୟର ରଘୁବେଶ ତିୱାରୀଙ୍କ ନେତୃତ୍ୱରେ ଗବେଷକ ଦଳ ୱାରଙ୍ଗଲ୍‌ର ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟରୁ ସଂଗୃହିତ ମାନବ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ 'ବାୟୋଚାର୍' ବ୍ୟବହାର କରି ଏହି ସଫଳତା ପାଇଛନ୍ତି । ଏହି ପ୍ରକ୍ରିୟାରେ ପ୍ରସୋଧିତ ସୁଏଜ୍ ସ୍ଲଜ୍‌କୁ ଶୁଖାଇ ୩୫୦ରୁ ୪୫୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ବିନା ଅକ୍ସିଜେନ୍‌ରେ ଗରମ କରାଯାଇ ଏକ ସୂକ୍ଷ୍ମ ଗୁଣ୍ଡ ବା ବାୟୋଚାର୍‌ରେ ପରିଣତ କରାଯାଇଥିଲା । ଗବେଷକମାନେ କଂକ୍ରିଟ୍‌ରେ ସିମେଣ୍ଟର ୫%, ୧୦% ଏବଂ ୧ % ଫାବ୍ରିକ ବଦଳରେ ଏହି ବାୟୋଚାର୍ ମିଶାଇ ଏହାର ଶକ୍ତି, ଜଳ ଶୋଷଣ, ସଂକୁଚନ ଓ ରନ୍ଧ୍ରତା ପରୀକ୍ଷା କରିଥିଲେ । ୯୧ ଦିନର କ୍ୟୁରିଂ ପରେ ୫% ବାୟୋଚାର୍ ଥିବା କଂକ୍ରିଟ୍‌ରେ କମ୍ପ୍ରେସିଭ୍ ଷ୍ଟ୍ରେଣ୍ଥ ୨୦% ଏବଂ ଫ୍ଲେକ୍ସୁରାଲ୍ ଷ୍ଟ୍ରେଣ୍ଥ ୩୬% ବୃଦ୍ଧି ପାଇଥିବା ବେଳେ ୧୦% ମିଶ୍ରଣରେ ଫ୍ଲେକ୍ସୁରାଲ୍ ଷ୍ଟ୍ରେଣ୍ଥ ୪୨% ଏବଂ କମ୍ପ୍ରେସିଭ୍ ଷ୍ଟ୍ରେଣ୍ଥ ୨୧% ବୃଦ୍ଧି ପାଇଥିଲା । ବିଜ୍ଞାନୀଙ୍କ ମତରେ, ବାୟୋଚାର୍‌ରେ ଥିବା ସିଲିକା ଏବଂ ଏହାର ଜଳ ଶୋଷଣ କରି ଧୀରେ ଧୀରେ ଛାଡ଼ିବାର କ୍ଷମତା କଂକ୍ରିଟ୍‌କୁ ମଜବୁତ୍ କରିବାରେ ସାହାଯ୍ୟ କରେ । ତେବେ ୧୫% ମିଶ୍ରଣରେ କଂକ୍ରିଟ୍‌ରେ ଫାଟ ଓ ରନ୍ଧ୍ରତା ବଢ଼ିବା ସହ ଶକ୍ତି କମିଯାଇଥିଲା । ପ୍ରକୃତ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବା ପୂର୍ବରୁ ଅତ୍ୟଧିକ ତାପମାତ୍ରା, ଲୁଣିଆ ପରିବେଶ, ବରଫପାତ ଏବଂ ଭାରୀ ଧାତୁ ନିର୍ଗତ ହେବାର ସମ୍ଭାବନା ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।

## ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ

ବିଶ୍ୱରେ ପ୍ରତିବର୍ଷ ବୃଦ୍ଧି ପାଉଥିବା ଆତ୍ମହତ୍ୟା ସମସ୍ୟା ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ଏବଂ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୦ ତାରିଖରେ 'ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ' ପାଳିତ ହୋଇଥାଏ । ଏହି ଦିବସର ଆରମ୍ଭ ୨୦୦୩ ମସିହାରେ 'ଇଣ୍ଟରନ୍ୟାସନାଲ ଆସୋସିଏସନ୍ ଫର୍ ସୁଇସାଇଡ୍ ପ୍ରିଭେନ୍ସନ୍' ଏବଂ 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ'ର ଯୁଗ୍ମ ଉଦ୍ୟମରେ ଷ୍ଟକହୋମ୍‌ଠାରେ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆତ୍ମହତ୍ୟାକୁ ଏକ ପ୍ରତିରୋଧଯୋଗ୍ୟ ସମସ୍ୟା ଭାବେ ଗ୍ରହଣ କରି ସମାଜରୁ ଏହି ସମ୍ପର୍କିତ କୁସଂସ୍କାର, ଲଜ୍ଜା ଓ ନୀରବତାକୁ ଦୂର କରିବା । ଏହି ଦିବସର ବିଷୟବସ୍ତୁ "ଆତ୍ମହତ୍ୟା ସମ୍ପର୍କିତ ଦୃଷ୍ଟିକୋଣକୁ ବଦଳାନ୍ତୁ" ରଖାଯାଇଛି, ଯାହାର ମୁଖ୍ୟ ଆହ୍ୱାନ ହେଉଛି "ଆଲୋଚନା ଆରମ୍ଭ କରନ୍ତୁ" । ମାନସିକ ଚାପ, ନିରାଶାରେ ପୀଡ଼ିତ ବ୍ୟକ୍ତିଙ୍କୁ ସମାଲୋଚନା ନକରି ସେମାନଙ୍କ କଥା ସମ୍ବେଦନଶୀଳତାର ସହ ଶୁଣିବା । ସଠିକ୍ ସମୟରେ ଡାକ୍ତରୀ କିମ୍ବା ମାନସିକ ସହାୟତା ଯୋଗାଇଦେବା ଦ୍ୱାରା ଅନେକ ଜୀବନ ବଞ୍ଚାଯାଇପାରିବ । ଆମ ସମାଜରେ ଖୋଲାଖୋଲି ମାନସିକ ସ୍ୱାସ୍ଥ୍ୟ ବାବଦରେ କଥା ହେବାର ବାତାବରଣ ସୃଷ୍ଟି କରିବା ଏହି ଦିବସର ସବୁଠାରୁ ବଡ଼ ସାର୍ଥକତା ।



## ସ୍କୁଲରେ ଖାଇବା ଛୁଟିରେ ମିଳୁଛି ଶୋଇବାକୁ ସୁବିଧା



ଚୀନ୍‌ର ସ୍କୁଲଗୁଡ଼ିକରେ ଏବେ ଖାଇବା ଛୁଟି ସମୟରେ ପିଲାମାନେ ଡେସ୍କ ଉପରେ ମୁଣ୍ଡ ରଖି ଶୋଇବା ବଦଳରେ ଆରାମରେ ଶୋଇପାରୁଛନ୍ତି । ଯେଉଁଥିପାଇଁ ସେଠାରେ କିଛି ସହଜ ଷ୍ଟେପ୍‌ରେ ବିଛଣାରେ ପରିଣତ ହୋଇପାରୁଥିବା ବିଶେଷ ଡେସ୍କ-ଚୌକି ଲଗାଯାଉଛି । କ୍ଲାସ ଚାଲିଥିବା ସମୟରେ ଏଗୁଡ଼ିକ ସାଧାରଣ ଡେସ୍କ-ଚୌକି ଭଳି ବ୍ୟବହାର ହେଉଥିବା ବେଳେ, ଲଞ୍ଚ ବ୍ରେକ୍‌ରେ ସିଟ୍‌କୁ ଆଗକୁ ବଢ଼ାଇ ଏବଂ ବ୍ୟାକ୍‌ରେଷ୍ଟକୁ ପଛକୁ ନୁଆଁଇ ସୁବିଧାରେ ଶୋଇବା ଯୋଗ୍ୟ କରାଯାଇପାରୁଛି । ଏହାଦ୍ୱାରା ଡେସ୍କ ଉପରେ ଝୁଙ୍କି ଶୋଇବା ଯୋଗୁଁ ବେକ ଓ ହାତ ଉପରେ ପଡୁଥିବା ଚାପ କମିଯାଏ । ଚୀନ୍‌ର ଅନେକ ସ୍କୁଲରେ ଏହି ଡେସ୍କ-ଚୌକିର ବ୍ୟବହାର ଆରମ୍ଭ ହୋଇସାରିଥିବା ବେଳେ, ଚୀନ୍ ସରକାର ଫେବୃଆରୀ ମାସରୁ ସ୍କୁଲ ଡେସ୍କ-ଚୌକି ପାଇଁ ନୂଆ ନ୍ୟାସନାଲ ଷ୍ଟାଣ୍ଡାର୍ଡ ଲାଗୁ କରିଛନ୍ତି । ଯେଉଁଥିରେ ସିଟ୍‌ର ଉଚ୍ଚତା, ବ୍ୟାକ୍‌ରେଷ୍ଟର ଆଙ୍ଗେଲ୍ ଏବଂ ଡେସ୍କ ତଳର ଖାଲି ସ୍ଥାନ ଭଳି ବିଷୟ ପାଇଁ କଠୋର ନିୟମ ସ୍ଥିର କରାଯାଇଛି । ସୂଚନାଯୋଗ୍ୟ ଯେ, ଚୀନ୍‌ର ସ୍କୁଲଗୁଡ଼ିକରେ ଖାଇବା ଏବଂ ଆରାମ କରିବା ପାଇଁ ପ୍ରତିଦିନ ପ୍ରାୟ ୨ ଘଣ୍ଟାର ବ୍ରେକ୍ ମିଳିଥାଏ ।

## କଖାରୁଫୁଲ ପକୋଡ଼ି



ସାମଗ୍ରୀ- କଖାରୁଫୁଲ, ପିଆଜ, ଅଦା, ବେସନ, ବେକିଂ ପାଉଡ଼ର, କଞ୍ଚାଲଙ୍କା, ଜୁଆଣି, କଳାଜିରା, ଭୃସଙ୍ଗପତ୍ର, ଲୁଣ ।

ପ୍ରଣାଳୀ- କଖାରୁଫୁଲକୁ ଧୋଇ ଛୋଟ ଛୋଟ କରି କାଟିଦିଅନ୍ତୁ । ଏହାପରେ କଞ୍ଚାଲଙ୍କା, ଅଦା, ପିଆଜ, ଭୃସଙ୍ଗପତ୍ରକୁ ମଧ୍ୟ ଛୋଟଛୋଟ କରି କାଟନ୍ତୁ । ଏହାପରେ ଏକ ପାତ୍ରରେ ବେସନ ସହିତ ପୂର୍ବରୁ କଟାହୋଇ ରହିଥି ବା ସମସ୍ତ ସାମଗ୍ରୀ, ଲୁଣ, ବେକିଂ ପାଉଡ଼ର, ଜୁଆଣି, କଳାଜିରା ପକାଇ ଗୋଳାନ୍ତୁ । ତେଲ ଗରମ କରି ମିଶ୍ରଣରୁ ପକୋଡ଼ି ଛାଣନ୍ତୁ ।

## ଇତିହାସ

୧୮୧୪: ଏଲାୟସ ହୋବେଙ୍କ ଦ୍ୱାରା ସିଲେଇ ମେଶିନର ପ୍ରଥମ ମଡେଲ ପ୍ରସ୍ତୁତ ।
୧୮୪୭: ହାୱାଇ ଦ୍ୱୀପରେ ଖୋଲିଲା ପ୍ରଥମ ଥିଏଟର ।
୧୮୯୭: ଦୁନିଆର ସର୍ବପ୍ରଥମ ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ ଗିରଫଦାରୀ ।
୧୯୭୭: ଫ୍ରାନ୍ସରେ ଅନ୍ତିମ ଫାଶୀ ।
୧୯୭୨: ବଲିଉଡ୍ ସିନେ ନିର୍ଦ୍ଦେଶକ ଅନୁରାଗ କଶ୍ୟପଙ୍କ ଜନ୍ମ ।
୧୯୭୬: ଇଣ୍ଡିଆନ୍ ଏୟାର୍‌ଲାଇନ୍ସର ବୋଇଂ ୭୩୭ ଲାହୋରରୁ ଅପହୃତ ।
୧୯୮୯: ଭାରତୀୟ କ୍ରିକେଟର ମନିଷ ପାଣ୍ଡେଙ୍କ ଜନ୍ମ ।
୨୦୦୧: ଆଲେକ୍‌ଜେଣ୍ଡ୍ରିୟା ଫିଲ୍ମ ଫେଷ୍ଟିଭାଲରେ ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସମ୍ମାନିତ ।
୨୦୧୬: ରିୟୋ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଲେ ମାରିୟପ୍ପନ ଥଙ୍ଗବେଲୁ ।
୨୦୨୦: ଭାରତୀୟ ବାୟୁସେନାରେ ସାମିଲହେଲା ଫ୍ରାନ୍ସ ନିର୍ମିତ ୫ ବହୁବିଧ ଯୁଦ୍ଧ ବିମାନ ।
୨୦୨୩: ଜି-୨୦ରେ ସ୍ଥାୟୀ ସଦସ୍ୟ ହେଲା ଆଫ୍ରିକି ସଂଘ ।

## ରୋବଟ୍ ଆନ୍ଦୋଳନ

ସାଧାରଣତଃ ରୋବୋଟ୍ ବ୍ୟବହାର ଦ୍ୱାରା ମଣିଷର ଚାକିରି ଯିବାର ଭୟ ରହୁଛି । ତେବେ ପୋଲାଣ୍ଡର ୱାର୍ସୋ ସହରରେ ମଣିଷର ଜୀବିକା ସୁରକ୍ଷା ପାଇଁ ରୋବୋଟ୍‌ଗୁଡ଼ିକ ରାଜରାସ୍ତାକୁ ଓହ୍ଲାଇଥିବା ଭଳି ଅଜବ ଘଟଣା ସାମନାକୁ ଆସିଛି । ରୋବଟଗୁଡ଼ିକ ଏକତ୍ରିତ ହୋଇ ଏକ ଅନନ୍ୟ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । 'ଡେମୋକେଟିଜମ୍' ନାମକ ଏକ ସଂସ୍ଥା ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନରେ ପ୍ରାୟ ୩୦ଟି ହ୍ୟୁମାନୋଏଡ୍ ରୋବୋଟ୍ ଏବଂ ରୋବୋଟ୍ ଡଗ୍ ଡିଜିଟାଲ୍ ଆଫେୟାର୍ସ ମନ୍ତ୍ରାଳୟ ବାହାରେ ହାତରେ ପତାକା ଓ ପୋଷ୍ଟର ଧରି 'ଏଆଇକୁ ନିୟନ୍ତ୍ରଣ କର' ଏବଂ 'କର୍ମକ୍ଷେତ୍ର ବଞ୍ଚାଓ' ଭଳି ନାରାବାଜି କରିଥିଲେ । କୃତ୍ରିମ ବୁଦ୍ଧିମତ୍ତା ଓ ଅଟୋମେସନ୍‌ର ଅସୀମ ବ୍ୟବହାର ଦ୍ୱାରା ଭବିଷ୍ୟତରେ ମଣିଷର ଚାକିରି ଉପରେ ପଡ଼ିବାକୁ ଥିବା ପ୍ରତିକୂଳ ପ୍ରଭାବ ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ଏଥିପାଇଁ କଠୋର ନିୟମ ପ୍ରଣୟନ କରିବା ଏହି ପ୍ରତିବାଦର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସୂଚନାଯୋଗ୍ୟ ଯେ, ପୋଲାଣ୍ଡ ସରକାର ଗତ ଜୁଲାଇ ମାସରେ ଏଆଇ ସିଷ୍ଟମର ସୁରକ୍ଷା ଓ ନଜର ରଖିବା ପାଇଁ ଏକ ନୂଆ ଆଇନ ମଧ୍ୟ ଆଣିଛନ୍ତି ।




## ରାଜପାଲଙ୍କର ବଢୁଛି ଅଡୁଆ

ଅଭିନେତା ରାଜପାଲ ଯାଦବଙ୍କୁ ଚେକ୍ ବାଉନ୍ସ ମାମଲାରେ ଆତ୍ମସମର୍ପଣରୁ ଅନ୍ତରୀଣ ଛାଡ଼ ପାଇବା କୋର୍ଟ ରେଜିଷ୍ଟ୍ରିରେ ୫ କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଫିଲ୍ମ 'ଅତା ପତା ଲାପତା' ପାଇଁ 'ମୁରଲୀ ପ୍ରୋଜେକ୍ଟସ ପ୍ରାଇଭେଟ୍ ଲିମିଟେଡ୍'ରୁ ନିଆଯାଇଥିବା ଅର୍ଥ ଓ ୭ଟି ଚେକ୍ ବାଉନ୍ସ ହେବା ମାମଲାରେ ଏହି ଶୁଣାଣି ଜାରି ରହିଛି । ଦିଲ୍ଲୀ ହାଇକୋର୍ଟ ଗତ ୧୦ ଜୁଲାଇରେ ତାଙ୍କର ଦୋଷସିଦ୍ଧି ଓ ୩ ମାସର ଜେଲ୍ ଦଣ୍ଡାଦେଶକୁ ବଜାୟ ରଖିବା ସହ ସେପ୍ଟେମ୍ବର ୧୦ ସୁଦ୍ଧା ଆତ୍ମସମର୍ପଣ କରିବାକୁ କହିଥିଲେ । ଯାହାକୁ ଆହ୍ୱାନ କରି ରାଜପାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେହିଭଳି ଆସନ୍ତା ସେପ୍ଟେମ୍ବର ୧୫କୁ ଏହାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି । ପ୍ରକାଶଯୋଗ୍ୟ, ୨୦୧୦ରେ ଫିଲ୍ମ ନିର୍ମାଣ ପାଇଁ ମୁରଲୀ ପ୍ରୋଜେକ୍ଟସ ୫ କୋଟି ଟଙ୍କା ବିନିଯୋଗ କରିଥିବାବେଳେ ପରବର୍ତ୍ତୀ ସମୟରେ ବିବାଦ ବଢ଼ିବାରୁ ୨୦୧୨ରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ରାଜପାଲଙ୍କ ପକ୍ଷରୁ କୁହାଯାଇଛି ଯେ ଏହା ଋଣ ନଥିଲା ବରଂ ଏକ ନିବେଶ ଥିଲା । ୨୦୧୮ ରେ ଟ୍ରାଏଲ କୋର୍ଟ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିବା ପରେ ୨୦୧୯ ରେ ତାଙ୍କୁ ୩ ମାସର ସାଧାରଣ ଜେଲ ଦଣ୍ଡ ଓ ପ୍ରତ୍ୟେକ ମାମଲାରେ ୧.୩୫ କୋଟି ଟଙ୍କାର ଜରିମାନା ଶୁଣାଇଥିଲେ । ଯାହାକୁ ୨୦୨୪ରେ ସେସନ୍ସ କୋର୍ଟ ଏବଂ ପରେ ଦିଲ୍ଲୀ ହାଇକୋର୍ଟ ବଜାୟ ରଖିବା ସହ ତାଙ୍କର ପ୍ରୋବେସନ ଆବେଦନକୁ ଖାରଜ କରିଦେଇଥିଲେ । ହାଇକୋର୍ଟ ଉଲ୍ଲେଖ କରିଥିଲେ ଯେ ବାରମ୍ବାର ସୁଯୋଗ ସତ୍ତ୍ୱେ ବକେୟା ପରିଶୋଧ କରାଯାଇନାହିଁ । ଅପରପକ୍ଷରେ, ୧୨ ଦିନ ତିହାଡ଼ ଜେଲରେ ରହି ଫେବୃଆରୀ ୧୭ରେ ଖଲାସ ହୋଇଥିବା ରାଜପାଲଙ୍କର ୧୩ ବର୍ଷ ମଧ୍ୟରେ ୨୫୦ କୋଟି ଟଙ୍କାର କ୍ଷତି ହୋଇଛି । ବ୍ୟାଙ୍କ ତାଙ୍କ ଘର ନିଲାମ କରୁଛି, କିନ୍ତୁ ସେ ସମସ୍ତଙ୍କ ବକେୟା ଟଙ୍କା ସମ୍ପୂର୍ଣ୍ଣ ଭାବେ ଫେରସ୍ତ କରିଦେବେବୋଲି ରାଜପାଲ ମତ ରଖିଛନ୍ତି ।





**ମେଷ:** ମାନସିକ କ୍ଲେଶ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସହଯୋଗ, ଶରୀର ଅସୁସ୍ଥ, ଦୂରଯାତ୍ରା, ଦେବକାର୍ଯ୍ୟ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ସ୍ୱଜନ ବିରୋଧ, ଉଚ୍ଚଆଶା ବିଫଳ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୪, ଆରାଧନା-ମା' ଧୂମାବତୀ ।

**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ସହଯୋଗ, ତୀର୍ଥାଟନ, ପାରିବାରିକ ସହଯୋଗ, ଉତ୍ସବରେ ଆନନ୍ଦ, ବ୍ୟବସାୟରେ ଉନ୍ନତି, ଶତ୍ରୁସମସ୍ୟା, ନୂତନ କାର୍ଯ୍ୟାରମ୍ଭ, ଦାମ୍ପତ୍ୟ ଖୁସି, ସନ୍ତାନକଷ୍ଟ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ମିଥୁନ:** ଅର୍ଥଖର୍ଚ୍ଚ, ଶୁଭକାର୍ଯ୍ୟ, ବନ୍ଧୁଗୃହେ ଯାତ୍ରା, ଶତ୍ରୁ ସମାଧାନ, ଗୃହେ ଉତ୍ସବ, ସୁମିଷ୍ଟ ଭୋଜନ, ଶରୀର କଷ୍ଟ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଲୋକସମ୍ପର୍କ ବୃଦ୍ଧି । ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

**କର୍କଟ:** ସଫଳତା, ବନ୍ଧୁଲାଭ, ସମ୍ମାନପ୍ରାପ୍ତି, ଅର୍ଥପ୍ରାପ୍ତି, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ବିବାଦ ସମାଧାନ, ଉଚ୍ଚଆଶା ପୂର୍ଣ୍ଣ, ସ୍ତ୍ରୀହେତୁକ ଧନପ୍ରାପ୍ତି, ଶରୀର ଅସୁସ୍ଥ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧୨, ଆରାଧନା-ଭଗବାନ ଶଙ୍କର ।

**ସିଂହ:** ଯାତ୍ରାଜନିତ କ୍ଲେଶ, ଅର୍ଥଖର୍ଚ୍ଚ, ସୁମିଷ୍ଟ ଭୋଜନପ୍ରାପ୍ତି, ସହଯୋଗ, ଅଳ୍ପସମସ୍ୟା, ତୀର୍ଥାଟନ, ବନ୍ଧୁବିରୋଧ, ପାରିବାରିକ ସମସ୍ୟା, ଅର୍ଥକୁନେଇ ବିବାଦ, କର୍ମକ୍ଷେତ୍ରେ ମିତ୍ରତା । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ଦକ୍ଷିଣକାଳୀ ।

**କନ୍ୟା:** ମର୍ଯ୍ୟାଦାଲାଭ, ଶୁଭଖବର, ଉଚ୍ଚଆଶା ପୂର୍ଣ୍ଣ, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ପିଲାଙ୍କପାଇଁ ଶୁଭଖବର, ଶରୀର ସୁସ୍ଥ, ଶୁଭ ଆଲୋଚନା । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ମା' କମଳା ।

**ତୁଳା:** ଆୟବୃଦ୍ଧି, ଶତ୍ରୁସମସ୍ୟା, ଶାରୀରିକ କ୍ଲେଶ, ଗୃହେ ଉତ୍ସବ, ଦେବଦର୍ଶନ, ବନ୍ଧୁଲାଭ, ଦ୍ରବ୍ୟପ୍ରାପ୍ତି, ବ୍ୟବସାୟ ଆରମ୍ଭ, ହଠାତ୍ ଦୂରଯାତ୍ରା, ମାନସିକ ଶାନ୍ତି । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବିଘ୍ନ ଘଟିବ, ଶତ୍ରୁସମସ୍ୟା, ଅଳ୍ପଖୁସି, ଜମିଜମା ଗଣ୍ଡଗୋଳ, ଆଶାରେ ବାଧା, ସମ୍ପର୍କହାନି, ଶରୀର କଷ୍ଟ, ଅଳ୍ପଲାଭ, ବ୍ୟବସାୟରେ ସ୍ୱଳ୍ପ ଲାଭ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୩, ଆରାଧନା-ବିଷ୍ଣୁ ଭଗବାନ ।

**ଧନୁ:** କର୍ମକ୍ଷେତ୍ରେ ଲାଭ, ଉଚ୍ଚଆଶାରେ ବାଧା, ଶାରୀରିକ କ୍ଲେଶ, ଦେବକାର୍ଯ୍ୟରେ ଖୁସି, ଶତ୍ରୁସମସ୍ୟା, ଗୃହେ ଉତ୍ସବ, ଦାମ୍ପତ୍ୟସୁଖ, ବ୍ୟବସାୟରେ ଖୁସି, ବିଦ୍ୟାରେ ସଫଳ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା-ମା' ବଗଳାମୁଖୀ ।

**ମକର:** ବନ୍ଧୁଲାଭ, ଆଶା ପୂର୍ଣ୍ଣ, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଶତ୍ରୁସମସ୍ୟା, ଶାରୀରିକ କ୍ଲେଶ, ଅତିଥି ଚର୍ଚ୍ଚା, ଖର୍ଚ୍ଚାନ୍ତଯୋଗ । ଧନିଷ୍ଠା ନକ୍ଷତ୍ର-ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା-ମା' ମଙ୍ଗଳା ।

**କୁମ୍ଭ:** ନୂତନ ଆୟ, ଦେବକାର୍ଯ୍ୟ, ଅର୍ଥଲାଭ, ସୁସମ୍ପର୍କ, ଶରୀର କଷ୍ଟ, ଶତ୍ରୁକଷ୍ଟ, ଆଶା ବିଫଳ, ତୀର୍ଥାଟନ, ଗୃହେ ଆନନ୍ଦ, କିଛି କାର୍ଯ୍ୟରେ ବିବାଦ । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ମା' ପାର୍ବତୀ ।

**ମୀନ:** ଅସନ୍ତୋଷ, କର୍ମକ୍ଷେତ୍ରେ ସମସ୍ୟା, ସ୍ୱଳ୍ପଲାଭ, ଦେବକାର୍ଯ୍ୟରେ ଖୁସି, ନୂତନ ନିଯୁକ୍ତି, ପାରିବାରିକ ଖୁସି, ତୀର୍ଥାଟନ, ଗାଡ଼ିମୋଟର ଚାଳନାରେ ସାବଧାନ, ଉଚ୍ଚଆଶା ବିଫଳ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ମା' ଭଗବତୀ ।

ଭାଦ୍ରବ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ
୧୦.୯.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ଆବୁଧାବିରେ ଆଇବିପିଜି ସହ ମୁଖ୍ୟମନ୍ତ୍ରୀଙ୍କ ରାଉଣ୍ଡଟେବୁଲ୍ ଆଲୋଚନା : ଓଡ଼ିଶା ଇନଭେଷ୍ଟର୍ସ ମିଟ୍‌ର ଅଂଶ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ ସହ ଏକ ରାଉଣ୍ଡଟେବୁଲ୍ ଆଲୋଚନାରେ ଯୋଗଦେଇଛନ୍ତି । ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନି ଓ ବ୍ୟବସାୟିକ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା । ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ କଣ୍ଟ୍ରାକ୍ଟ ମ୍ୟାନୁଫାକ୍ଚରିଂ ଏବଂ ଦକ୍ଷ ମାନବ ସମ୍ବଳ ନିମନ୍ତେ ସୁଯୋଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ରୁଚି, ଫାର୍ମ ବି, ବି ୱାନ , ଓରି କ୍ଲିନ୍ ଭଳି ଓଡ଼ିଶାଭିତ୍ତିକ କମ୍ପାନୀ ଯୋଗଦେଇଥିଲେ । ଏଥିରେ ଆଇବିପିଜି ସଭାପତି ରାଜୀବ ଶାହା ମଧ୍ୟ ଉପସ୍ଥିତ ଥିଲେ. ।

### ସମ୍ପତ୍ତି ଭାଗବଣ୍ଟାକୁ ନେଇ ପାରିବାରିକ ବିବାଦ

# ପୁଅକୁ ହତ୍ୟା କଲେ ବାପା ଓ ସାବତ ମାଆ

ଭଦ୍ରକ,(ସବ୍ୟୁ): ସମ୍ପତ୍ତି ଭାଗବଣ୍ଟାକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ପାରିବାରିକ ବିବାଦର କରୁଣ ପରିଣତି ଘଟିଛି । ବାପା ଓ ସାବତ ମାଆଙ୍କ ଧାରୁଆ ଅସ୍ତ୍ର ଆକ୍ରମଣରେ ପୁଅର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନ ଚୁନିଦା ଅଂଚଳରେ ବୁଧବାର ସକାଳେ ଏହି ଘଟଣା ଘଟିଛି । ସମ୍ପତ୍ତି ଭାଗବଣ୍ଟାକୁ ନେଇ ବାପା ରବୀନ୍ଦ୍ର ଓ ପୁଅ ବିକାଶଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା । ରବୀନ୍ଦ୍ରଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ମମତା ସାହୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ଏହାପରେ ସମ୍ପତ୍ତିକୁ କେନ୍ଦ୍ର କରି ପରିବାରରେ ବିବାଦ ଆହୁରି ତୀବ୍ର ହୋଇଥିବା ଜଣାପଡ଼ିଛି । କିଛି ମାସ ତଳେ ବିକାଶଙ୍କ ବିବାହ ହୋଇଥିଲା । ବିବାହ ପରେ ବାପା-ପୁଅଙ୍କ ମଧ୍ୟରେ ବିବାଦ ଆହୁରି ବଢ଼ିଥିବା କୁହାଯାଉଛି । ବୁଧବାର ସକାଳେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ପୁଣିଥରେ ବାପା-ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହି ସମୟରେ ବିକାଶଙ୍କ ସ୍ତ୍ରୀଙ୍କୁ ଘର ଭିତରେ ବନ୍ଦ କରି ଦେବା ପରେ ରବୀନ୍ଦ୍ର ଓ ମମତା ମିଳିତ ଭାବେ ବିକାଶଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ବିକାଶ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତର ବିକାଶଙ୍କୁ ଉଦ୍ଧାର କରି ପ୍ରଥମେ ଚୁନିଦା ମେଡିକାଲ ଓ ପରେ ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ପରୀକ୍ଷା ପରେ ବିକାଶଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ଅଭିଯୁକ୍ତ ରବୀନ୍ଦ୍ର ଓ ମମତାଙ୍କୁ ଚୁନିଦା ମେଡିକାଲ ଭିତରେ ଅଟକ ରଖିଥିଲେ । ଖବର ପାଇ ଭଦ୍ରକ ଗ୍ରାମାଂଚଳ ପୋଲିସ ଘଟଣାସ୍ଥଳରେ ପହଂଚି ଉଭୟଙ୍କୁ ନିଜ ହେପାଜତକୁ ନେଇ ଥାନାକୁ ଆଣିଛି । ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ, ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ଘଟଣାରେ କେଉଁମାନଙ୍କର ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ ଜାରି ରହିଛି । ତେବେ ଘଟଣା ଲେଖା ହେବା ବେଳକୁ ଉଭୟ ବାପା ଓ ସାବତ ମାଆ ଥାନାରେ ଅଟକ ଥିବା ଜଣାଯାଇଛି ।

# ନକଲି ନିଯୁକ୍ତିପତ୍ର ଦେଇ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ

## ଦୀଘାରୁ ଅଭିଯୁକ୍ତ ଗିରଫ

ଭଦ୍ରକ,(ସବ୍ୟୁ): ନେତା ଓ ମନ୍ତ୍ରୀଙ୍କ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଅପଲୋଡ୍ କରୁଥିଲା । ଏହି ଫଟୋ ଦେଖାଇ ନିଜକୁ ବଡ଼ବଡ଼ ନେତା,ମନ୍ତ୍ରୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିକଟତମ ବୋଲି ପରିଚୟ ଦେଉଥିଲା । ଏହାପରେ ବିଭିନ୍ନ ସରକାରୀ ସଂସ୍ଥାରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଲକ୍ଷ ଲକ୍ଷ ଟଙ୍କା ନେଉଥିବା ଅଭିଯୋଗ ହୋଇଛି । ନକଲି ନିଯୁକ୍ତି ଓ ପୋଷ୍ଟିଂ ଲେଟର ଦେଇ ଲୋକଙ୍କୁ ଠକେଇ କରୁଥିବା ଅଭିଯୋଗରେ ଭଦ୍ରକ ସହରାଂଚଳ ପୋଲିସ ଜଣେ ଯୁବକଙ୍କୁ ଦୀଘାରୁ ଗିରଫ କରିଛି । ଗିରଫ ଯୁବକ ହେଲେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଂଚଳର ଜଗନ୍ନାଥ ବହଳିଆ । ଜଗନ୍ନାଥ ନିଜକୁ ବିଭିନ୍ନ ନେତା,ମନ୍ତ୍ରୀ ଓ ବଡ଼ବଡ଼ିଆଙ୍କ ନିକଟତମ ବୋଲି ପରିଚୟ ଦେଉଥିଲା । ସେମାନଙ୍କ ସହ ଉଠାଇଥିବା ଫଟୋକୁ ସୋସିଆଲ ମିଡିଆରେ ପ୍ରଚାର କରି ନିଜର ପ୍ରଭାବ ଦେଖାଉଥିଲା । ଅଭିଯୋଗ ଅନୁଯାୟୀ,ଗଣଶିକ୍ଷା ବିଭାଗ,ରେଳବାଇ ଭଳି ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥାରେ ଚାକିରି କରାଇଦେବାକୁ କହି ପ୍ରଥମେ ଆଶାୟୀଙ୍କଠାରୁ ଫର୍ମ ପୂରଣ କରାଉଥିଲା । ପରେ ଚାକିରି ପାଇଁ ମୋଟା ଅଙ୍କର ଟଙ୍କା ନେଇ ନକଲି ନିଯୁକ୍ତି କିମ୍ବା ପୋଷ୍ଟିଂ ଲେଟର ଦେଉଥିବା ପୋଲିସ କହିଛି । ଏଭଳି ଠକେଇର ଶିକାର ହୋଇଥିବା ବାଲେଶ୍ୱର ଜିଲ୍ଲାର ଜଣେ ଯୁବକଙ୍କଠାରୁ ରେଳବାଇରେ ଚାକିରି କରାଇଦେବା ପାଇଁ ୧୫ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଛି । ଟଙ୍କା ନେବା ପରେ ତାଙ୍କୁ ରେଳବାଇରେ ପୋଷ୍ଟିଂ ପାଇଁ ଏକ ଲେଟର ଦେଇ ଧାନବାଦ ପଠାଇଥିଲା । ତେବେ ସେଠାରେ ପହଂଚିବା ପରେ ଲେଟରଟି ନକଲି ବୋଲି ଜଣାପଡ଼ିଥିଲା । ଏହାପରେ ଠକେଇର ଶିକାର ଯୁବକ ଭଦ୍ରକ ସହରାଂଚଳ ଥାନାରେ ଏତଲା ଦେଇଥିଲେ । ଏତଲା ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଜଗନ୍ନାଥଙ୍କୁ ଖୋଜୁଥିଲା । ଶେଷରେ ତାଙ୍କୁ ଦୀଘାରୁ କାବୁ କରି ଭଦ୍ରକକୁ ଆଣିଥିଲା ପୋଲିସ । ପୋଲିସର ସୂଚନା ଅନୁଯାୟୀ,ଜଗନ୍ନାଥ ବିଭିନ୍ନ ଲୋକଙ୍କଠାରୁ ଚାକିରି କରାଇଦେବା ନାଁରେ କୋଟିଏରୁ ଅଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ରହିଛି । ତାଙ୍କ ନିକଟରୁ ବହୁ ଫର୍ମ,ନକଲି ଦସ୍ତାବିଜ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି ପୋଲିସ । ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଠକେଇର ପରିମାଣ କେତେ,ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି ବୋଲି କହିଛନ୍ତି ଭଦ୍ରକ ସହରାଂଚଳ ଥାନା ଅଧିକାରୀ ପ୍ରଭାଂଶୁ ମିଶ୍ର ।

# ଓରାଙ୍ଗଉଟାନ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କଲେ ମନ୍ତ୍ରୀ

ବାରଙ୍ଗ ,(ସବ୍ୟୁ) : ବାଲେଶ୍ୱର ଭୋଗରାଇରୁ ୫ଟି ଉଦ୍ଧାର ଓରାଙ୍ଗଟାନ ନନ୍ଦନକାନନକୁ ଆସିବା ପରେ ବୁଧବାର ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଆସିସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରି ଫେରିଛନ୍ତି ।ମନ୍ତ୍ରୀ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ଓରାଙ୍ଗଟାନର କିପରି ଅଛି ,ସେମାନଙ୍କ ସ୍ୱାସ୍ଥ୍ୟ,ଖାଦ୍ୟପେୟ ଆଦି ବିଷୟରେ ପଚାରି ବୁଝିଥିଲେ ।ଏହାପରେ ଲାଳନ ପାଳନ କେନ୍ଦ୍ରକୁ ଯାଇ ଓରାଙ୍ଗଉଟାନର ସ୍ଥିତି



ଅନୁଧ୍ୟାନ କରିଥିଲେ ।ତେବେ ସେମାନଙ୍କ ମଧ୍ୟରୁ ଗୋଟେ ଓରାଙ୍ଗଉଟାନର ସ୍ୱାସ୍ଥ୍ୟ ଖରାପ ଥିବାରୁ ତାର ଚିକିତ୍ସା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି । ସେପଟେ କିଛିଦିନ କ୍ୱାରେନଟାଇନରେ ରହିବା ପରେ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମୁତାବକ ପର୍ଯ୍ୟଟକ ଦେଖିବା ପାଇଁ ଖୁଆଡରେ ଛଡ଼ା ଯିବା ।ଏଥିପାଇଁ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି ।ତାଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ପର୍ଯ୍ୟଟକ ମାନେ ଓରାଙ୍ଗଉଟାନକୁ ଦେଖିବାର ସୁଯୋଗ ପାଇବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।ମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ ପିସିସିଏଫ ପ୍ରେମ କୁମାର ଝା, ନିର୍ଦ୍ଦେଶକ ସନତ ନାରାୟଣ,ଉପ ନିର୍ଦ୍ଦେଶକ ପ୍ରଦୀପ ମିରାସେ ସମେତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ରକ୍ତମୁଖା ବାପା

# ଟାଙ୍ଗିଆରେ ହାଣି ସ୍ତ୍ରୀକୁ ହତ୍ୟା, ୩ ବର୍ଷର ଝିଅ ଗୁରୁତର

ବଲାଙ୍ଗିର,(ସବ୍ୟୁ) : ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ରକ୍ତର ଦାଗ । ଯେଉଁ ହାତରେ ସ୍ତ୍ରୀର ମୁଣ୍ଡରେ ସିନ୍ଦୂର ଭରିଥିଲା, ସେହି ହାତରେ ଟାଙ୍ଗିଆ ଧରି ସ୍ତ୍ରୀକୁ ହତ୍ୟା କରିବା ଭଳି ଅଭାବନୀୟ ଘଟଣା ବଲାଙ୍ଗିର ଜିଲ୍ଲା ବେଲପଡ଼ା ଥାନା ଅନ୍ତର୍ଗତ ଭରୁଆପାଲି ଗାଁରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସ୍ତ୍ରୀକୁ ହତ୍ୟା କରିବା ପରେ ନିଜର ମାତ୍ର ୩ ବର୍ଷର ଝିଅକୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁସାରେ, ଭରୁଆପାଲି ଗାଁର ଜୟକିଶାନ କରୁଆଁ ନିଜ ସ୍ତ୍ରୀ ରଂଜିତା କରୁଆଁଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ରଂଜିତା ଗୁରୁତର ଆହତ ହୋଇଥିଲେ । ଘଟଣା ପରେ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏହାପରେ ଜୟକିଶାନ ନିଜର ୩ ବର୍ଷର ଝିଅକୁ ମଧ୍ୟ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଶିଶୁଟି ଗୁରୁତର ଆହତ ହୋଇଥିଲା । ତାକୁ ତୁରନ୍ତ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଶିଶୁର ଚିକିତ୍ସା ଚାଲିଥିବା ବେଳେ



ଘଟଣାକୁ ନେଇ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ତ୍ରୀକୁ ଆକ୍ରମଣ କରିବା ପରେ ଜୟ କିଶାନ ନିଜେ ମଧ୍ୟ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି । ତେବେ ଘଟଣା ସମ୍ପର୍କରେ ଜାଣିବା ପରେ ଗାଁ ଲୋକେ ତାକୁ କାବୁ କରି ଅଟକ ରଖିଥିଲେ । ପରେ ଖବର ପାଇ ବେଲପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜୟକିଶାନକୁ ଗିରଫ କରିଥିବା ଜଣାପଡ଼ିଛି । ଘଟଣାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି । ହତ୍ୟା ପଛରେ ପ୍ରକୃତ କାରଣ କଣ, ତାହା ଜାଣିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି । ଘଟଣା ସମୟରେ ଜୟକିଶାନ ମଦ୍ୟପାନ କରିଥିଲା କି ନାହିଁ, ସେନେଇ ମଧ୍ୟ ତଦନ୍ତ କରାଯାଉଛି ।

ସ୍ଥାନୀୟ ଲୋକଙ୍କ ମଧ୍ୟରୁ କେହି କେହି ଜୟକିଶାନ ମଦ ପିଇ ଏଭଳି ଘଟଣା ଘଟାଇଥିବା କହୁଥିବା ବେଳେ ଆଉ କେତେକ ଲୋକ ସେ ମାନସିକ ଭାବେ ଅସୁସ୍ଥ ଥିବା କହିଛନ୍ତି । ତେବେ ଏହି ଦୁଇଟି କାରଣ ମଧ୍ୟରୁ ପ୍ରକୃତ କାରଣ କଣ, ତାହା ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ । ଏହି ଘଟଣା ଭରୁଆପାଲି ଗାଁରେ ଭୟ ଓ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଗୋଟିଏ ପରିବାରରେ ଘଟିଥିବା ଏହି ରକ୍ତାକ୍ତ ଘଟଣାରେ ଜଣେ ମହିଳାଙ୍କ ଜୀବନ ଚାଲିଯାଇଥିବା ବେଳେ ତାଙ୍କ ଛୋଟ ଝିଅ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଛି । ଅଭିଯୁକ୍ତ ସ୍ୱାମୀକୁ ପୁଲିସ ଗିରଫ କରିଥିବାରୁ ଘଟଣାର ସମସ୍ତ ପାଶ୍ୱର୍କୁ ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ଏବେ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି ।

# ୧୦ବାଇକ ଜବତ : ୪ ଗିରଫ

ବାଲେଶ୍ୱର, (ସବ୍ୟୁ) : ମଙ୍ଗଳବାର ବିଳମ୍ବିତ ରାତିରେ ଟାଉନଥାନା ସବ୍‌ଇନ୍ସପେକଟର ସୁଦର୍ଶନ ମୁର୍ମୁଙ୍କ ନେତୃତ୍ୱରେ କିଛି ପୁଲିସ କର୍ମଚାରୀ ଗଡ଼ଗଡ଼ିଆ ଛକ ନିକଟରେ ଗାଡ଼ିମଟର ଯାଞ୍ଚ କରୁଥିଲେ । ଏହି ସମୟରେ ୨ଜଣ ଯୁବକ ଦ୍ରୁତବେଗରେ ମଟର ସାଇକେଲରେ ଆସୁଥିବାବେଳେ ଆଗରେ ପୁଲିସକୁ ଦେଖି ସେମାନେ ଗାଡ଼ି ବୁଲାଇ ପଳାଇଯାଉଥିବା ବେଳେ ପୁଲିସ ସେମାନଙ୍କୁ ପିଛାକରି ଧରିନେଇଥିଲେ । ପୁଲିସ ସେମାନଙ୍କ ନାମା ଓ ଠିକଣା ବାବଦରେ ପଚାରିବା ସହ ଗାଡ଼ି କାଗଜପତ୍ର ମାଗିବାରୁ କିଛି ଦେଖାଇପାରି ନଥିଲେ । ଏହାପରେ ପୁଲିସ ଗାଡ଼ିଟିକୁ ନେଇ ଯାଞ୍ଚ କରିବାପରେ ଗାଡ଼ି ନମ୍ବର ପ୍ଲେଟ ଭୁଲ ରହିବା ସହିତ ଇଞ୍ଜିନ୍ ନମ୍ବର ମଧ୍ୟ ଠିକ୍ ନଥିଲା । ଏହା ଚୋରାଗାଡ଼ି ବୋଲି ପୁଲିସ ଜାଣିପାରି ଅଧିକ ତଦନ୍ତ ଚଳାଇ ଆଉ ୨ଜଣଙ୍କୁ ଗିରଫ କରିବା ସହ ୧୦ଟି ଗାଡ଼ି ଜବଦ କରିଥିଲା । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ପାତ୍ରପଡ଼ା ଗ୍ରାମର ମନୋଜ ବେହେରାଙ୍କ ପୁତ୍ର ଦାଦା ଓରଫ ଧିରଜ ବେହେରା (୨୦), ସନ୍ନ୍ୟାସୀ ମାଝୀଙ୍କ ପୁତ୍ର ବାଦଲ ଓରଫ ଉମେଶ ଚନ୍ଦ୍ର ମାଝୀ (୨୬), ପୁରୁଣା ବାଲେଶ୍ୱର ଗ୍ରାମର ଅର୍ଜୁନ ମାଝୀଙ୍କ ପୁତ୍ର ପିତାମ୍ବର ମାଝୀ, ପୁରୁଣା ବାଲେଶ୍ୱର ତୁଳସୀପଦା ଗ୍ରାମର ସ୍ୱର୍ଗତଃ ତାରା ଚନ୍ଦ ତରେଇଙ୍କ ପୁତ୍ର ସବତା ତରେଇ (୪୯) ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ଟାଉନ ଥାନାରେ କେଶ୍ ନମ୍ବର ୩୧୮/୨୦୨୬ ମୂଳେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପରେଶ କୁମାର ରାଉତ ଓ ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି

## ଗଛର ପିଟି ହୋଇ ବାଇକ୍ ଆରୋହୀ ମୃତ

ନୀଳଗିରି, ୯ ସବ୍ୟୁ): ବେପରୁଆ ଗାଡ଼ିଚଳାଇବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଥିବା ଜଣାଯାଇଛି । ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ନିକଟସ୍ଥ ଟାଙ୍ଗିରିଆ ଗ୍ରାମର ବାଜୁନ୍ କିସ୍କୁଙ୍କ ଦୁଇପୁଅ ଫାଦୁ କିସ୍କୁ(୨୦) ଏବଂ ବୁଦ୍ଧିରାମ କିସ୍କୁ (୨୫) ଓଡି- ୧୧ଏକେ -୭ ୩୧୬ବାଇକରେ ନୀଳଗିରି ଅଭିମୁଖେ ଆସୁଥିବା ବେଳେ ବୁଧବାର ମଧ୍ୟାହ୍ନ ପ୍ରାୟ ସାଢ଼େ୧୨ଟାରେ ୧୯ନଂ ରାଜ୍ୟରାଜପଥ ଭାଲୁକାଶୁଣି ନିକଟବର୍ତ୍ତୀ ଦେବଯାନୀ ଛକ ନିକଟରେ ଏକ ଗଛକୁ ଧାକ୍କା ଦେଇ ଛିଟିକି ପଡ଼ିଥିଲେ । ଫଳରେ ଘଟଣାସ୍ଥଳରେ ଫାଦୁ କିସ୍କୁର ମୃତ୍ୟୁ ହୋଇଥିବା ବେଳେ ବୁଦ୍ଧିରାମ ଗୁରୁତର ହୋଇପଡିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲକୁ ଅଣାଯାଇଥିଲେ ହେଁ ଫାଦୁକୁ ଡାକ୍ତର ମୃତଘୋଷଣା କରିଥିବାବେଳେ ବୁଦ୍ଧିରାମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ଆସନ୍ତାକାଲି ଶବବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି ।

# ଆନ୍ତଃରାଜ୍ୟ ବାଇକ ଲୁଟେରାକୁ ଜେଲ ଦଣ୍ଡାଦେଶ

ବାଲୁଗାଁ ,(ସବ୍ୟୁ): ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଏକ ବାଇକ ଚୋରି ମାମଲାର ବିଚାର କରି ମଙ୍ଗଳବାର ସମ୍ପୃକ୍ତ ଆନ୍ତଃରାଜ୍ୟ ଲୁଟେରାକୁ ୪ମାସ ଜେଲ ଦଣ୍ଡାଦେଶ ଶୁଣାଣୀ କରିଛନ୍ତି । ଅଭିଯୁକ୍ତ ହେଲେ ଛତିଶଗଡ଼ ରାଜ୍ୟ ରାୟପୁର ଜିଲ୍ଲା ପଣ୍ଡା ପାରସଓ୍ୱଣୀ ଗ୍ରାମର କୈଳାଶ ନାରଙ୍ଗ (୨୩) ।ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧିନ ବଡକୁଳ ଗ୍ରାମରେ ଗତ ମେ ମାସ ୧୧ତାରିଖ ବିଳମ୍ବିତ ରାତ୍ରିରେ ଠାକୁରଙ୍କ ଚନ୍ଦନ ଯାତ୍ରା ଚାଲିଥିଲା । ଏହି ଯାତ୍ରା ଦେଖିବା ପାଇଁ ବାଇକ ଯୋଗେ ବାଣପୁର ନିକଟ ପ୍ରତାପଗ୍ରାମର କାର୍ତ୍ତିକ ବେହେରା ବଡକୁଳ ଆସିଥିଲେ । ନିଜ ଓ ଡି ୦୨ ଏ ଡବ୍ଲୁ ୯୧୩୪ ନଂ ବିଶିଷ୍ଟ ଟି ଭି ଏସ ଆପାଚି ବାଇକଟିକୁ ସେ ଗ୍ରାମ ସନ୍ନିକଟ ପୋଖରୀ ପାଶ୍ୱର୍ରେ ରଖି ଯାତ୍ରା ଦେଖୁଥିଲେ ।ତେବେ ନିର୍ଜନତାର ସୁଯୋଗ ନେଇ ଲୁଟେରା କୈଳାଶ ବାଇକଟିକୁ ମାଷ୍ଟର ଚାବିରେ ଖୋଲି ଚୋରି କରି ଫେରାର ହେଉଥିବା ବେଳେ ଗ୍ରାମର କିଛି ବ୍ୟକ୍ତି ଦେଖିପାରି ବାଇକକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ କାବୁ କରି ବାଲୁଗାଁ ପୋଲିସ ଜିମା ଦେଇଥିଲେ । ଏ ସମ୍ପର୍କରେ ଗାଡି ମାଲିକ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ ।ଅଭିଯୋଗ ମୁତାବକ ବାଲୁଗାଁ ପୋଲିସ ୧୮୬/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ବାଲୁଗାଁ ଆଇ ଆଇ ସି ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ଏ ଏସ ଆଇ ମନୋରଞ୍ଜନ ସଓ୍ୱାଇଁ ଏହି ମାମଲାର ତଦନ୍ତ ଜାରି ରଖିଥିଲେ । ତେବେ ଆନ୍ତଃରାଜ୍ୟ ଏହି ବାଇକ ଲୁଟେରା ନାମରେ ବିଭିନ୍ନ ଥାନାରେ ଏକାଧିକ ଚୋରି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଥିଲା । ପରବର୍ତ୍ତୀ ସମୟରେ ଚିଲିକା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତରେ ଏହି ମାମଲାଟି ବିଚାରାଧୀନ ଥିଲା । ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ କୈଳାଶ ନାରଙ୍ଗଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ଏହି ମାମଲା ପରିଚାଳନା କରୁଥିଲେ ।

# ଅଙ୍ଗଦାନର ମହାନ ନିଷ୍ପତ୍ତି :ସମ୍‌ରେ ପଞ୍ଚମ ମଲ୍‌ଟିପଲ୍ କ୍ୟାଡାଭେରିକ୍ ଅର୍ଗାନ୍ ରିଟ୍ରିଭାଲ୍

ଭୁବନେଶ୍ୱର, (ସବ୍ୟୁ) : ଗଭୀର ଶୋକ ଓ ଅସହ୍ୟ ଦୁଃଖର ମୁହୂର୍ତ୍ତରେ ମଧ୍ୟ ମାନବିକତା ଓ ପରୋପକାରର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ସମ୍ ଅଲ୍‌ଟିମେଟ୍ ମେଡିକେୟାର (ସମ୍) ରେ ଚିକିତ୍ସାଧୀନ ଜଣେ ବ୍ରେନ୍‌ଷ୍ଟେମ୍ ମୃତ ରୋଗୀଙ୍କ ପରିବାର । ପରିବାର ସଦସ୍ୟମାନେ ରୋଗୀଙ୍କ ଅଙ୍ଗଦାନ ପାଇଁ ସମ୍ମତି ପ୍ରଦାନ କରି ନିଜ ଦୁଃଖର ମୁହୂର୍ତ୍ତକୁ ଅନ୍ୟମାନଙ୍କ ପାଇଁ ଜୀବନର ଆଶାରେ ପରିଣତ କରିଛନ୍ତି । କଟକ ଜିଲ୍ଲାର ବାଙ୍କୀ ଉପଖଣ୍ଡ ଧାନସାର ଗ୍ରାମର ଜଣେ ଶିକ୍ଷକ ହଠାତ୍ ଅସୁସ୍ଥ ହେବା ପରେ ଗୁରୁତର ଅବସ୍ଥାରେ ସମ୍ ଅଲ୍‌ଟିମେଟ୍ ମେଡିକେୟାରରେ ଭର୍ତ୍ତି ହୋଇଥିଲେ । ସମର କ୍ରିଟିକାଲ କେୟାର ବିଭାଗୀୟ ଡାକ୍ତରୀ ଟିମ୍‌ଙ୍କ ନିଷ୍ଠାପର ଉଦ୍ୟମ ସହ ସମସ୍ତ ସମ୍ଭବ ଚିକିତ୍ସା ଏବଂ ସହାୟକ ବ୍ୟବସ୍ଥା



ସତ୍ତ୍ୱେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମଶଃ ଅବନତି ହୋଇଥିଲା । ନିର୍ଦ୍ଧାରିତ ଡାକ୍ତରୀ ପରୀକ୍ଷା ଓ ପ୍ରମାଣୀକରଣ ପ୍ରକ୍ରିୟା ସଂପୂର୍ଣ୍ଣ ହେବା ପରେ ରୋଗୀଙ୍କୁ ବ୍ରେନ୍‌ଷ୍ଟେମ୍ ମୃତ ଘୋଷଣା କରାଯାଇଥିଲା । ଅଙ୍ଗଦାନର ମହତ୍ତ୍ୱ ଏବଂ ଏହା ଦ୍ୱାରା ଅନ୍ୟମାନଙ୍କ ଜୀବନରେ ଆସିପାରୁଥିବା ପରିବର୍ତ୍ତନ ସଂପର୍କରେ ବିସ୍ତୃତ ପରାମର୍ଶ ପାଇବା ପରେ ରୋଗୀଙ୍କ ପରିବାର ଏହି ମହାନ ଓ ସାହସିକ ନିଷ୍ପତ୍ତି ନେଇଥିଲେ । ସମସ୍ତ ଆବଶ୍ୟକୀୟ ଡାକ୍ତରୀ ଓ ଆଇନଗତ ପ୍ରକ୍ରିୟା ସଂପୂର୍ଣ୍ଣ ହେବା ପରେ ସେପ୍ଟେମ୍ବର ୯ ତାରିଖ ଭୋର ସମୟରେ ଅଙ୍ଗ ପ୍ରତ୍ୟାହାର ପ୍ରକ୍ରିୟା ସଫଳତାର ସହ କରାଯାଇଥିଲା । ରୋଗୀଙ୍କ ଯକୃତ ଓ ଚକ୍ଷୁର କର୍ଣ୍ଣିଆ ସଫଳତାର ସହ ସଂଗ୍ରହ କରାଯାଇଛି, ଯାହା ଅଙ୍ଗ ପ୍ରତିରୋପଣ ଅପେକ୍ଷାରେ ଥିବା ରୋଗୀମାନଙ୍କ ପାଇଁ ନୂତନ ଆଶା ସୃଷ୍ଟି କରିଛି । ସମ୍ ଅଲ୍‌ଟିମେଟ୍ ମେଡିକେୟାରରେ ଏହା ପଂଚମ ମଲ୍‌ଟିପଲ୍ କ୍ୟାଡାଭେରିକ୍ ଅର୍ଗାନ୍ ରିଟ୍ରିଭାଲ୍ । ରୋଗୀଙ୍କ ପରିବାରର ଏହି ନିଃସ୍ୱାର୍ଥପର ଓ ମହାନ ନିଷ୍ପତ୍ତି ପାଇଁ ହସ୍ପିଟାଲ ପକ୍ଷରୁ ଗଭୀର କୃତଜ୍ଞତା ପ୍ରକାଶ କରାଯାଇଛି ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ବ୍ୟାଙ୍କ ଖାତାରୁ ୧୫ ଲକ୍ଷ ଟଙ୍କା ଗାଏବ

ନିମାପଡ଼ା, (ସବ୍ୟୁ) : ନିମାପଡ଼ାୟୁକୋ ବ୍ୟାଙ୍କରେ ସ୍ଥାନୀୟ ବିଷ୍ଣୁପୁର ଗ୍ରାମର ଜଣେ ଅବସର ପ୍ରାପ୍ତ ଶିକ୍ଷକଙ୍କ ଖାତାରୁ ୧୫ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି । ବିଷ୍ଣୁପୁର ଗ୍ରାମର ଅବସପ୍ରାପ୍ତ ଶିକ୍ଷକ ସୀମାନ୍ତ ଶେଖର ରଥଙ୍କ ନିମାପଡ଼ାୟୁକୋ ବ୍ୟାଙ୍କରେ ଥିବା ଖାତାରେ ଫିକ୍ସ ଡିପୋଜିଟ ଟଙ୍କା ରହିଛି । ଗତ ମଙ୍ଗଳବାର ମଧ୍ୟାହ୍ନରେ ଅଜଣା ନମ୍ବର ରୁ ତାଙ୍କ ନିକଟକୁ ଫୋନ ଆସିଥିଲା । ସେ ବାଇକ ଚଳାଉଥିବାରୁ ପ୍ରଥମ ଫୋନ କଲ ଟିକୁ ଉଠାଇ ପାରିନଥିଲେ । ତାର କିଛି ସମୟ ପରେ ପୁଣି କଲ ଆସିବାରୁ ସେ ଫୋନ ଉଠାଇଥିଲେ । ତୁମେ ୧୫ ଲକ୍ଷ ଟଙ୍କା ଆରଟିଜିଏସ କରିଛକି ବୋଲି ଜଣେ ବ୍ୟକ୍ତି ପଚାରିଥିଲା । ଶ୍ରୀ ରଥ ତାଙ୍କୁ ନା କହିବାରୁ ତୁମେ ତୁମ ଆକାଉଣ୍ଟ ଥିବାୟୁକୋ ବ୍ୟାଙ୍କ ଯାଇ ମ୍ୟାନେଜରଙ୍କ ସହ କଥା ହୁଅ ବୋଲି କହିଥିଲା । ଶ୍ରୀ ରଥ ସଙ୍ଗେ ସଙ୍ଗେ ୟୁକୋ ବ୍ୟାଙ୍କକୁ ଯାଇ ମ୍ୟାନେଜରଙ୍କ ସହିତ କଥା ହେବାରୁ ମ୍ୟାନେଜର ତାଙ୍କ କଥା ଶୁଣିନଥିଲେ ପାଲଟା ବିଭିନ୍ନ ଧମକ ଦେଇଥିଲେ ବୋଲି ଶ୍ରୀ ରଥ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ସେ ଦୁଇଟି ଫିକ୍ସ ଡିପୋଜିଟ କରିଥିବା ଟଙ୍କା ମଧ୍ୟରୁ ୧୫ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଶ୍ରୀ ରଥ ନିମାପଡ଼ା ଥାନା ଓ ପୁରୀ ସାଇବର୍ ଅପରାଧ ଶାଖାରେ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗକୁ ଭିତ୍ତି କରି ନିମାପଡ଼ା ପୁଲିସ ଏକ ମାମଲା ରୁଜୁ କରିଛି । ଏହା ସାଇବର୍ ଠକେଇ ନା ଠକେଇରେ ସଂପୃକ୍ତ ବ୍ୟାଙ୍କର କୌଣସି କର୍ମଚାରୀଙ୍କ ହାତ ରହିଛି ତାହା ତଦନ୍ତ ପରେ ଜଣାପଡ଼ିବ । ଏସମ୍ପର୍କରେ ବ୍ୟାଙ୍କ ମ୍ୟାନେଜରଙ୍କ ପ୍ରତିକ୍ରୀୟା ମିଳିପାରିନାହିଁ । ବ୍ୟାଙ୍କରେ ଜମାକାରୀଙ୍କ ଟଙ୍କା ସୁରକ୍ଷିତ ନେଇ ପ୍ରଶ୍ନ ଛିଡା କରିଛି ।

# ୭ ଦିନିଆ ଟେରାକୋଟା ପ୍ରଦର୍ଶନୀ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ) : ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର,ଖାରବେଳ ନଗରଠାରେ ଚାଲିଥିବା ୭ ଦିନିଆ ପାରମ୍ପରିକ ଓ ସମସାମୟିକ ଟେରାକୋଟା ପ୍ରଦର୍ଶନୀ " ଦ କ୍ଲେ କଣ୍ଟିନ୍ୟୁଅମ୍" ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ଲଳିତ କଳା ଏକାଡେମୀର ସଚିବ ଡ. ଦେବଯାନୀ ଭୁଇଆଁ ଯୋଗଦେଇ ପ୍ରଦର୍ଶନୀର ଭୂୟସୀ ପ୍ରଶଂସା କରିବା ସହିତ ଏହା ଆମ ଓଡ଼ିଶାର କଳା ଓ ସଂସ୍କୃତିକୁ ରୁଦ୍ଧିମନ୍ତ କରିଥିବା ପ୍ରକାଶ କରିଥିଲେ ।ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଫେସନ ଡିଜାଇନର ସବ୍ୟସାଚୀ ଶତପଥୀ,ବି. କେ.ଚାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ମୀନକେତନ ପଟ୍ଟନାୟକ ଏବଂ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ଯୋଗଦେଇ ସାମ୍ପ୍ରତିକ ଓଡ଼ିଶାର ଟେରାକୋଟା କଳାକୃତିର ବିକାଶରେ ଅଂଶ ଗ୍ରହଣ କରିଥିବା ଶିଳ୍ପୀ ମାନଙ୍କ କଳାକୃତି ଏକ ବିଶେଷ ଭୂମିକା ଗ୍ରହଣ କରିଛି ବୋଲି ମତପ୍ରକାଶ କରିଥିଲେ ।ଏହି ପ୍ରଦର୍ଶନୀରେ ରାଧା କୃଷ୍ଣଙ୍କ ମହା ରାହାସ,ରଥ ଓ ଜଗନ୍ନାଥଙ୍କ ସମ୍ପର୍କିତ



କଳାକୃତି କଳାପ୍ରେମୀ ଦର୍ଶକଙ୍କୁ ଆକର୍ଷିତ କରିଛି ଓ ଆମୋଦିତ କରିଛି ବୋଲି ସମସ୍ତ ଅତିଥି ମତପ୍ରକାଶ କରିଥିଲେ ।ପ୍ରାରମ୍ଭରେ ପ୍ରଦର୍ଶନୀର ନିର୍ଦ୍ଦେଶକ ସର୍ବେଶ୍ୱର ବିଶ୍ୱାଳ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ଏହାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଓ ଆଗାମୀ ଦିନରେ ଏହିଭଳି ପ୍ରଦର୍ଶନୀରେ ଅନ୍ୟ ଶିଳ୍ପୀମାନଙ୍କୁ ସାମିଲ କରାଯିବ ବୋଲି ପ୍ରକାଶ କରିଥିଲେ ।ଏହି ଅବସରରେ ନରୋତ୍ତମ ଦାସ,ସରୋଜ କୁମାର ରାଉତ,ସଞ୍ଜୟ ମୁଦୁଲି,ଜୟଦେବ ରଣା, ବନ ରଣା,ସୁଧିରଞ୍ଜନ ମହାରଥା,ସୁକାନ୍ତ ମୁଦୁଲି ଓ ରତ୍ନପର୍ଣ୍ଣା ରାଉତ ପ୍ରମୁଖ ଶିଳ୍ପୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ ଏବଂ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ

ପୁରୀ, (ସବ୍ୟୁ) : ପୁରୀର ନୂତନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଅଭିଷେକ ବେହେରା କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି ।ଏହା ପୂର୍ବରୁ ସେ ଢେଙ୍କାନାଳ ରେ କାର୍ଯ୍ୟରତ ଥିଲେ ।ସେହିପରି ପୂର୍ବରୁ ପୁରୀ ର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଥିବା ପ୍ରଦୀପ୍ତ କୁମାର ସେନାପତିଙ୍କର ନୟାଗଡ଼ ଜିଲ୍ଲାକୁ ବଦଳି ହୋଇ ଥିବାରୁ ଆଜି ତାଙ୍କୁ ରିଲିଭ କରାଯାଇଛି ।ସୂଚନା ଓ ଲୋକ ସମ୍ପର୍କ



ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉଭୟଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ନିଜ କାର୍ଯ୍ୟକୁ ନିଷ୍ଠାର ସହ ନିର୍ବାହ କରି ବିଭାଗର ସୁନାମ ବୃଦ୍ଧି କରନ୍ତୁ ବୋଲି ଆଶାବ୍ୟକ୍ତ କରିଥିଲେ ।ଏଥିରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଆବୁଧାବି ଇନ୍‌ଭେଷ୍ଟର୍ସ ମିଟ୍‌ରେ ରୁଚି

କଟକ, (ସ୍ୱପ୍ର):ୟୁନାଇଟେଡ଼ ଆରବ ଏମିରେଟ୍ସର ଆବୁଧାବି ଓ ଦୁବାଇ ଠାରେ ଆରମ୍ଭ ହୋଇଛି ଓଡିଶା ଇନଭେଷ୍ଟର୍ସ ମିଟ୍ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହିତ ଅନେକ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି । ଏହି ଅନ୍ତଃରାଷ୍ଟ୍ରୀୟ ନିବେଶ ସମାବେଶରେ ଦେଶ ବିଦେଶରୁ ଅନେକ ପ୍ରତିଷ୍ଠିତ ଉଦ୍ୟୋଗୀ ଏବଂ ନିବେଶକମାନେ ଯୋଗ ଦେଇଛନ୍ତି । ଓଡ଼ିଶାର ସୁପରିଚିତ ରୁଚି ଫୁଡଲାଇନର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ ଓ ନିର୍ଦ୍ଦେଶିକା ରଶ୍ମୀ ସାହୁ ଏଥିରେ ଯୋଗଦେଇ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ଥିବା ସୁଯୋଗ ଏବଂ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଛନ୍ତି । ଶ୍ରୀ ସାହୁ ନିବେଶକ ସରକାରଙ୍କ ଶିଳ୍ପ ବିଭାଗ ନିମନ୍ତ୍ରଣ କ୍ରମେ ରୁଚି ଫୁଡଲାଇନ



ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏବଂ ଶିଳ୍ପମନ୍ତ୍ରୀଙ୍କ ସହିତ ସୌଜନ୍ୟ ସାକ୍ଷାତ କରିଥିଲେ । ରାଜ୍ୟ ଏହି ଅନ୍ତଃରାଷ୍ଟ୍ରୀୟ ଶିଳ୍ପ ନିବେଶକ ସମ୍ମିଳନୀରେ ଅଂଶ ଗ୍ରହଣ କରିଛି ।

# ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ତ୍ରିପାକ୍ଷିକ ସୁରକ୍ଷା ସମୀକ୍ଷା ବୈଠକ

ଭୁବନେଶ୍ୱର, (ସବ୍ୟୁ) : ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ୮ ସେପ୍ଟେମ୍ବର, ୨୦୨୬ ରେ ଭୁବନେଶ୍ୱରରେ ତ୍ରିପାକ୍ଷିକ ସୁରକ୍ଷା ସମୀକ୍ଷା ବୈଠକ ୨୦୨୬ ଆୟୋଜନ କରିଛି ଯାହା ନିରାପଦ, ସ୍ଥାୟୀ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଖଣି କାର୍ଯ୍ୟ ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି । ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟର ବରିଷ୍ଠ ପରିଚାଳନା ଅଧିକାରୀ, କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସୁରକ୍ଷା ଅଭ୍ୟାସ, ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଏବଂ ରଣନୀତି ସମୀକ୍ଷା କରିବା ପାଇଁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଏକ ନିରାପଦ କର୍ମକ୍ଷେତ୍ର ସୃଷ୍ଟି କରିବା ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏକ ନିରାପଦ ସଂକ୍ଷିପ୍ତ ବିବରଣୀ, ଜାତୀୟ ଗୀତ, ଡିଜିଏମଏସ ସଙ୍ଗୀତ ଏବଂ




ସୁରକ୍ଷା ଶପଥ କରାଯାଇଥିଲା । ଏହି ଅବସରରେ ଭାଷଣ ଦେବା ସମୟରେ, ଜେଏସଡବ୍ଲ୍ୟୁ ଷ୍ଟିଲ୍, ଖଣି ବିଭାଗର ସିଓଓ, ସୌଭିକ୍ ମଜୁମଦାର ଖଣି କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ଉପରେ କମ୍ପାନୀର ଧ୍ୟାନ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ଆମେ ଏବେ ୯% ରେ ଅଛୁ ଏବଂ ଏହାକୁ ୩୦% କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ । ସମାବେଶକୁ ସ୍ୱାଗତ କରି, ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ସୁରକ୍ଷା ଉତ୍କର୍ଷତା ଏବଂ କର୍ମଚାରୀ କଲ୍ୟାଣ ଉପରେ ବିଭାଗର ନିରନ୍ତର ଧ୍ୟାନ ଉପରେ ଆଲୋକପାତ କରିଥିଲେ । ରାମ ଶଙ୍କର ଶର୍ମା, ମୁଖ୍ୟ - ଅପରେସନ୍ସ ଏବଂ ପ୍ରୋଜେକ୍ଟ, ଖଣି କାର୍ଯ୍ୟ ଏବଂ ସୁରକ୍ଷା ଅଭ୍ୟାସର ପ୍ରମୁଖ ମୁଖ୍ୟ ବିଷୟବସ୍ତୁ ଉପସ୍ଥାପନ କରିଥିଲେ ଏବଂ ଖଣି କ୍ଷେତ୍ରରେ ଆଲୋକୀକରଣ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଜେଏସଡବ୍ଲ୍ୟୁ ଓଡ଼ିଶା ଖଣି ବିଭାଗ ଦ୍ୱାରା ବିକଶିତ ଏକ ଡିଜିଟାଲ୍ ସମାଧାନ ଡବ୍ଲ୍ୟୁଆଇଏସ୍‌ଇ (ୱେବ୍-ସକ୍ଷମ ଆଲୋକୀକରଣ ସର୍ଭେ ଇକ୍ୟୁପମେଣ୍ଟ) ପ୍ରଚଳନ କରିଥିଲେ ।

# ଡିଏଭି ଏସ୍‌ସିବିରେ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀ ସଚେତନତା ଶିବିର

କଟକ, (ସ୍ୱପ୍ର) : ଆଜିର ଦ୍ରୁତଗତିମୟ ଜୀବନ ଶୈଳୀରେ ସୁସ୍ଥ ଶରୀର ସହ ସୁସ୍ଥ ମନର ଆବଶ୍ୟକତାକୁ ଅନୁଭବ କରି ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ପରିସରରେ ଏକ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଡଃ ନିରଞ୍ଜନ ସ୍ୱାଇଁଙ୍କ ଦିଗଦର୍ଶନ ଏବଂ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନତା ମୂଳକ କାର୍ଯ୍ୟକ୍ରମରେ ଏସ୍.ସି.ବି. ମେଡିକାଲକଲେଜ ଓ ହସ୍ପିଟାଲର ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଡାକ୍ତର ପଣ୍ଡା ତାଙ୍କ ଉଦବୋଧନରେ କହିଥିଲେ ଯେ, ଆଧୁନିକ ଜୀବନର ବ୍ୟସ୍ତତା ମଧ୍ୟରେ ଆଜିର ଛାତ୍ରସମାଜ ମୋବାଇଲ ଫୋନ୍ ଓ ଡିଜିଟାଲ ଜଗତ ସହ ଅତ୍ୟଧିକ ସମୟ




ବିତାଇବା ତଥା ଫାଷ୍ଟଫୁଡ ପ୍ରତି ଆକର୍ଷଣ, ଖେଳକୁଦ ଓ ନିୟମିତ ବ୍ୟାୟାମ ପ୍ରତି ଅନାଗ୍ରହ ଧୀରେଧୀରେ ସେମାନଙ୍କ ଜୀବନ ଶୈଳୀକୁ ପ୍ରଭାବିତ କରୁଛି । ଏହାର ପରିଣାମ ସ୍ୱରୂପ ମାନସିକ ଚାପ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦେଉଛି । ସେ ଏକ ସୁସ୍ଥ ଓ ସନ୍ତୁଳିତ ଜୀବନ ଶୈଳୀ ଅବଲମ୍ବନ କରିବା, ପୁଷ୍ଟିକର ଖାଦ୍ୟ ଗ୍ରହଣ, ନିୟମିତ ବ୍ୟାୟାମ ଓ ଖେଳକୁଦରେ ଅଂଶଗ୍ରହଣ, ପର୍ଯ୍ୟାପ୍ତ ବିଶ୍ରାମ, ଯୋଗ ଅଭ୍ୟାସ ଏବଂ ମାନସିକ ସନ୍ତୁଳନ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅନେକ ଉପଯୋଗୀ ପରାମର୍ଶ ପ୍ରଦାନ କରିଥିଲେ । ପରେ ସେ ଛାତ୍ରଛାତ୍ରୀଙ୍କ ସହ ଏକ ଆନ୍ତରିକ ଆଲୋଚନା ଚକ୍ରରେ ଯୋଗଦେଇ ସେମାନଙ୍କ ବିଭିନ୍ନ ପ୍ରଶ୍ନର ସହଜ ଓ ଉପାଦେୟ ଉତ୍ତର ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ରବୀନ୍ଦ୍ର ନାଥ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସୁସ୍ଥ, ସୁଦୃଢ଼ ଓ ଚାପମୁକ୍ତ ଜୀବନ ଗଠନ ପାଇଁ ଉପଦେଶ ଦେଇଥିଲେ । ଅଧକ୍ଷ ଡଃ ନିରଞ୍ଜନ ସ୍ୱାଇଁ ତାଙ୍କ ଅଭିଭାଷଣରେ ଏକ ସୁସ୍ଥ ଶରୀର ଓ ଦୃଢ଼ମନ ହିଁ ଆଗାମୀ ଦିନର ପ୍ରତ୍ୟେକ ଆହ୍ୱାନକୁ ସଫଳତାର ସହ ଅତିକ୍ରମ କରିବାର ମୂଳମନ୍ତ୍ର ବୋଲି ମତ ପ୍ରକାଶ କରିଥିଲେ ।

# ବିଜେଇଏମ୍. ସ୍କୁଲରେ ଗାନ୍ଧିବାଦୀ କ୍ରିଷ୍ଣା ମହାନ୍ତିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ସବ୍ୟୁ) : ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଗାନ୍ଧି ଜୟନ୍ତୀ ଉପଲକ୍ଷେ ଏସ୍.ଆର୍.ଏମ୍.ଜି.- ଆନ୍ତଃ ବିଦ୍ୟାଳୟ (ଓଡ଼ିଆ ମାଧ୍ୟମ) ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗାନ୍ଧିବାଦୀ ଜନନେତ୍ରୀ କ୍ରିଷ୍ଣା ମହାନ୍ତି ଯୋଗ ଦେଇ ଗାନ୍ଧିଜୀଙ୍କର ଜୀବନ, ଆଦର୍ଶ ଓ ତାଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତ ଜନିତ ଅନୁଭୂତି ପିଲାମାନଙ୍କ ମଧ୍ୟରେ ବାଣ୍ଟିଥିଲେ । ସେ ନିଜ ପିତା ନବକୃଷ୍ଣ ଚୌଧୁରୀ ଓ ମାତା ମାଳତୀ ଚୌଧୁରୀ ତଥା ପରିବାରର ସମର୍ପଣ ଭାବ ବର୍ଣ୍ଣନା ସହ ଗାନ୍ଧି କହିଥିବା କଥା ଓ ଉପଦେଶ ସବୁ କ୍ଷେତ୍ର ଓ ସବୁ ସମୟରେ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ୨୦୧୮ ମସିହାରେ ସ୍ୱିଡେନର ଗ୍ରେଟା ଥନ୍‌ବର୍ଗଙ୍କ ପ୍ରଶ୍ନ ପଚାରିବାର ନିର୍ଭୀକତାର ଉଦାହରଣ ଦେଇ ସେ ପିଲାମାନଙ୍କୁ ନିର୍ଭୀକ ଓ ସାହାସୀ ହେବାକୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀପତି ନାରାୟଣ ମିଶ୍ର ଗାନ୍ଧିଙ୍କ ଅବଦାନ, ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସ୍ୱାଧୀନତା ସଂଗ୍ରାମରେ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଚାଳନା କମିଟିର ପରିଚାଳକ



ପ୍ରତାପ କୁମାର ଜେନା ଗାନ୍ଧିଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶପୂର୍ଣ୍ଣ ଘଟଣା ମନେପକାଇ ମହାନ ବ୍ୟକ୍ତିତ୍ୱଙ୍କ ସହ ବାସ କଲେ କିପରି ଚିନ୍ତା, ଚେତନା ଓ କର୍ମ ଉପରେ ମହାନ ପ୍ରଭାବ ପଡ଼େ ତା' ଉପରେ ଆଲୋଚନା କରିଥିଲେ । ଏସ୍.ଆର୍.ଏମ୍.ଜି. କାର୍ଯ୍ୟକ୍ରମର ପରମ୍ପରା ଅନୁଯାୟୀ ବିଦ୍ୟାଳୟ ପକ୍ଷରୁ ଗାନ୍ଧିବାଦୀ ଜନନେତ୍ରୀ କ୍ରିଷ୍ଣା ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ବି.ଜେ. ଏଜୁକେସନ୍ ସୋସାଇଟିର ସଭାପତି ରଘୁନାଥ ମିଶ୍ର, ବିଦ୍ୟାଳୟର ଅଧକ୍ଷା ମ୍ୟାଡାମ୍ ସନ୍ଧ୍ୟା ଜେନା, ଉପାଧକ୍ଷା ପଲ୍ଲବୀ ମହାପାତ୍ର, ପର୍ଯ୍ୟବେକ୍ଷକ ନରେଶ କୁମାର ରଥ, ପଦ୍ମାଳୟା ପଲ୍, ପ୍ରଦୀପ କୁମାର ମଲ୍ଲିକ, ପରିଚାଳନା କମିଟିର ସଦସ୍ୟବୃନ୍ଦ, ୨୩ଟି ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହାକୁ ଗୌରବମଣ୍ଡିତ କରିଥିଲେ ।

# ୧୪ ରେ ଭାରତ ପ୍ରତିଭା ସମ୍ମାନ ଏବଂ ଭାରତ ମସଲାର ପ୍ରତିଷ୍ଠା ଦିବସ

କଟକ,(ସବ୍ୟୁ) : ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଭାରତ ମସଲା ପକ୍ଷରୁ ପୂଜ୍ୟ ପୂଜାର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ୨୭ତମ ଭାରତ ପ୍ରତିଭା ସମ୍ମାନ ଓ ଭାରତ ମସଲାର ପ୍ରତିଷ୍ଠା ଦିବସ ସେପ୍ଟେମ୍ବର ୧୪ ତାରିଖ ପବିତ୍ର ଗଣେଶ ପୂଜା ଅବସରରେ ସ୍ଥାନୀୟ ସହିଦ ଭବନ ପରିସରରେ ଅନୁଷ୍ଠିତ ହେବାକୁ ଯାଉଛି । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରି ଦେଶବିଦେଶରେ ସୁନାମ ଅର୍ଜନ କରିଥିବା ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ମାନଙ୍କୁ ସମ୍ମାନିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି ଜୟ ଭାରତ ଫାଉଣ୍ଡେସନ୍‌ର ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା ପ୍ରକାଶ କରିଛନ୍ତି । ସେହିପରି ଜୟ ଭାରତ ଫାଉଣ୍ଡେସନ୍‌କୁ ସହଯୋଗ କରି ଆସୁଥିବା ଭାରତ ମସଲା କମ୍ପାନୀ ପକ୍ଷରୁ ନୂତନ ଭାବରେ ଶିଳ୍ପ କ୍ଷେତ୍ରରେ ରାଜ୍ୟର ନାମକୁ ଶୀର୍ଷରେ ପହଂଚାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀମାନଙ୍କୁ 'ଉଦ୍ୟୋଗ ଭାରତ' ସମ୍ମାନ ପ୍ରଦାନ କରାଯିବ ବୋଲି ଭାରତ ମସଲା ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି । ୧୯୯୯ ମସିହାରୁ ଜନ୍ମ ନେଇଥିବା ଭାରତ ମସଲା ଆଜି ତାର ମାନ, ପରିମାଣ, ଗୁଣବତ୍ତା ପାଇଁ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି




କରିପାରିଛି । କେବଳ ବ୍ୟବସାୟୀକ କ୍ଷେତ୍ରରେ ନୁହେଁ ରାଜ୍ୟରେ ଘଟୁଥିବା ବିଭିନ୍ନ ଦୈବଦୁର୍ବିପାକ ସମୟରେ ସାମାଜିକ ଦାୟିତ୍ୱବୋଧତାକୁ ମଧ୍ୟ ସୂଚାରୁ ରୂପେ ତୁଲାଇ ଆସୁଛି ।ଗତ ତିନିବର୍ଷ ଧରି ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଜୟ ଭାରତ ଫାଉଣ୍ଡେସନ୍ ପକ୍ଷରୁ ସଂପାଦିକା ନନ୍ଦିତା ପଣ୍ଡାଙ୍କ ପ୍ରଚେଷ୍ଟାରେ ବାର୍ଷିକ ସାହିତ୍ୟ ପତ୍ରିକା 'ସମ୍ଭବାମି ଭାରତ ପ୍ରକାଶ କରିବାର ପ୍ରୟାସ ଜାରି ରଖିଛି । ଏହି ଅବସରରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କିଟ୍ସ, କିମ୍‌ସ, କିସ୍‌ର ପ୍ରତିଷ୍ଠାତା ତଥା ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କୁ 'ଭାରତ ଗୌରବ ସମ୍ମାନ', ଭାରତୀୟ ନୌ-ସେନାର ଭାଇସ୍ ଆଡ୍‌ମିରାଲ୍ କ୍ୟାପ୍‌ଟେନ୍ ରମାକାନ୍ତ ପଟ୍ଟନାୟକଙ୍କୁ 'ସେବା ଭାରତ ସମ୍ମାନ', ସମାଜବିଜ୍ଞାନୀ, ଭାଷା ତତ୍ତ୍ୱବିତ୍ ଓ ସାରସ୍ୱତ ସାଧକ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ 'କଥା ଭାରତ ସମ୍ମାନ', ଓଡ଼ିଆ ସଂଗୀତ ଜଗତର ସୁନାମଧନ୍ୟା କଣ୍ଠଶିଳ୍ପୀ ତୃପ୍ତି ଦାଶଙ୍କୁ 'ସଂସ୍କୃତି ଭାରତ ସମ୍ମାନଦ, କ୍ରୀଡା କ୍ଷେତ୍ରରେ ସଫଳ କ୍ରିକେଟର ରାଜେଶ କୁମାର ମହାନ୍ତିଙ୍କୁ 'କ୍ରୀଡା ଭାରତ ସମ୍ମାନ', ଲଘୁ ଉଦ୍ୟୋଗ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସମ୍ବଲପୁର ଜିଲ୍ଲା ବଜ୍ରବାହାଲ ବାମରା ଅଞ୍ଚଳର ଲତା ବାଗ୍ ଓ ପୁଷ୍ପଲତା ସାହୁଙ୍କୁ 'ଉଦ୍ୟୋଗ ଭାରତ ସମ୍ମାନ ଓ ସେହିପରି ଶିକ୍ଷା କ୍ଷେତ୍ରରେ ୨ ବିଜ୍ଞାନ, ବାଣିଜ୍ୟ ଓ କଳାରେ ଯଥାକ୍ରମେ ମେଧା ବିଦ୍ୟାର୍ଥୀ କମଳାକାନ୍ତ ରଣା, ଶୁଭମ୍ ନାୟକ ଓ ଅଙ୍କିତା ନାୟକଙ୍କୁ 'ବିଦ୍ୟାଭାରତ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ଜୟ ଭାରତ ଫାଉଣ୍ଡେସନ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାରତ ମସଲାର ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା ଓ ନିର୍ଦ୍ଦେଶିକା ଏସ୍‌ଏନ୍ ମିଲେନିୟମ୍, ଜିଏମ୍ ବିପିନ୍ ରାଉତ, ଜିଏମ୍ ଅପରେସନ୍ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।


# ଗୋଟିଏ ରାତିରେ ଦୁଇ ମନ୍ଦିରରୁ ଚୋରି

ଗୋପ,(ସବ୍ୟୁ): କିଛି ଦିନର ନିରବତା ପରେ ପୁଣି ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଛନ୍ତି ।ମଙ୍ଗଳବାର ବିଳମ୍ବିତ ରାତିରେ ଲୁଟେରାମାନେ ଦୁଇଟି ମନ୍ଦିର ଗ୍ରୀଲ କାଟି ଲକ୍ଷାଧିକ ଟଙ୍କାର ଆସବାପତ୍ର ଚୋରି କରି ନେଇଛନ୍ତି । ଅଭିଯୋଗ ପାଇ ଗୋପ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଗୋପ ଥାନା ଅନ୍ତର୍ଗତ ମହଲପଡା ପଞ୍ଚାୟତର କୁଣ୍ଡିସ ଗାଁ ମୁଣ୍ଡରେ ଥିବା ଗ୍ରାମର ଆରାଧ ଠାକୁରାଣୀ ମାତାରିଣୀ ମନ୍ଦିରର ଗ୍ରୀଲ କାଟି ମା ଙ୍କର ଅଳଙ୍କାର ସମେତ ପୂଜା ସାମଗ୍ରୀ,ପିତଳବାସନ କୁସନ ଓ ହୁଣ୍ଡି ଭାଙ୍ଗି ପ୍ରାୟ ଲକ୍ଷାଧିକ ଟଙ୍କାର ଜିନସ ଲୁଟି ନେଇଥିବା ବେଳେ ସେହି ରାତିରେ ନିକଟସ୍ଥ ସାନ କୁହୁରା ଗ୍ରାମର ପ୍ରଭୁ ଧବଳେଶ୍ୱରଙ୍କ କବାଟ ତାଡି ପ୍ରଭୁ ଧବଳେଶ୍ୱରଙ୍କର ମଧ୍ୟ ଅନୁରୂପ ଭାବରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଚୋରି ନେଇଛନ୍ତି ।

## ଧର୍ମଶାଳାରୁ ଲୋପ ପାଇଯିବ ସଂରକ୍ଷିତ ଜଙ୍ଗଲ ଓ ପାହାଡ

# ଅଞ୍ଜିରା ଓ ବାଘୁଆ ଜଙ୍ଗଲ କିସମ ନିଷିଦ୍ଧ ପାହାଡ଼ରେ ପଥର ମାଫିଆଙ୍କ ଅପରେସନ ଆରମ୍ଭ

ଚଣ୍ଡିଖୋଲ, (ସବ୍ୟୁ) : କଟକ ବନଖଣ୍ଡ ଅଧିନ ଯାଜପୁର ଜିଲ୍ଲାର ବଳରାମପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ(ପିଆରଏଫ)ର ଶତାଧିକ ଏକର ଜଙ୍ଗଲ ଓ ପାହାଡ ଧ୍ୱଂସକରି ମାଫିଆମାନେ ଦୀର୍ଘ ଦିନ ହେବ କୋଟି କୋଟି ଟଙ୍କାର କଳାପଥର ଚୋରି କରୁଥିଲା ବେଳେ ଏବେ ଜେନାପୁର ଥାନା ତଥା ଧର୍ମଶାଳା ତହସିଲ ଅଞ୍ଜିରା ମୌଜାର ଅନ୍ୟ ଏକ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ବାଘୁଆ ପାହାଡରୁ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରି କଳାପଥର ଚୋରି ଆରମ୍ଭ କରିଛନ୍ତି । ଏହି ପାହାଡଟି ସଂରକ୍ଷିତ ଜଙ୍ଗଲ କିଶମ ବୋଲି ଜଣାପଡିବା ପରେ ଗତ ତିନିବର୍ଷ ହେବ ଏହାକୁ ସରକାର ନିଶିଦ୍ଧାଞ୍ଚଳ ଘୋଷଣା କରିଛନ୍ତି । ଏହି ପାହାଡରେ ଥିବା ୧୭ଟି କଳା ପଥର ଖଣିର ଲିଜ ବାତିଲ କରାଯାଇ ସମଗ୍ର ଅଞ୍ଚଳକୁ ଜଙ୍ଗଲ ବିଭାଗ ଅଧିନକୁ ହସ୍ତାନ୍ତର କରାଯାଇଛି । ସରକାରୀ ଭାବେ ନିଷିଦ୍ଧାଞ୍ଚଳ ଘୋଷଣା ହେବାପରେ ଅଞ୍ଜିରା ମୌଜାର ଏହି ପାହାଡ ସମେତ ବାଘୁଆ, ମୌଳାଭଞ୍ଜା, ସାହାଣିଡିହ ପ୍ରଭୃତି ପାହାଡ ଓ ପଥର ଖଣିରୁ ପଥର ଖନନକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ।



ନିଷିଦ୍ଧାଞ୍ଚଳ ଘୋଷଣା ପରେ ଉକ୍ତ ପାହାଡ ଓ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ସ୍ଥାନୀୟ ଜେନାପୁର ଥାନା ପୋଲିସ ଓ ଜଙ୍ଗଲ ବିଭାଗର ବୈରୀ ବନାଞ୍ଚଳ ଅଧିକାରୀଙ୍କ ହାତରେ ନ୍ୟସ୍ତ କରାଯାଇଛି । ହେଲେ ପରିତାପର ବିଷୟ ଜେନାପୁର ଥାନାଠାରୁ ମାତ୍ର କିଛି ଦୂରରେ ପୋଲିସ ନାକତଳେ ଓ ଜଙ୍ଗଲ ବିଭାଗର ଚଡେଇଧରା ଅଫିସ ନିକଟସ୍ଥ ଏହି ସଂରକ୍ଷିତ ଜଙ୍ଗଲ କିଶମ ଅଞ୍ଜିରା ପାହାଡର ମୁକୁନ୍ଦପୁର ଗାଁ ପାଖରୁ ଗତ ସପ୍ତାହେ ହେବ ବ୍ୟାପକ ପଥର ଚୋରି ଆରମ୍ଭ ହୋଇଥିଲେ ମଧ୍ୟ ଏ ସମ୍ପର୍କରେ ପୋଲିସ ଓ ଜଙ୍ଗଲ ଅଧିକାରୀ ମାନେ କିପରି ଜାଣିପାରୁ ନାହାନ୍ତି ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ଉକ୍ତ ପାହାଡରେ ଡେନାମାଇଟ ଦ୍ୱାରା ଶକ୍ତିଶାଳୀ ବିସ୍ଫୋରଣ କରି ପଥର ଫଟାଇ ମାଫିଆମାନେ ଦିନରାତି ଲୁଟପାଟ ଆରମ୍ଭ କରିଛନ୍ତି । ପାହାଡ ତଳେ ଥିବା କେତେକ ବେଆଇନ କ୍ରସରକୁ ଏଠାରୁ ପଥର ଚୋରା ଚାଲାଣ ଆରମ୍ଭ ହୋଇଛି ।ପାହାଡରେ ବିସ୍ଫୋରଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଦୈନିକ ମୃଦୁ ଭୂମିକମ୍ପ ସୃଷ୍ଟି ହେବାସହ ପରିବେଶ ଧ୍ୱଂସ ହେଉଛି । ଅନ୍ୟପକ୍ଷରେ ଏହି ପାହାଡ ଓ ପଥର ଖଣିକୁ ନେଇ ଏକାଧିକ ମାମଲା ଏବେ ଓଡିଶା ହାଇକୋର୍ଟରେ ବିଚାରାଧୀନ ରହିଛି । ଏଠାରେ ଖଣି ଲିଜ ନେବା ପାଇଁ ଅନେକ ବ୍ୟକ୍ତି ବିଶେଷ ଓ ସଂସ୍ଥା ସରକାରୀ ତହବିଲରେ ପୈଠ କରି ବର୍ଷ ବର୍ଷ ଧରି ଖଣିଲିଜ ପାଇଁ ଅପେକ୍ଷା କରିଥିଲେ ମଧ୍ୟ ଏହି ପାହାଡ ସଂରକ୍ଷିତ ଜଙ୍ଗଲ କିଶମ ବୋଲି ଜଣା ପଡିବାରୁ ସେମାନଙ୍କୁ ଲିଜ ପ୍ରଦାନ କରାଯାଉନାହିଁ । ଏପରି ସ୍ଥଳେ ସ୍ଥାନୀୟ ବୈରୀ ଡାକିଯୋଡା ବନାଞ୍ଚଳ ଅଧିକାରୀ ଓ ଜେନାପୁର ଥାନା ପୋଲିସର ଆଖିରେ ଧୂଳିଦେଇ ମାଫିଆମାନେ ଏବେ ଏଠାରୁ ଦିନରାତି କଳାପଥର ଲୁଟପାଟ କରୁଛନ୍ତି । ଏହି ପଥର ଚୋରି ଫଳରେ ସରକାର ଦୈନିକ ଏଠାରୁ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ବ୍ୟାପକ ଜଙ୍ଗଲ,ପାହାଡ ଓ ପ୍ରାକୃତିକ ପରିବେଷ ଧ୍ୱଂସ ହୋଇ ଚାଲିଛି । ପୋଲିସ ଓ ବନ ଅଧିକାରୀ ମାନଙ୍କ ଆଖି ଆଗରେ ଏହି ନିଶିଦ୍ଧାଞ୍ଚଳରୁ ପଥର ଲୁଟ ଆରମ୍ଭ ହୋଇଥିବାରୁ ସେମାନେ ଏହି ବେଆଇନ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସାମିଲ ରହିଥିବା ସାଧାରଣରେ ଅଭିଯୋଗ ହୋଇଛି । ଜଙ୍ଗଲ ଧ୍ୱଂସକରି ଗୋଟିଏ ପରେ ଗୋଟିଏ ନିଶିଦ୍ଧ ପାହାଡରୁ ବେଆଇନ ଭାବେ ମାଫିଆମାନେ ବ୍ୟାପକ କଳାପଥର ଲୁଟ କରି ଚାଲିଥିବାରୁ ଧର୍ମଶାଳାରେ ଆଗକୁ ଆଉ ସଂରକ୍ଷିତ ଜଙ୍ଗଲ ଓ ପାହାଡ ରହିବ ନାହିଁ ତାହା ଲୋପ ପାଇଯିବ ବୋଲି ସାଧାରଣ ଲୋକେ ଓ ପରିବେଶ ବିତମାନେ ଅଭିଯୋଗ କରିଛନ୍ତି ।

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର

# ନୂଆ ସଚିବ ଭାବେ ଦାୟିତ୍ୱ ନେଲେ ଡ଼ା. ବୃନ୍ଦା ଡ଼ି

ଭୁବନେଶ୍ୱର, (ସବ୍ୟୁ) : ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡ଼ା. ବୃନ୍ଦା ଡ଼ି, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଭିନ୍ନକ୍ଷମ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା, ମର୍ଯ୍ୟାଦା, ଅନ୍ତର୍ଭୁକ୍ତିକରଣ ଏବଂ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବା ପାଇଁ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ନିରନ୍ତର ସହଯୋଗ ଏବଂ ସାମୂହିକ ସମର୍ଥନ କାମନା କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ, ଡ଼ା. ବୃନ୍ଦା ଡ଼ି, ଙ୍କୁ ଏସ.ଏସ.ଇ.ପିଡି ବିଭାଗର ସ୍ୱତନ୍ତ୍ର ସଚିବ ସୁଶ୍ରୀ ରଜନୀ ଜାନି, ଆର୍ଥିକ ପରାମର୍ଶଦାତା-ତଥା-ସ୍ୱତନ୍ତ୍ର ଶାସନ ସଚିବ, ସୁଶ୍ରୀ ଜୟଶ୍ରୀ ତ୍ରିପାଠି, ଅତିରିକ୍ତ ସଚିବ, ଦୀପକ ରାଉତରାୟ ସୋନିଆ ବେହେରା ଓ ଭାସ୍କର ରଇତ ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ସ୍ୱାଗତ କରିଥିଲେ । କମିଶନର-ତଥା-ଶାସନ ସଚିବ ପରବର୍ତ୍ତୀ ସମୟରେ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ବିଭାଗର କାର୍ଯ୍ୟାଦେଶ, ପ୍ରମୁଖ କଲ୍ୟାଣକାରୀ



ପଦକ୍ଷେପ, ଚାଲୁଥିବା କାର୍ଯ୍ୟକ୍ରମ, ସାଂଗଠନିକ, ଭିନ୍ନକ୍ଷମ ବ୍ୟକ୍ତି, ବରିଷ୍ଠ ନାଗରିକ ଓ କିନ୍ନର ଏବଂ ସମାଜର ଅନ୍ୟାନ୍ୟ ଦୁର୍ବଳ ବର୍ଗଙ୍କ ସମ୍ବନ୍ଧୀୟ ହସ୍ତକ୍ଷେପର ପ୍ରମୁଖ କ୍ଷେତ୍ରଗୁଡ଼ିକ ବିଷୟରେ ଏକ ବିସ୍ତୃତ ସୂଚନା ଗ୍ରହଣ କରିଥିଲେ । ଆଲୋଚନା ସମୟରେ, ଡ଼ା. ବୃନ୍ଦା ଡ଼ି, କଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକର ଦକ୍ଷ, ସ୍ୱଚ୍ଛ ଏବଂ ସମୟସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ସମସ୍ତ ସ୍ତରରେ ଅଧିକ ସାଂଗଠନିକ ସମନ୍ୱୟ, ସୁଗମ ପ୍ରଶାସନିକ ପ୍ରକ୍ରିୟା ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ବିଭାଗର ଅଧିକାରୀମାନେ ପରସ୍ପର ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ ।

## ସୋସିଆଲ ମିଡ଼ିଆରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନାଁରେ ଅପମାନଜନକ ପ୍ରଚାର

# ବିଜେପି ଅନୁସୂଚିତ ମୋର୍ଚ୍ଚା ଉପସଭାପତିଙ୍କ ନାଁରେ ଏତଲା

ବାରିପଦା, (ସବ୍ୟୁ) : ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋକୁ ଏଆଇ ମାଧ୍ୟମରେ ବିକୃତ ଓ ଅପମାନଜନକ ଭାବେ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ମୟୂରଭଞ୍ଜ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବାରିପଦା ଟାଉନ ଥାନାରେ ଅଭିଯୋଗ କରାଯାଇଛି । ଅଭିଯୋଗ ଅନୁସାରେ, ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲ୍ଲା ଉପସଭାପତି ସଞ୍ଜିତ ବେହେରାଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତି ସୋସିଆଲ ମିଡିଆରେ ନବୀନ ପଟ୍ଟନାୟକଙ୍କ ଫଟୋକୁ ବିକୃତ କରି ଅପମାନଜନକ ଭାବେ ପ୍ରଚାର କରିଥିବା ଅଭିଯୋଗ ରହିଛି ।



ଏପରି ଡିଜିଟାଲ ସାମଗ୍ରୀ ପ୍ରସାରଣ ଦ୍ୱାରା ତାଙ୍କ ସାମାଜିକ ସମ୍ମାନ ଓ ପ୍ରତିଷ୍ଠା କ୍ଷୁଣ୍ଣ ହେବା ସହ ସାଧାରଣରେ ଭ୍ରାନ୍ତ ଧାରଣା ସୃଷ୍ଟି ହେବାର ଆଶଙ୍କା ଥିବା ଅଭିଯୋଗକାରୀମାନେ ଦର୍ଶାଇଛନ୍ତି । ଏଥିସହ ଏଭଳି ପୋଷ୍ଟ ଦ୍ୱାରା ବିଭିନ୍ନ ଧର୍ମ, ସମ୍ପ୍ରଦାୟ ଓ ସାମାଜିକ ଗୋଷ୍ଠୀ ମଧ୍ୟରେ ଭୁଲ ବୁଝାମଣା କିମ୍ବା ଉତ୍ତେଜନା ସୃଷ୍ଟି ହେବାର ଆଶଙ୍କା ଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି । ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଦାବି କରାଯାଇଛି ।

ଏହି ଅଭିଯୋଗ ସମୟରେ ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ଆଭାସ ଦେ, ବିଜୁ ଯୁବ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁନୀଲ ନାୟକଙ୍କ ସମେତ ଚିତ୍ରେଶ୍ୱର ବେହେରା, ଦୀପକ କୁମାର ମହୁଆଳ, ଅଭୟ କୁମାର ସିଂ, ସେକ ହାକିମ ଉଦ୍ଦିନ, ଭୀଷ୍ମ ନାରାୟଣ ନାୟକ, ବିଶ୍ୱଜିତ୍ ପରିଛା, ଦେବବ୍ରତ ସେନାପତି, ତରୁଣ ନାୟକ, ବିଜନ କୁମାର ଗିରି, ରାମଚନ୍ଦ୍ର ବିଶ୍ୱାଳ, ଶୁଭଙ୍କର ସାହୁ, ସତ୍ୟମ ରଣା, ମନିଷ ଗିରି, ଦୀପକ ସାହୁ, ତନ୍ମୟ ପରିଡ଼ା, ଅଭିଜିତ କଳିଆ, ରାହୁଲ ନାୟକ, ଅମିତ କୁମାର ବୈଠା, ବିଭୁ ଶଙ୍କର ପଟ୍ଟନାୟକ, ସୌମ୍ୟ ରଞ୍ଜନ ଦାସ, ଆଶିଷ କୁମାର ପରିଡ଼ା, ତନ୍ମୟ ମହାନ୍ତ, ଦୁର୍ଗା ମହାନ୍ତ, ଅଭିନାଶ ବେହେରା, ସେହେଜାନ ଖାନ ଓ ଅଭିନାଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ : ୧୫ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାର



ବାରିପଦା, (ସବ୍ୟୁ) : ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ରୋଟାରୀ ଭବନଠାରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଓ ରାଷ୍ଟ୍ର ନିର୍ମାତା ପୁରସ୍କାର ବିତରଣୀ ଉତ୍ସବ କ୍ଲବ ସଭାପତି ତିମିର କୁମାର ଘୋଷଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।

ଉତ୍ସବରେ ରୋଟାରୀ ଇଣ୍ଟରନ୍ୟାସନାଲ ୩୨୬୨ ପ୍ରାନ୍ତର ୨୦୨୭-୨୮ ବର୍ଷ ପାଇଁ ନିର୍ବାଚିତ ପ୍ରାନ୍ତପାଳ ରୋଟାରିଆନ ଇନ୍ଦ୍ରଜିତ ସାହୁ ମୁଖ୍ୟଅତିଥି, ବାରିପଦା ପୌରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନନୀୟ ଅତିଥି ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ନାରାୟଣ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଡ. ବେହେରା ମନୁଷ୍ୟ ଓ ରାଷ୍ଟ୍ର ନିର୍ମାଣରେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସହ ସମ୍ପୂର୍ଣ୍ଣ ସାକ୍ଷରତା ମାଧ୍ୟମରେ ନୈତିକତାଭିତ୍ତିକ ବିକଶିତ ରାଷ୍ଟ୍ର ଗଠନ ଉପରେ ଆଲୋକପାତ କରିଥିଲେ । ପୌରପାଳ ଶ୍ରୀ ମହାନ୍ତି ବାରିପଦା ପୌରପାଳିକା ଓ ରୋଟାରୀ କ୍ଲବର ମିଳିତ ପ୍ରୟାସରେ ସହରକୁ ସମ୍ପୂର୍ଣ୍ଣ ସାକ୍ଷର କରିବା ପାଇଁ ଯୋଜନାବଦ୍ଧ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ ।

ରୋଟାରୀ ଇଣ୍ଡିଆ ସାକ୍ଷରତା ମିଶନ ଅନୁଯାୟୀ ଜିଲ୍ଲାର ୧୫ଟି ବିଦ୍ୟାଳୟରୁ ମନୋନୀତ ୧୫ଜଣ କୃତୀ ଶିକ୍ଷକଙ୍କୁ ରାଷ୍ଟ୍ର ନିର୍ମାତା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ସଞ୍ଜୀବ କୁମାର ବେହେରା, ଗୌରୀଶଙ୍କର ସାହା, ଜ୍ୟୋତ୍ସ୍ନାମୟୀ ଦାସ, ଜୟନ୍ତୀ କିସ୍କୁ, ଅରୁନ୍ଧତୀ ଭୂୟାଁ, ବବିତା କୁମାରୀ ସାହା, ନନ୍ଦଲାଲ କର, ମମତା ମହାପାତ୍ର, ମିନାକ୍ଷୀ ପଣ୍ଡା, ଜ୍ୟୋତିପ୍ରଭା ମହାନ୍ତ, ଦିବ୍ୟରଞ୍ଜନ ଗିରି, ଆଶିଷ ପ୍ରତାପ ସିଂ, ମୋହନ ଚରଣ ସାହୁ, ମିନତୀ ସାହୁ ଓ ପ୍ରେମ ପ୍ରକାଶ ପାଠକ । ଏଥିସହ ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼ାଇଙ୍କୁ ପ୍ରଯୁକ୍ତି ଓ ବୃତ୍ତିଗତ ଶିକ୍ଷା, ଡକ୍ଟର ଦୀପକ କୁମାର ବେହେରାଙ୍କୁ ଉଚ୍ଚଶିକ୍ଷା ଏବଂ ରାଇକମା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜିତ କୁମାର ଜେନାଙ୍କୁ ମାଧ୍ୟମିକ ଶିକ୍ଷା କ୍ଷେତ୍ର ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।

କ୍ଲବ ସମ୍ପାଦକ ସନ୍ଦୀପ କୁମାର ଚାନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାକ୍ଷରତା ସମିତି ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସୁଶାନ୍ତ କୁମାର ବସା ଦିବସର ଗୁରୁତ୍ୱ ଏବଂ ପ୍ରାକ୍ତନ ସଭାପତି ଡକ୍ଟର ପୁଷ୍ପା ପାତ୍ର ରାଷ୍ଟ୍ର ନିର୍ମାତା ପୁରସ୍କାରର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ସଦସ୍ୟା ପ୍ରୀତିସୁଧା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲବର ପ୍ରାକ୍ତନ ସଭାପତି ରବୀନ୍ଦ୍ର ମହାପାତ୍ର, ନିରୋଜ ପଣ୍ଡା, ଭବାନୀ ଶଙ୍କର ସାହୁ, ସୁନୀତ ପୁରୀ, ବୀରେନ୍ଦ୍ରନାଥ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସିଟି ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ

ବ୍ରହ୍ମପୁର, (ସବ୍ୟୁ) : ସିଟି ହାଇସ୍କୁଲ ତେଲୁଗୁ ମାଧ୍ୟମର ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଆଜି ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଛି । ସିଟି ହାଇସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୁରୁଣା ଛାତ୍ର ସଂଘର ସଭାପତି ଡା. ଇ ଜୟନ୍ତୀ ରାଓ, ସମ୍ପାଦକ ପି. ସତ୍ୟନାରାୟଣ (ବାବୁ), ଉପସଭାପତି ଶ୍ରୀନିବାସ ରାଜନା ଓ ଯୁଗ୍ମ ସମ୍ପାଦକ ଜମ୍ମୁଲା ସୁରେଶଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ଏହା ପ୍ରଦାନ କରିଥିଲେ । ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁଙ୍କ ସମେତ ଶିକ୍ଷୟିତ୍ରୀ ଏମ୍. ଉମା ଜୟନ୍ତୀ, ଏନ ନାଗେଶ୍ୱର ରାଓ ଓ ଏସ୍. ସ୍ୱାତୀ ଉପସ୍ଥିତ ଥିଲେ । ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ଓ ମିଠା ବଣ୍ଟନ କରାଯାଇଥିଲା ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୫୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ https://oshb.org.
13001/1783/2627

ପତ୍ର ସଂଖ୍ୟା ୧୪୩ **ବିଜ୍ଞାପନ** ତା : ୨୯.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭୁବନେଶ୍ୱର ଝୁମୁଝୁମା, ପ୍ରଥମ ପର୍ଯ୍ୟାୟ, ଏଲ୍.ଆଇ.ଜି ହାଉସିଂ ପ୍ରକଳ୍ପରେ ଗୃହ ନଂ ଏଲ.ଆଇ.ଜି-୪୩୯ (LIG-439) ଟିକୁ ଶ୍ରୀ ପ୍ରଭାତ ଚନ୍ଦ୍ର ନାୟକ, ପିତା- ଖାଟୁ ଚରଣ ନାୟକ, ସା-ତାଳ କଣ୍ଟାଜିଆ, ପୋ-ବାଲିସାହି, ଥାନା-ରାମନଗର, ଜିଲ୍ଲା-ମେଦିନପୁର (ୱେଷ୍ଟ ବେଙ୍ଗଲ)ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀ ପ୍ରଭାତ ଚନ୍ଦ୍ର ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଦୀପକ କୁମାର ମଲ୍ଲିକ, ପିତା- ଦୀନବନ୍ଧୁ ମଲ୍ଲିକ, ସା-ଖଣ୍ଡାହାଟ, ପୋ-ପ୍ରୀତିପୁର, ଥାନା- ବିଂଝାରପୁର, ଜିଲ୍ଲା-ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0241



**OFFICE OF THE KASTURBA GANDHI BALIKA VIDYALAYA, SUJANPUR, JAJPUR**
(Running under Rudra Charan Govt. High School)
Phone no-9776797598, E mail - hmkgbvsujanpur@gmail.com
27001/165/2627
**TENDER CALL NOTICE**
No- 94 / Date - 08.09.2026

Tender Call Notice for supply of different consumables and non-consumable items for Kasturba Gandhi Balika Vidyalaya (KGBV) Sujanpur running at Rudra Charan Govt. High School, Sujanpur under Jajpur block of Jajpur district, having 200 girl students in the age group of 11 to 16 is published on 08.09.2026 in the website. Interested Suppliers are requested to refer Jajpur district website i.e Jajpur.odisha.gov.in and OSEPA website i.e osepa.odisha.gov.in for tender documents i.e category-wise items, specification, terms and conditions.

Sd/- DPC, SS,
Jajpur-cum-chairman
School (KGBV) level purchase committee
OIPR : 27001/27156/1/26-27/0001



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, DRAINAGE DIVISION, JAGATSINGHPUR-754103**
**e-procurement Notice No. SEDD-JSPUR-06/2026-27**
32001/851/2627 email id:- eeddjspur@gmail.com

| | | | |
|---|---|---|---|
| 1. | Total number of works | : | 09 (Nine) nos. of Package |
| 2. | Bid Identification No. | : | As per DTCN |
| 3. | Estimated Cost | : | Rs. 13.26 lakhs to 82.94 lakhs |
| 4. | Period of completion | : | 03 (Three) &10 (Ten) Calendar Month |
| 5. | Availability of Tender On - Line. | : | From 11.09.2026 at 16.30 Hours to 27.09.2026 upto 17.30 Hours. |
| 6. | Date of Opening of Technical Bid. | : | 28.09.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 7. | Class of Contractor | : | "C" & "B" Class & "C" & "D" Class |
| 8. | EMD required | : | As per DTCN. |
| 9. | Cost of Tender paper | : | Rs. 10,000/- & Rs.6,000/- |
| 10 | Procurement Officer | : | Superintending Engineer, Drainage Division, Jagatsinghpur-754103 |

* Tender will be accepted if registered in the CDMS Portal.

Further details can be seen from the Govt, web site www.tendersorissa.gov.in. Addendum / Corrigendum/ Cancellation if any required will be published only in Govt, website www.tendersorissa.gov.in

Sd/- Superintending Engineer
Drainage Division,Jagatsinghpur
OIPR : 32001/32378/1/26-27/0004



**OFFICE OF THE SUPERINTENDING ENGINEER RURAL WORKS DIVISION. BALLIGUDA**
**Government of Odisha**
25001/1116/2627
**e-Procurement Notice**
Bid Identification No. Online Tender-07/SERWD BLG/2026-27
rw_balliguda@yahoo.com
Letter No : 5618 //RWDBLG Date : 07.09.2026

| | | | |
|---|---|---|---|
| 1 | Name of the work | : | Road Works |
| 2 | Estimated cost | : | Rs.19.67 Lakhs to 96.92 Lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 10.09.2026 at 10.00 AM to 22.09.2026 up to 5.00 PM |
| 5 | Last Date/ Time for receipt of Bids in the Portal | : | 22.09.2026 up to 5.00 PM |
| 6 | Name and address of the Officer Inviting Bid | : | Superintending Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the **e-procurement** portal website **https://www.tendersodisha.gov.in**. Any addendum / corrigendum / cancellation of tender can also be seen in the said website only.

Sd/- Superintending Engineer
Rural Works Division,
Balliguda
OIPR : 25001/25150/1/26-27/0002


## ଅଶୋକ ନଗରରେ ସିଦ୍ଧି ବିନାୟକ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

# ୩୨ ଫୁଟର ଗଣେଶ ମୂର୍ତ୍ତି, ପ୍ରତିଭା ଅନ୍ୱେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଅଶୋକ ନଗର ଷଷ୍ଠ ଲାଇନ ଠାରେ ଅଶୋକ ନଗର ଯୁବକ ସଂଘ ପକ୍ଷରୁ ଆୟୋଜିତ ହେବାକୁ ଥିବା ୧୯ ତମ ପବିତ୍ର ସିଦ୍ଧି ବିନାୟକ ପୂଜା ଉତ୍ସବର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଆଜି ପୂଜାର ଶୁଭଖୁଣ୍ଟି ସ୍ଥାପନ ସହ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗଣେଶ ପୂଜା କମିଟି ସଭାପତି ତଥା ସ୍ଥାନୀୟ ୩୨ ନମ୍ବର ୱାର୍ଡ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପଦେଷ୍ଟା ତଥା ବିଶିଷ୍ଟ ଉଦଘୋଷକ ହୃଷୀକେଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଏ. ଶିବରାମ ପାତ୍ର, ଉପସଭାପତି ଶକ୍ତିଧର ରାଜାଗୁରୁ, ଅଶୋକ କୁମାର ବ୍ରହ୍ମା, ସମ୍ପାଦକ ଶିବରାମ ଚୌଧୁରୀ ଏବଂ କମିଟିର ପୃଷ୍ଠପୋଷକ ତଥା ଆବାହକ ଏ. ସନ୍ତୋଷ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଚଳିତବର୍ଷ ପୂଜା ଅବସରରେ ୩୨ ନମ୍ବର ୱାର୍ଡରେ ୩୨ ଫୁଟ୍ ଉଚ୍ଚତାର ଶ୍ରୀଗଣେଶଙ୍କ ଆକର୍ଷଣୀୟ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯିବ । ଅଶୋକ ନଗର ଯୁବକ ସଂଘ ପକ୍ଷରୁ ଚଳିତ ବର୍ଷ ୧୯ ତମ ବର୍ଷରେ ପଦାର୍ପଣ କରିଥିବା ଏହି ପୂଜା ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ବ୍ରହ୍ମପୁରର ଲୁକ୍କାୟିତ ପ୍ରତିଭାଙ୍କୁ ସୁଯୋଗ ଦେବା ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ବିଭିନ୍ନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଜୁନିୟର ଓ ସିନିୟର ବିଭାଗରେ ପ୍ରତିଦିନ ବିଭିନ୍ନ ପ୍ରତିଯୋଗିତା ହେବ। ଏଥିପାଇଁ ବହୁ ଉତ୍ସାହୀ କଳାକାର ପଞ୍ଜିକରଣ କରିଥିବା ଜଣାପଡ଼ିଛି । ଶ୍ରେଷ୍ଠ ବ୍ରହ୍ମପୁର ପ୍ରତିଭାଙ୍କୁ ସମ୍ମାନିତ କରାଯିବା ସହ ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ । ଏଥିସହ ପ୍ରତିଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ।



ଆସନ୍ତା ୧୫ରୁ ୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ଟାରେ ପୂଜାର୍ଚ୍ଚନା ଏବଂ ସନ୍ଧ୍ୟାରେ ଛୋଟ ଓ ବଡ଼ ପିଲାମାନଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ହେବ । ସେହିପରି ୨୨ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବ । ୨୪ ତାରିଖ ସନ୍ଧ୍ୟା ୫ଟା ୪୬ ମିନିଟରେ ଗଣେଶ ପୂଜାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିବା ବେଳେ ୨୫ ତାରିଖରେ କ୍ଷୀରାଭିଷେକ ଓ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସଭାରେ ସଭାପତି ସୁରେନ୍ଦ୍ର କୁମାର ମହାରଣା ପୂଜା ଓ ସମସ୍ତ କାର୍ଯ୍ୟକ୍ରମର ସଫଳତା କାମନା କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ସମ୍ପାଦକ ଶିବରାମ ଚୌଧୁରୀ ଉତ୍ସବର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିବା ବେଳେ ଅନ୍ୟ ପଦାଧିକାରୀମାନେ ମଧ୍ୟ ନିଜ ନିଜ ବକ୍ତବ୍ୟରେ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଯୁଗ୍ମ ସମ୍ପାଦକ ଦେବହରି ବେହେରା, କୋଷାଧ୍ୟକ୍ଷ ସତ୍ୟ ନାରାୟଣ, କିରଣ କୁମାର ସାହୁ, ସଂଯୋଜକ ପ୍ରଭାକର ପାଢ଼ୀ, କାର୍ଯ୍ୟକାରୀ ସଦସ୍ୟ କୁମାର ସୁରଜ ମହାରଣା, ଶିବ ଶଙ୍କର ପାଢ଼ୀ, ବିକ୍ରମ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗୁଣିଗାରେଡି ନେଇ ଆକ୍ରମଣ ମାମଲା

# ୨ ଅଭିଯୁକ୍ତଙ୍କୁ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଗୁଣିଗାରେଡିକୁ ନେଇ ୨୦୧୬ରେ ହୋଇଥିବା ଆକ୍ରମଣ ମାମଲାର ଚୂଡାନ୍ତ ରାୟ ୧୦ ବର୍ଷ ପରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମୀଣ) ରୀତିକା ଜେନା ପ୍ରକାଶ କରିଛନ୍ତି । ଉପଯୁକ୍ତ ପ୍ରମାଣ ଆଧାରରେ ମାଜିଷ୍ଟ୍ରେଟ ୨ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ବର୍ଷେ ଲେଖାଏଁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୁଇ ଅଭିଯୁକ୍ତ ହେଉଛନ୍ତି ଉକ୍ତ ଥାନା ଅନ୍ତର୍ଗତ କଇଠା ଗ୍ରାମର ହାଡ୍ଡୁ ବେହେରା ଏବଂ ପ୍ରଦୀପ ବେହେରା ।

ମାମଲାର ବିବରଣିରୁ ପ୍ରକାଶ ଯେ, ଉକ୍ତ ଗ୍ରାମରେ ସୁରେନ୍ଦ୍ର ବେହେରା ଓ ତାଙ୍କ ପରିବାର ରହୁଥିଲେ । ସୁରେନ୍ଦ୍ର ଗତ ୨୦୧୬ ଅଗଷ୍ଟ ୧ତାରିଖରେ ନିଜ କିଆ ବାଡରୁ ବାହାରିଥିବା କିଆ ଫୁଲ ବିକ୍ରି ପାଇଁ ସୁରଳ ଯାଇଥିଲେ । ସେଠାରୁ ସେ ଫେରୁଥିବା ବେଳେ ଗାଁ ମୁଣ୍ଡରେ ଉକ୍ତ ଗ୍ରାମର ହାଡ୍ଡୁ ବେହେରା ଏବଂ ପ୍ରଦୀପ ବେହେରା ତାଙ୍କୁ ବଳପୂର୍ବକ ନେଇ ଏକ ଘରେ ରଖି ଗୁଣି ସନ୍ଦେହରେ ମାରପିଟ କରୁଥିଲେ । ଖବର ପାଇ ତାଙ୍କ ପୁଅ ମୋହନ ବେହେରା ଓ ସ୍ତ୍ରୀ ପହଞ୍ଚି ଏହାର ପ୍ରତିବାଦ କରିଥିଲେ । ହେଲେ ଉଭୟ ହାଡ୍ଡୁ ଓ ପ୍ରଦୀପ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ପରେ ମୋହନ ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ ।

ପୋଲିସ ଏସଂକ୍ରାନ୍ତରେ ୧୧୦/୧୬ରେ ଏକ ମାମଲା ରୁଜୁ କରୁ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲାର ବିଚାରଣ ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲା । ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିଥିବାରୁ ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ଅମୟ କୁମାର ସାହୁ ମକଦ୍ଦମା ପରିଚାଳନା କରିଥିଲେ ।

## ବୁଗୁଡ଼ା ବ୍ଲକସ୍ତରୀୟ ସାଇନ୍ସ ସେମିନାର

ବୁଗୁଡା, (ସବ୍ୟୁ): ସ୍ଥାନୀୟ ବୁଦ୍ଧଗିରି ବିଦ୍ୟାପୀଠରେ ବ୍ଲକ ସ୍ତରୀୟ ସାଇନ୍ସ ସେମିନାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସେମିନାରରେ ୨୫ଟି ବିଦ୍ୟାଳୟର ୨୫ଜଣ ପ୍ରତିଯୋଗୀ ସେମାନଙ୍କ ଗାଇଡ୍ ଟିଚର ସହ ଅଂଶ ଗ୍ରହଣ କରିଥିଲା ବେଳେ ପିପୁଲ୍ସ କଲେଜର ରସାୟନ ବିଜ୍ଞାନ ଅଧ୍ୟାପକ ବିଜେନ୍ଦ୍ର ଆଚାର୍ଯ୍ୟ ଏବଂ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଅନୀତା ଦେବୀ ବିଚାରକ ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ଏବିଇଓ କୃଷ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାମଶ୍ୟାଳି ହାଇସ୍କୁଲ ପ୍ରଧାନ ଶିକ୍ଷକ ଜି.ନାଗେଶ୍ୱର ରାଓ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ସିଆରସିସି କିରଣ ବାଳା ତ୍ରିପାଠୀ ଯୋଗ ଦେଇ ପ୍ରତିଯୋଗୀଙ୍କୁ ମାର୍ଗ ଦର୍ଶନ ସହ ଉତ୍ସାହିତ କରିଥିଲେ । ଏ ଅବସରରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା ।


**ଦ.ପୂ. ରେଳପଥ-ଟେଣ୍ଡର**
[illegible]
(PR-741)



**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/26-27/ E-Tender/45-2026, ତା.04.09.2026ରିଖ
(1) ଟେଣ୍ଡର ସଂ. e-tender-CENTKUR-150-2026, ତା.27.08.2026ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ହିନ୍ଦୋଳ ରୋଡ୍ ସ୍ଥିତ ସେଡ୍ ଠାରେ ଭିତ୍ତିଭୂମି ସୁବିଧା ପ୍ରଦାନ ସମ୍ବନ୍ଧୀୟ ଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ 50000 ଗ୍ୟାଲନ୍ କ୍ଷମତା ବିଶିଷ୍ଟ RCC ଓଭରହେଡ୍ ଟାଙ୍କିର ପ୍ରସ୍ତାବିତ ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 143.31 ଲକ୍ଷ, EMD : ₹ 2,86,600/-, ଶେଷ ହେବା ଅବଧି : 08 (ଆଠ) ମାସ ।
(2) ଟେଣ୍ଡର ସଂ. e-tender-CENTKUR-151-2026, ତା.27.08.2026ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଢେଙ୍କାନାଳ ପରିସୀମା ଅଧୀନରେ ରେଲଗୁଡ଼ିକର ପେଣ୍ଟିଙ୍ଗ, ERCର ଲ୍ୟୁବ୍ରିକେସନ ଓ ଲାଇନର କଣ୍ଟାକ୍ଟ ଏରିଆର ସିଲିଙ୍ଗ କରିବା ଏବଂ ଅନ୍ୟାନ୍ୟ ସଂଲଗ୍ନ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 183.57 ଲକ୍ଷ, EMD : ₹ 3,67,200/-, ଶେଷ ହେବା ଅବଧି : 10 (ଦଶ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 18.09.2026, 1500 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
[illegible] www.ireps.gov.in [illegible]
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-430/R/26-27



**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.:26-KUR-TRD-OT-2026-27
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR)ମଣ୍ଡଳରେ [illegible] ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 79,10,763.04, ଅଗ୍ରିମ ରାଶି(ଟଙ୍କାରେ) : 1,58,200.00, ଶେଷ ହେବା ଅବଧି : 365 ଦିନ ।
ବିଡ୍ ଖୋଲା ହେବା ତାରିଖ : ତା.11.09.2026 ରିଖ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.09.2026 ରିଖ 1300 ଘଣ୍ଟିକାରେ ।
[illegible] www.ireps.gov.in [illegible]
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-426/R/26-27



**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.: ETELCONBBST-388E
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ [illegible] ROH ସେଡ୍ ଏବଂ CC [illegible] PSI [illegible] (SSP) [illegible] 1X25KV OHE [illegible]
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 10,74,95,098.92, ଅଗ୍ରିମ ରାଶି(ଟଙ୍କାରେ) : 21,49,900.00, ଶେଷ ହେବା ଅବଧି : 12 ମାସ ।
ବିଡ୍ ଖୋଲା ହେବା ତାରିଖ : ତା.21.09.2026 ରିଖ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.10.2026 ରିଖ 1500 ଘଣ୍ଟିକାରେ ।
[illegible] www.ireps.gov.in [illegible]
ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-୩, ଭୁବନେଶ୍ୱର
PR-185/CJ/26-27



ରଜିଷ୍ଟ୍ରୀ ସଂ. ଡି.ଏଲ.-33004/99 REGD. No. D. L.-33004/99
**ଭାରତ କା ରାଜପତ୍ର**
**The Gazette of India**
ସି.ଜି. - ଡି.ଏଲ୍-ଅ.27082026-275773
CG-DL-E-27082026-275773
ଅସାଧାରଣ
EXTRAORDINARY
ଭାଗ II - ଖଣ୍ଡ 3 - ଉପ-ଖଣ୍ଡ (ii)
PART II- Section 3- Sub-section (ii)
ପ୍ରାଧିକାର ସହ ପ୍ରକାଶିତ
PUBLISHED BY AUTHORITY
ସଂ. 4503] ନୂଆ ଦିଲ୍ଲୀ, ସୋମବାର, ଅଗଷ୍ଟ 24, 2026 / ଭାଦ୍ର 2, 1948
No. 4503] NEW DELHI, MONDAY, AUGUST 24, 2026/BHADRA 2, 1948

**ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ**
**ବିଜ୍ଞପ୍ତି**
ନୂଆ ଦିଲ୍ଲୀ, 24 ଅଗଷ୍ଟ, 2026

**S.O. 4688(E).** - ଜାତୀୟ ରାଜପଥ ଆଇନ, 1956 (1956 ର 48) ର ଧାରା 3A ର ଉପ-ଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି, କେନ୍ଦ୍ର ସରକାର, ସାର୍ବଜନୀନ ଉଦ୍ଦେଶ୍ୟରେ, ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଲଖନପୁର ତହସିଲ ଅଧୀନରେ ୦.୦ କି.ମି ରୁ ୫୨.୧ କି.ମି. ଜାତୀୟ ରାଜପଥ-49 ମଧ୍ୟରେ ପଡୁଥିବା ଗ୍ରାମଗୁଡିକ ଯଥା-ଅଟାବିରା, ବେଲପାହାଡ଼, ଭଇଁରଖୋଲ, ଛୁଆଲିବେର୍ଣ୍ଣା, କାତରବଗା, କୁରେମାଲ, ପିପିଲିମାଲ ଏବଂ ସିଂହାରପୁର ଇତ୍ୟାଦି ରାସ୍ତାର ନିର୍ମାଣ (ପକ୍କା ସୋଲଡର ସହ ଦୁଇ ଲେନ/ଚାରି ଲେନ ପ୍ରଶସ୍ତିକରଣ ଇତ୍ୟାଦି), ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ସଞ୍ଚାଳନ ପାଇଁ ନିମ୍ନସୂଚୀରେ ଦିଆଯାଇଥିବା ସଂକ୍ଷିପ୍ତ ବିବରଣୀ ଅନୁଯାୟୀ ଜମିର ଆବଶ୍ୟକତା ଦୃଷ୍ଟିରୁ ଜମି ଅଧିଗ୍ରହଣ କରିବାର ମନୋଭାବ ଘୋଷଣା କରୁଛନ୍ତି ।

ଉକ୍ତ ଜମି ନିମନ୍ତେ ଇଚ୍ଛୁକ ଥିବା ଯେକୌଣସି ବ୍ୟକ୍ତି, ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖରୁ ଏକୋଇଶ (21) ଦିନ ମଧ୍ୟରେ, ଉକ୍ତ ଅଧିନିୟମର ଧାରା 3C ର ଉପ-ଧାରା (1) ଅଧୀନରେ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଜମିର ବ୍ୟବହାର ଉପରେ ଆପତ୍ତି କରିପାରିବେ ।

ଏହିପରି ପ୍ରତ୍ୟେକ ଆପତ୍ତି କାର୍ଯ୍ୟଦକ୍ଷ କର୍ତ୍ତୃପକ୍ଷ, ଅର୍ଥାତ୍ ତହସିଲଦାର, ଲଖନପୁରଙ୍କ ନିକଟରେ ଲିଖିତ ଆକାରରେ ଦାଖଲ କରାଯିବ ଏବଂ ସେଥିରେ ଅଭିଯୋଗର କାରଣ ଦର୍ଶାଯିବ । କାର୍ଯ୍ୟଦକ୍ଷ କର୍ତ୍ତୃପକ୍ଷ ଆପତ୍ତିକର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବେ କିମ୍ବା ଆଇନଗତ ପରାମର୍ଶଦାତା (ଓକିଲ) ଙ୍କ ମାଧ୍ୟମରେ ଶୁଣାଣିର ସୁଯୋଗ ଦେବେ ଏବଂ ଏହିପରି ସମସ୍ତ ଆପତ୍ତି ଶୁଣିବା ପରେ ଏବଂ କାର୍ଯ୍ୟଦକ୍ଷ କର୍ତ୍ତୃପକ୍ଷ ଆବଶ୍ୟକ ମନେକଲେ ଅଧିକ ତଦନ୍ତ କରି, ଆଦେଶ ଦ୍ୱାରା ଆପତ୍ତିଗୁଡ଼ିକୁ ଗ୍ରହଣ କିମ୍ବା ନାକଚ କରିପାରିବେ ।

ଯଦି କାର୍ଯ୍ୟଦକ୍ଷ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା କୌଣସି ବି ଆଦେଶନାମା ଅଧିନିୟମର ଧାରା 3C ର ଉପ-ଧାରା (2) ଅଧୀନରେ ଆସୁଥାଏ ତେବେ ତାହା ଚୂଡ଼ାନ୍ତ ବୋଲି ଗ୍ରହଣ କରାଯିବ ।

ଏହି ବିଜ୍ଞପ୍ତି ଅନୁସାରେ ଅଧିଗ୍ରହଣ କରାଯିବାକୁ ଥିବା ଜମିର ନକ୍ସା (ପ୍ଲାନ୍) ଏବଂ ଅନ୍ୟାନ୍ୟ ବିବରଣୀ ଉପରୋକ୍ତ କାର୍ଯ୍ୟଦକ୍ଷ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଛି ଏବଂ ଇଚ୍ଛୁକ ବ୍ୟକ୍ତିମାନେ ଏହାକୁ ଯାଞ୍ଚ କରିପାରିବେ ।


**ସୂଚୀ (SCHEDULE)**
ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ଲଖନପୁର ତହସିଲ ଅଧୀନରେ ୦.୦ କି.ମି ରୁ ୫୨.୧ କି.ମି. ଜାତୀୟ ରାଜପଥ-49 ମଧ୍ୟରେ ପଡୁଥିବା ଗ୍ରାମଗୁଡିକ ଯଥା-ଅଟାବିରା, ବେଲପାହାଡ଼, ଭଇଁରଖୋଲ, ଛୁଆଲିବେର୍ଣ୍ଣା, କାତରବଗା, କୁରେମାଲ, ପିପିଲିମାଲ ଏବଂ ସିଂହାରପୁର ଇତ୍ୟାଦି ଭିତ୍ତିଭୂମି କିମ୍ବା ଅଣ-ଭିତ୍ତିଭୂମି ସହିତ ଅଧିଗ୍ରହଣ କରାଯିବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ ।

ଜିଲ୍ଲା: ଝାରସୁଗୁଡ଼ା
https://egazette.gov.in
ପ୍ରକାଶନ ତାରିଖ: 24.08.2026
https://bhoomirashi.gov.in/auth/revamp/Notification_a_qr.cshtml?project_id=61848&notification_id=79906&EncHid=2125444630&l=1

[F. No. NHAI/11013/LA/PIU-Sambalpur, Kanakatora-Jharsuguda/Odisha/ Notif.3(a)]/3A ]
SHAIKH AMINKHAN, Director

ସୂଚନା: ଏହି ବିଜ୍ଞପ୍ତିର ଏକ କିତା ନକଲ (Physical copy) CALA/PIU/RO ଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ଅଛି ଏବଂ ଜମିମାଲିକମାନେ ସେଠାରେ ମଧ୍ୟ ବିଜ୍ଞପ୍ତି ଦେଖିପାରିବେ ।

# ୭୯୬ କୋଟିର ପ୍ରକଳ୍ପରେ ୪-ଲେନରେ ଦୌଡ଼ିବ ରାୟଗଡା




ରାୟଗଡ଼ା, (ସବ୍ୟୁ) : ରାୟଗଡା ଜିଲ୍ଲାରେ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ୧୧୩.୩୮୬ କି.ମି. ରାସ୍ତାକୁ ୪-ଲେନରେ ଉନ୍ନୀତ କରାଯିବ। ଏଥିପାଇଁ ୭୯୫.୯୬ କୋଟି ଟଙ୍କା ବ୍ୟୟ ହେବ । ଏନେଇ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପ୍ରକଳ୍ପ ଅଧୀନରେ ରାୟଗଡା-କେରେଡ଼ା ରୋଡ୍ର ୨୫.୧୬୬ କି.ମି. ରାସ୍ତା ୧୮୬.୧୯ କୋଟି ଟଙ୍କାରେ ୪-ଲେନ ହେବ । ଏହାଦ୍ୱାରା ୧୭ ଗ୍ରାମ ଓ ୪ ପଞ୍ଚାୟତ ଉପକୃତ ହେବେ । ଏହି ରାସ୍ତା ପାଇଁ ୪(୧) ବିଜ୍ଞପ୍ତି ଜାରି ହେବା ସହ ୧୭ ଗ୍ରାମସଭା ସରିଛି ।

ସେହିପରି ଏନଏଚ ୫ର ୩୦ କି.ମି. ରାସ୍ତା ୨୧୨.୧୧ କୋଟି ଏବଂ ଏହାର ଅନ୍ୟ ୩୨.୧୮ କି.ମି. ଅଂଶ ୨୦୧.୪୮ କୋଟି ଟଙ୍କାରେ ୪-ଲେନ ହେବ । ଏଥିରେ ୪୫ ଗ୍ରାମ ଓ ୧୫ ପଞ୍ଚାୟତ ଲାଭାନ୍ୱିତ ହେବେ । ଏହାବ୍ୟତୀତ ଏନଏଚ ୬ର ୨୬.୦୪ କି.ମି. ରାସ୍ତା ୧୯୬.୧୮ କୋଟି ଟଙ୍କାରେ ଉନ୍ନୀତ ହେବ । ଜିଲ୍ଲାପାଳ କହିଛନ୍ତି, ଏହି ପ୍ରକଳ୍ପ ରାୟଗଡ଼କୁ କଳାହାଣ୍ଡି, କନ୍ଧମାଳ ଓ ବିଶାଖାପାଟଣା ସହ ଯୋଗାଯୋଗକୁ ସୁଦୃଢ଼ କରିବ । ରେଳଷ୍ଟେଶନ, ଶିଳ୍ପାଞ୍ଚଳ ଓ ବିଶାଖାପାଟଣା ବନ୍ଦର ସହ ଯୋଗାଯୋଗ ଉନ୍ନତ ହେବା ସହ କୃଷି, ଶିଳ୍ପ, ବାଣିଜ୍ୟ ଓ ପର୍ଯ୍ୟଟନର ବିକାଶରେ ସହାୟକ ହେବ । ରାସ୍ତାଗୁଡ଼ିକ ଡିଭାଇଡେଡ ହାଇୱେ ଭାବେ ନିର୍ମାଣ ହେବ ଏବଂ ଡିଜାଇନ ସ୍ପିଡ ୮୦ କି.ମି. ପ୍ରତି ଘଣ୍ଟା ରହିବ । ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବାରୁ ଜିଲ୍ଲାବାସୀଙ୍କ ପକ୍ଷରୁ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି, ରାୟଗଡ଼ -୧ ଆମ୍ବିକେୟ ମିଶ୍ର,ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି, ରାୟଗଡ଼ -୨ ଦୁର୍ଗା ମାଧବ ପାଢୀ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ଉପସ୍ଥିତ ଥିଲେ ।

# ବେଟି ବଚାଓ ବେଟି ପଢ଼ାଓ ସମନ୍ୱୟ ବୈଠକ

ଭବାନୀପାଟଣା,(ସବ୍ୟୁ) : ସ୍ଥାନୀୟ ପରିସଂଖ୍ୟାନ ସଭାଗୃହ, ଭବାନୀପାଟଣା ଠାରେ ବାଳିକାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସଶକ୍ତିକରଣ ସହିତ ବାଲ୍ୟ ବିବାହ ନିରୋଧ ଏବଂ ବାଳିକାଙ୍କ ପ୍ରତି ଥିବା ସାମାଜିକ ଭେଦଭାବ ଦୂର କରିବା ଉଦ୍ଦେଶ୍ୟରେ ବେଟି ବଚାଓ, ବେଟି ପଢ଼ାଓ ଅଭିଯାନର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଅଭିଭାବକ ମାନଙ୍କୁ ନିଜର କନ୍ୟା ସନ୍ତାନଙ୍କୁ ସୁରକ୍ଷିତ ରଖିବା ଏବଂ କୌଣସି ଭେଦ ଭାବ ନ ରଖି ସ୍ୱାବଲମ୍ବୀ କରିବାକୁ ଆହ୍ୱାନ କରିଥିଲେ । ଏହି ଅବସରରେ ଉପନିର୍ଦ୍ଦେଶକ, ଜିଲ୍ଲା ପ୍ଲାନିଂ ଓ ମନିଟରିଂ ୟୁନିଟ ଶ୍ରୀକାନ୍ତ ଦଳେଇ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ ନିହାରେନ୍ଦ୍ର ପଣ୍ଡା , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର , ଶିଶୁ ମଙ୍ଗଳ କମିଟି ଅଧକ୍ଷା ସର୍ୱର୍ଣ୍ଣଲତା ମହାନ୍ତି , ଶିଶୁ ମଙ୍ଗଳ କମିଟି ସଦସ୍ୟ ବିଶ୍ୱନାଥ ଦାସ , ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୂଜିବୁନ ନିଶା, ନିୟତି ବାଳା ସୋରେନ ପ୍ରମୁଖ ଉପସ୍ଥିତ ରହି ବେଟି ବଚାଓ ବେଟି ପାଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ବେଟି ବଚାଓ ବେଟି ପଢ଼ାଓ ର ଜିଲ୍ଲା ସ୍ତରୀୟ ଯୋଜନା ପ୍ରସ୍ତୁତି ଏବଂ ବିଭିନ୍ନ ସରକାରୀ ବିଭାଗ ର ସମନ୍ୱୟରେ କାର୍ଯ୍ୟକାରିତା ଉପରେ ଯୋଗେଶ୍ୱର ବୁଦ୍ଧିଆ ,ଜିଲ୍ଲା ସଂଯୋଜକ ଜିଲ୍ଲା ମହିଳା ହବ ମାଧ୍ୟମ ରେ ପ୍ରଦର୍ଶନ କରିଥିଲେ । ଏହି ଅବସର ରେ କଳାହାଣ୍ଡି ଜିଲ୍ଲା ର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଓ୍ୱାନଷ୍ଟପ ସେଣ୍ଟରର କର୍ମଚାରୀ ଓ ଶକ୍ତି ସଦନ ର କର୍ମଚାରୀ, ବେସରକାରୀ ଅନୁଷ୍ଠାନର ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠି ର ସଦସ୍ୟା ,ବିଭିନ୍ନ ପଂଚାୟତର ଜନ ପ୍ରତିନିଧି , ବିଭିନ୍ନ ଧାର୍ମିକ ପ୍ରତିନିଧି ସଦସ୍ୟ, ଜେଣ୍ଡର



ସି ଆର ପି ଏବଂ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବାଳିକା ଶିକ୍ଷାକୁ ପ୍ରୋତ୍ସାହନ, ବାଲ୍ୟ ବିବାହ ନିରୋଧ, ସୁରକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଏବଂ ସରକାରୀ ଯୋଜନାର ସୁଫଳ ବାଳିକାମାନଙ୍କ ନିକଟରେ ପହଞ୍ଚାଇବା ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ବୁଦ୍ଧିଆ ,ଜିଲ୍ଲା ସଂଯୋଜକ ଜିଲ୍ଲା ମହିଳା ହବ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଶେଷରେ କାର୍ଯ୍ୟକ୍ରମ ଅଧିକାରିଣୀ ତଥା ସୁରକ୍ଷା ଅଧିକାରିଣୀ ସନ୍ଧ୍ୟାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାୟାବର୍ହା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ସେମିନାର

ଏସ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହା ଠାରେ ପ୍ରଧାନ ଶିକ୍ଷକ ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଭାରତୀୟ ଶକ୍ତି ଭଣ୍ଡାର ୨୦୪୭- ଆହ୍ୱାନ ଓ ସମ୍ଭାବନା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଣ୍ଡାକିଟାଲ ଉଚ୍ଚ ପ୍ରାଥମିକ ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ତଥା ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ତପସ୍ୱିନୀ ଦାସ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ବିକଶିତ ଭାରତ ଗଠନ ପାଇଁ ଶକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ କରିଥିଲେ । ଶିକ୍ଷକ ରାଜୁ ମେହେର ସଭା ପରିଚାଳନା କରିଥିବା ବେଳେ ନନ୍ଦିଘୋଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ବିଜ୍ଞାନ ଶିକ୍ଷକ ମନୋଜ କୁମାର ପୂଜାରୀ ଓ କିରଣ କୁମାର ପୁଟେଲ ବିଚାରକ ଭାବରେ ଯୋଗଦେଇ ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ଡଲି ସାହୁ, କୁବୁଲି ଭୋଇ ଓ ଟିକେଶ୍ୱରୀ ପ୍ରଧାନଙ୍କୁ ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ଭାବରେ ପୁରସ୍କୃତ କରିଥିଲେ ଛାତ୍ରୀ ପ୍ରୀତି,ନିବେଦିତା, ଜସ୍ମିନ, ରୋଜି, ଝରଣା, ମାନସୀ , ରିୟା , ରୁକୁଣି, ପ୍ରତୀକ୍ଷା, ଲବିତା ନିଜ ନିଜ ପିପିଟି ପ୍ରଦର୍ଶନ ପୂର୍ବକ ଆଲୋଚନା କରିଥିଲେ । ସଂଜୀବ କୁମାର ପୂଜାରୀ, ଲିପି ପ୍ରଧାନ, ବିଭୀଷଣ ଖମାରୀ, ମିନିକେତନ ଦାସ , ସୁରଜ ଖମାରୀ, ସମୀର କଠାର ଶୋଭାଗିନୀ ସାହୁ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ଆରପିଡିଏସି ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ ନହେଲେ ଆନ୍ଦୋଳନ : ରୋହିତ

ସମ୍ବଲପୁର,(ସବ୍ୟୁ): ଦୀର୍ଘ ବର୍ଷ ପରେ ଏନ୍ଏଲ୍ସି ତଲାବିରା-୨ ଓ ୩ ପ୍ରକଳ୍ପକୁ ନେଇ ଆରପିଡିଏସି ବୈଠକ ଅନୁଷ୍ଠିତ ହୋଇଛି । କେବଳ ସମସ୍ୟା ନେଇ ଆଲୋଚନା କଲେ ଲୋକଙ୍କୁ ନ୍ୟାୟ ମିଳିପାରିବ ନାହିଁ । ଆଲୋଚନା ନୁହେଁ, ନିଷ୍ପତିର କାର୍ଯ୍ୟକାରୀ ହେବା ଦରକାର ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଏହି ବୈଠକ ଏବେ ଏକ ଔପଚାରିକତାରେ ପରିଣତ ହୋଇଛି । ଜମି ହରାଇଥିବା ଅନେକ ଯୁବକ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି । ଅନେକ ଠିକା ଶ୍ରମିକ ଭାବେ କାମ କରୁଛନ୍ତି ତ ପୁଣି କାହାକୁ ବାହାର ରାଜ୍ୟକୁ ପଠାଯାଇଛି। ଥଇଥାନ ଓ କ୍ଷତିପୂରଣ ବି ଅସମ୍ପୂର୍ଣ୍ଣ । ସେହିପରି ବେଆଇନ ଗଛ କଟା, ଅଧିକ ଖନନ ଓ କୋଇଲା ଚୋରିର ନିରପେକ୍ଷ ତଦନ୍ତ ଦରକାର। ବିଜେପିକୁ ଟାର୍ଗେଟ କରି ସେ କହିଛନ୍ତି ଯେ, ଏନ୍ଏଲସି କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଏକ ସଂସ୍ଥା ଅଟେ । ଦୀର୍ଘ ୮ ବର୍ଷ ହେବ କେନ୍ଦ୍ରରେ ବିଜେପି ସରକାର ରହିଛି। ବିକାଶ ପ୍ରତି ଇଚ୍ଛା ଥିଲେ ସମସ୍ୟା କେବେଠୁ ସମାଧାନ ହୋଇଥାନ୍ତା। ଏହା ପଛରେ ଆଦାନୀର ହାତ ଅଛି, ଯିଏ ବିଜେପିର ଗେହ୍ଲା ପୁଅ। ପାରିପାର୍ଶ୍ୱିକ ବିକାଶ ପାଇଁ ୩୦ କୋଟି ଘୋଷଣା ନୁହେଁ, ବରଂ ବାସ୍ତବ ବ୍ୟବହାର ପାଇଁ ସ୍ପଷ୍ଟ ଅନୁମୋଦିତ ପ୍ଲାନ ଆବଶ୍ୟକ । ତେବେ ବୈଠକରେ ନିଆଯାଇଥିବା ନିଷ୍ପତି କାର୍ଯ୍ୟକାରୀ ନହେଲେ ଆଗାମୀ ୩ମାସ ମଧ୍ୟରେ ଏକ ବଡ଼ ଜନ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

# ନାଳାରୁ ଯୁବକଙ୍କ ମୃତଦେହ ଉଦ୍ଧାର



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବରେଇପାଲି ଥାନା ଅନ୍ତର୍ଗତ ରେମେଡ଼ ମହିନ୍ଦ୍ରା ସୋରୁମ ନିକଟସ୍ଥ ନାଳାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ଜଣକ ଦୁର୍ଗାପାଲିର ଜିତୁ ସାହାଣୀ(୩୫) ବୋଲି ଜଣାପଡ଼ିଛି । ଏ ନେଇ ବରେଇପାଲି ଥାନାରେ ୧୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ, ବୁଧବାର ଅପରାହ୍ଣ ପ୍ରାୟ ସାଢ଼େ ୨ଟାରୁ ୩ଟା ସମୟରେ ମଧ୍ୟରେ ନାଳା ପାଣିରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଖବର ପାଇ ବରେଇପାଲି ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ମୃତଦେହଟି ପାଣିରେ ଭାସୁଥିବାରୁ ଏହା ଦୁଇ-ତିନି ଦିନ ତଳର ହୋଇଥାଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି । ମୃତକଙ୍କ ଶରୀରରେ କୌଣସି ଗୁରୁତର ଆଘାତର ଚିହ୍ନ ଦେଖିବାକୁ ମିଳିନାହିଁ । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି ।

# ପଞ୍ଚାୟତ ନିର୍ବାଚନକୁ ପ୍ରସ୍ତୁତ ବିଜୁ ସ୍ୱାଭିମାନ ମଞ୍ଚ
# ୨୨ଜିଲ୍ଲା ପରିଷଦ,୧୮୨ ସରପଞ୍ଚ ପ୍ରାର୍ଥୀ ଦେବୁ : ଭାସ୍କର



ରାୟଗଡ଼ା,(ସବ୍ୟୁ) : ବିଜେଡି ଛାଡ଼ିବା ପରେ ଗତବର୍ଷ ଗଠିତ ବିଜୁ ସ୍ୱାଭିମାନ ମଞ୍ଚ ଏକବର୍ଷ ପୂର୍ତ୍ତି ପାଳନ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଶକ୍ତି ପ୍ରଦର୍ଶନ କରିଛି । ରାୟଗଡ଼ା ଜିଲାପାଳ କାର୍ଯ୍ୟାଳୟ ନିକଟରେ ଆୟୋଜିତ ବର୍ଷପୂର୍ତ୍ତି ସମାବେଶରେ ଜିଲାର ବିଭିନ୍ନ ବ୍ଲକ ଓ ସହରରୁ ବହୁ କର୍ମୀ ଓ ସମର୍ଥକ ଯୋଗଦେଇଥିଲେ । ସମାବେଶରେ ପୂର୍ବତନ ସାଂସଦ ଏନ. ଭାସ୍କର ରାଓ ଘୋଷଣା କରିଥିଲେ ଯେ, ଆଗାମୀ ପଞ୍ଚାୟତ ନିର୍ବାଚନରେ ମଞ୍ଚ ରାୟଗଡ଼ା ଜିଲାର ସମସ୍ତ ୨୨ ଜିଲା ପରିଷଦ ଆସନରେ ପ୍ରାର୍ଥୀ ଦେବ । ଏଥିସହ ୧୮୨ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ପଦ ପାଇଁ ମଧ୍ୟ ପ୍ରାର୍ଥୀ ଦିଆଯିବ । କୌଣସି ରାଜନୈତିକ ଦଳର ନିର୍ଦ୍ଦେଶରେ ନୁହେଁ, ଗାଁ ଓ ପଞ୍ଚାୟତବାସୀଙ୍କ ସମର୍ଥନ ଆଧାରରେ ପ୍ରାର୍ଥୀ ଚୟନ କରାଯିବ ବୋଲି ସେ କହିଥିଲେ । ମଞ୍ଚ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବ ଏବଂ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଏକାଠି ହୋଇ ଆଗକୁ ବଢ଼ିବାକୁ ସେ ଆହ୍ୱାନ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା କହିଥିଲେ, ବୁଧବାରଠାରୁ ପଞ୍ଚାୟତ ନିର୍ବାଚନ ପାଇଁ ମଞ୍ଚର ରୋଡ଼ମ୍ୟାପ ଆରମ୍ଭ ହୋଇଛି । ଆଗାମୀ ଦିନରେ କାଶୀପୁର, ପଦ୍ମପୁର ଓ ଗୁଡ଼ାରୀରେ ବଡ଼ ସମାବେଶ କରାଯିବ । ଗାଁ ଲୋକଙ୍କ ପସନ୍ଦ ଅନୁଯାୟୀ ପ୍ରାର୍ଥୀ ଚୟନ ହେବ ବୋଲି ସେ କହିଥିଲେ । ସମାବେଶରେ ବିଜେଡି, କଂଗ୍ରେସ ଓ ବିଜେପି ସମେତ ବିଭିନ୍ନ ଦଳର କେତେକ ଅସନ୍ତୁଷ୍ଟ ନେତା ଓ କର୍ମୀ ଯୋଗଦେଇଥିଲେ। ଶତାଧିକ ଯୁବକ ବାଇକ ରାଲିରେ ଆସି ନେତାମାନଙ୍କୁ ସ୍ୱାଗତ କରିଥିଲେ । ବାନାଗାଡ଼ି ତିରୁପତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ସମାବେଶରେ ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ନର୍ଲା ଡିଗ୍ରୀ କଲେଜରେ ଫଳାଫଳକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଭୂଗୋଳ ବିଭାଗର ଫଳାଫଳକୁ ନେଇ ଏବେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକଟ ହୋଇଛି। ଏମାନେ ଉକ୍ତ କଲେଜର ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ଖାମଖିଆଲି ମନୋଭାବ ଯୋଗୁଁ ନିଜର ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ବସିଛି ବୋଲି ଅଭିଯୋଗ କରିଛନ୍ତି। ପୁଣ୍ଣ ଏହି ଡିଗ୍ରୀ କଲେଜର ଭୂଗୋଳ ବ୍ୟତିତ ଅନ୍ୟ ବିଷୟର ଫଳାଫଳ ଠିକ ରହୁଥିବା ବେଳେ ଭୂଗୋଳ ପରୀକ୍ଷାରେ କାହିଁକି ଫଳାଫଳ ନିମ୍ନ ସ୍ତରରେ ରହୁଛି ତାହା ସମସ୍ତଙ୍କ ଦୃଷ୍ଟିର କାରଣ ହୋଇଛି। ପ୍ରାପ୍ତ ସୂଚନା ମତେ ଭୂଗୋଳ ବିଷୟର ପ୍ରଥମ ସେମିଷ୍ଟାରରେ ୧୫ ଜଣ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ପୂର୍ବରୁ ବେକ ଲାଗିଥିବା ୯ ଜଣ ଅର୍ଥାତ୍ ସର୍ବମୋଟ ୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏଥିରୁ ରେଗୁଲାର କୌଣସି ଛାତ୍ରଛାତ୍ରୀ ପାସ କରି ନ ଥିବା ବେଳେ ବେକ ଲାଗିଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟରୁ ପାଞ୍ଚ ଜଣ ଉତ୍ତୀର୍ଣ୍ଣ କରିଥିଲେ । ରେଗୁଲାରରେ କୌଣସି ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ନ ଥିବାରୁ ଶିକ୍ଷା ଦାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସେହିପରି ତୃତୀୟ ସେମିଷ୍ଟାରରେ ଭୂଗୋଳ ବିଷୟରେ ରେଗୁଲାରରେ ୧୨ ଜଣ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଦେଇଥିବା ବେଳେ ବେକ ଲାଗିଥିବା ୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସର୍ବ ମୋଟ ୧୭ ଜଣ ପରୀକ୍ଷା ଦେଇଥିଲେ । ଏଥିରୁ ପୁଣି ରେଗୁଲାରରୁ ୩ ଜଣ ଉତ୍ତୀର୍ଣ୍ଣ କରିଥିଲେ । ଯାହା କି ଅତି ଲଜ୍ଜାର ବିଷୟ ବୋଲି ଶିକ୍ଷା ପ୍ରେମୀ ଓ ଅଭିଭାବକ ମାନେ କୁହନ୍ତି । ଭୂଗୋଳ ବିଷୟର ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାପାଇଁ ଛାତ୍ରଛାତ୍ରୀ ମାନେ ଅଧ୍ୟକ୍ଷଙ୍କୁ ଅନୁରୋଧ ଜଣାଇ ଥିବା ପ୍ରକାଶ ପାଉଛି ।

# ବୁଲା କୁକୁର କାମୁଡ଼ାରେ ଚାଲିଗଲା ଜୀବନ

ଜମନକିରା,(ସବ୍ୟୁ): ପ୍ରଶାସନର ଖାମଖିଆଲି ମନୋଭାବ ଏବଂ ବୁଲା କୁକୁରଙ୍କ ଉପଦ୍ରବ ଯୋଗୁଁ ଆଉ ଏକ ନିରୀହ ଜୀବନ ଦୀପ ଲିଭିଯାଇଛି । ସହରରୁ କୁକୁର ଆଣି ରାତିଅଧିଆ ଗାଁ ମାନଙ୍କରେ ଛାଡ଼ିଦେବାର ସଙ୍ଗୀନ ଅଭିଯୋଗ ଭିତରେ ଜମନକିରା ବ୍ଲକରେ ବୁଲା କୁକୁର ଆତଙ୍କ ଭୟଙ୍କର ରୂପ ନେଇଛି । କୁଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଗୌଡ଼ପାଲି ଗ୍ରାମର ପ୍ରତିଷ୍ଠିତ ଗୌନ୍ତିଆ ପରିବାରର ସଦସ୍ୟ ସୁଶାନ୍ତ ନାଥ ଶର୍ମା ଓରଫ ସୁରୁ ଙ୍କର ଜଳାତଙ୍କ ରୋଗରେ ଆକ୍ରାନ୍ତ ହୋଇ ବୁର୍ଲା ବଡ଼ ଡାକ୍ତରଖାନାରେ କରୁଣ ମୃତ୍ୟୁ ଘଟିଛି ।

ଘଟଣାରୁ ପ୍ରକାଶ ଯେ, ଗତ ଅଗଷ୍ଟ ୧୬ ତାରିଖରେ ଏକ ହିଂସ୍ର ବୁଲା କୁକୁର ସୁଶାନ୍ତଙ୍କ ନାକ ଓ ମୁହଁକୁ ଅତି ବିଭତ୍ସ ଭାବେ କାମୁଡ଼ି ଛିଣ୍ଡାଇ ପକାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ବୁର୍ଲା ଭୀମସାର୍ ଏବଂ ପରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ମୁହଁର ଜଟିଳ ଅସ୍ତ୍ରୋପଚାର ସହ ଆଣ୍ଟି-ରାବିସ ଟିକା ଦିଆଯାଇଥିଲା । କିଛି ଦିନ ଚିକିତ୍ସା ପରେ ସେ ଘରକୁ ଫେରିଥିଲେ ମଧ୍ୟ ସେପ୍ଟେମ୍ବର ୬ ତାରିଖ ବିଳମ୍ବିତ ରାତିରେ ହଠାତ୍ ତାଙ୍କ ଶରୀରରେ ଜଳାତଙ୍କ ର ଗମ୍ଭୀର ଲକ୍ଷଣ ପ୍ରକାଶ ପାଇଥିଲା । ପରିବାର ଲୋକେ ତୁରନ୍ତ ତାଙ୍କୁ ପୁଣି ବୁର୍ଲାରେ ଭର୍ତ୍ତି କରିଥିଲେ ହେଁ ୭ ତାରିଖ ସନ୍ଧ୍ୟା ସାଢ଼େ ୭ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ଏହି ଅଭାବନୀୟ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସହ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି । ସମ୍ବଲପୁର ମହାନଗର ନିଗମ (ଏସଏମସି) କର୍ତ୍ତୃପକ୍ଷ ନିଜ ଦାୟିତ୍ୱରୁ ଖସିବା ପାଇଁ ସହରାଞ୍ଚଳରୁ ଶହ ଶହ ବୁଲା କୁକୁରଙ୍କୁ ଧରି ଗ୍ରାମାଞ୍ଚଳରେ ଛାଡ଼ି ଦେଉଥିବା ଅଭିଯୋଗ ତୀବ୍ର ହେବାରେ ଲାଗିଛି । ସହରରୁ ଆସୁଥିବା ଏହି ଅପରିଚିତ ତଥା ହିଂସ୍ର କୁକୁରମାନେ ଗାଁ ଦାଣ୍ଡରେ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛନ୍ତି । ପୁଣି ନିକଟସ୍ଥ କଦଳିପାଲ ଗ୍ରାମରେ ଜଣେ ଯୁବକ ବୁଲା କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ଗ୍ରାମାଞ୍ଚଳରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ସମସ୍ତେ ଘରୁ ବାହାରିବାକୁ ଭୟ କରୁଥିବା ବେଳେ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି। ସୁଶାନ୍ତଙ୍କ ଅକାଳ ବିୟୋଗ ପରେ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି ଗାଁ ଲୋକଙ୍କ ଜୀବନର କ'ଣ କୌଣସି ମୂଲ୍ୟ ନାହିଁ । ତୁରନ୍ତ ଏହି ବୁଲା କୁକୁର ଚାଲାଣ ରୋକିବା ଏବଂ ଗ୍ରାମାଞ୍ଚଳକୁ କୁକୁର ଆତଙ୍କରୁ ମୁକ୍ତ କରିବା ପାଇଁ ପ୍ରଶାସନ ଠୋସ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ସିଏଚସିରୁ ଗଡ଼ିଲା ବର୍ଷା ଜନିତ ରୋଗ ସଚେତନତା ରଥ

କୋକସରା,(ସବ୍ୟୁ) : କୋକସରା ଗୋଷ୍ଠି ସାସ୍ଥ୍ୟ କେନ୍ଦ୍ର ସହଯୋଗରେ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ରୋଗ ସଚେତନତା ଅଭିଯାନ ସୃଷ୍ଟି କରିବାକୁ ବୁଧବାର ସିଏଚସି ପରିସରରୁ ସଚେତନତା ରଥକୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ବ୍ଲକର ୨୨ ପଞ୍ଚାୟତରେ ଡେଙ୍ଗୁ ମ୍ୟାଲେରିଆ ଓ ଡାଇରିଆ ରୋଗଠୁ କେମିତି ସତର୍କ ରହିବା ସେନେଇ ଲୋକଙ୍କୁ ସଚେତନତା ବାର୍ତ୍ତା ଦେବ । ସଚେତନତା ରଥର ଶୁଭାରମ୍ଭ ଅବସରରେ ସିଏଚସି ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶର୍ମିଳା ଛତ୍ରୀଆ, ବିପିଏମ ସୁରଜିତ ସିଂ କୁମାର, ଏସ ଟି ଏସ ଆମୋଦ ଚନ୍ଦ୍ର ଗୋଲାପ, ଭିବି ଡି ଟି ଏସ ଦୁଷ୍ମନ୍ତ ରାଉତ, ବିଡିଏମ ଲୋକନାଥ ମିଶ୍ର, ଫାର୍ମାସିଷ୍ଟ ସୁଧୀର ଧଙ୍ଗଡା ମାଝୀ, ଆଶା କର୍ମି ଓ ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

# ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ

ସୋନପୁର,(ସବ୍ୟୁ): ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୀରମହାରାଜପୁର ବିଧାୟକ ତଥା ଜିଲ୍ଲା ଯୋଜନା ପର୍ଯ୍ୟବେକ୍ଷଣ କମିଟି ଅଧକ୍ଷ ରଘୁନାଥ ଜଗଦଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଶ୍ରୀ ଜଗଦଲା ଅଧିକାରୀ ମାନଙ୍କୁ କହିଥିଲେ ଯେ ଜିଲ୍ଲାର ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ ନିହାତି ଜରୁରୀ । ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ । ବିଧାୟକ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ସାମୂହିକ ଭାବେ ଜିଲ୍ଲା ଓ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ କାର୍ଯ୍ୟ କରିବାକୁ କହିଥିଲେ । ଭୁବନେଶ୍ୱରସ୍ଥିତ ବିଭାଗକୁ ପ୍ରସ୍ତାବ ପଠାଇବା ପୂର୍ବରୁ ଏ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲ୍ଲାରେ ପ୍ରାୟ ୯୪ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଜଣାପଡ଼ିଥିଲା । ଗୁରୁତର ରୋଗରେ ପୀଡ଼ିତ, ଦିବ୍ୟାଙ୍ଗ ଓ ବିଧବା ମହିଳାଙ୍କୁ ଲକ୍ଷ୍ୟ କରି ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଥିବା ଅପେକ୍ଷା ତାଲିକା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ବିଭିନ୍ନ ଗ୍ରାମରେ ଆବଶ୍ୟକ ସାମୁଦାୟିକ କେନ୍ଦ୍ର, ପ୍ରଶିକ୍ଷଣ କେନ୍ଦ୍ର ଓ ପାନୀୟଜଳ ସୁବିଧା ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାର ଅସମ୍ପୂର୍ଣ୍ଣ ୨୦୩ଟି ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟ ଶେଷ କରିବା ପାଇଁ ଆବଶ୍ୟକ ପାଣ୍ଠି ଓ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଛାତ୍ର ଛାତ୍ରୀ ମାନଙ୍କୁ ଆର୍ଥିକ ସହାୟତା, ଯଶୋଦା ଯୋଜନା ଏବଂ ଉତ୍କଳ ବାଳାଶ୍ରମରେ ଥିବା ଶିଶୁମାନଙ୍କ ଶିକ୍ଷା ଓ ନିଯୁକ୍ତି ସମ୍ପର୍କରେ ମଧ୍ୟ ତଥ୍ୟ ଦିଆଯାଇଥିଲା । ଜିଲ୍ଲାରେ ଆଉ ଏକ ବାଳାଶ୍ରମ ନିର୍ମାଣ ପାଇଁ ପ୍ରସ୍ତାବ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ହସ୍ତଶିଳ୍ପ କ୍ଷେତ୍ରରେ ଛଅ ମାସିଆ ପ୍ରଶିକ୍ଷଣ ଚାଲିଥିବା ବେଳେ ଜିଲ୍ଲାରେ ହସ୍ତଶିଳ୍ପ ସାମଗ୍ରୀ ବିକ୍ରୟ ପାଇଁ ଏକ ସ୍ୱତନ୍ତ୍ର ଦୋକାନ ସ୍ଥାପନ ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ ।



ପର୍ଯ୍ୟଟନ କ୍ଷେତ୍ରରେ ମେଟାକାନି ଓ ସାହାଜପୀଟାଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରର ସୁପରିଚାଳନା ସହ ପାତାଳୀ ଶ୍ରୀକ୍ଷେତ୍ରରେ ପର୍ଯ୍ୟଟକଙ୍କ ପାଇଁ ଆଶ୍ରୟସ୍ଥଳୀ ବିକାଶ ଉପରେ ଆଲୋଚନା ହୋଇଥିଲା। ଖଣି କାର୍ଯ୍ୟ ପରେ କ୍ଷତିଗ୍ରସ୍ତ ରାସ୍ତାର ପୁନରୁଦ୍ଧାର ନିଶ୍ଚିତ କରିବାକୁ ଖଣି ଅଧିକାରୀଙ୍କୁ କୁହାଯାଇଥିଲା । ଧାନ କ୍ରୟ ଓ ସଂରକ୍ଷଣ ବ୍ୟବସ୍ଥା ସୁଦୃଢ଼ କରିବା, ଖାଲି ସ୍ଥାନରେ ଗୋଦାମ ନିର୍ମାଣ ଏବଂ ବଡ଼ ଧାନ ସଂରକ୍ଷଣ ପାଇଁ ପ୍ରସ୍ତାବ ଦେବା ନେଇ ଆଲୋଚନା ହୋଇଥିଲା। ବୁଣାକାରମାନେ ମଧ୍ୟସ୍ଥଙ୍କ ବିନା ସିଧାସଳଖ ସୂତା କିଣିପାରିବା ପାଇଁ ବ୍ୟବସ୍ଥା କରିବା ସହ ଦଶ ଏକର ଜମିରେ ମଲବେରୀ ଚାଷ ପାଇଁ ପ୍ରସ୍ତାବ ଦିଆଯାଇଥିବା ଜଣାଯାଇଥିଲା । ଭୀମ ଭୋଇ ମଠ ବିକାଶ କାର୍ଯ୍ୟ, ଉଲୁଣ୍ଡା-ପାତାଳୀ, ଜେଲ ଛକ-ପାତାଳୀ ଏବଂ ଖଲିଆପାଲି ରାସ୍ତାରେ, ତିନୋଟି ତୋରଣ ନିର୍ମାଣର ପ୍ରସ୍ତାବ ରଖିବା ପାଇଁ ବିଧାୟକ ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାଞ୍ଚଟି ବ୍ଲକରେ କ୍ରୀଡ଼ା ଭିତ୍ତିଭୂମି ବିକାଶ କାର୍ଯ୍ୟ ଚାଲିଥିବା ଏବଂ ପ୍ରତ୍ୟେକ ବ୍ଲକ ପାଇଁ ଦୁଇ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାଯାଇଥିଲା । ନୂତନ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସ ଏବଂ ବିଜୁ ପଟ୍ଟନାୟକ କଲେଜରେ ଛାତ୍ରବାସ ଓ ବହୁମୁଖୀ ଛାତ୍ରାବାସ ନିର୍ମାଣ ନେଇ ଆଲୋଚନା ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ବିଦ୍ୟାଳୟ ପରିଦର୍ଶନ କରି ଭିତ୍ତିଭୂମିର ସୁରକ୍ଷା ଓ କାର୍ଯ୍ୟକ୍ଷମତା ଯାଞ୍ଚ କରିବାକୁ କୁହାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଲୁଣ୍ଡା ଓ ବିନିକାଠାରେ ସିଏସସି ଭବନ ନିର୍ମାଣକୁ ଅନୁମୋଦନ ମିଳିଥିବା ଏବଂ ଆସନ୍ତା ମାସରେ ଜିଲ୍ଲାକୁ ୨୨ ଜଣ ନୂତନ ଡାକ୍ତର ଆସିବାର ଥିବା ଜଣାଯାଇଥିଲା । ଏପର୍ଯ୍ୟନ୍ତ ୨,୩୫,୦୨୬ ଜଣଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଛି । କୃଷି ବିଭାଗ ପକ୍ଷରୁ ସାର ବଣ୍ଟନ ବ୍ୟବସ୍ଥା ଉପରେ ନଜର ରଖିବା ସହ ଅଚାନକ ପରିଦର୍ଶନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଗ୍ରାମୀଣ କାର୍ଯ୍ୟ ପ୍ରକଳ୍ପ, ଷ୍ଟାଡିୟମ ନିର୍ମାଣ ଓ ଅନ୍ୟାନ୍ୟ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା । ବୈଠକରେ ସମସ୍ତ ବିଭାଗକୁ ନିଜ ନିଜ ଯୋଜନାର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରି ଲୋକଙ୍କୁ ଉନ୍ନତ ସେବା ଯୋଗାଇବାକୁ ବିଧାୟକ ଆହ୍ୱାନ ଦେଇଥିଲେ ।

# ବୋରିଗୁମ୍ମାରେ ବିଜେପିର ମିଶ୍ରଣ ପର୍ବ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ରଣସପୁର ପଞ୍ଚାୟତ ରେ ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଗୌତମ ସାମନ୍ତରାୟ ଯୋଗଦେଇ ଅନ୍ୟ ଦଳ ଛାଡି ବିଜେପିରେ ସାମିଲ ହୋଇଥିବା କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ । ରଣସପୁର,ଟିଙ୍ଗିରି ପୁଟ ଓ ବେଣାଗାଁ ପଞ୍ଚାୟତର ପ୍ରାୟ ୫୦ଜଣ କର୍ମୀ ବିଜେପି ରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ କୁମୁଲି ମଣ୍ଡଳର ସଭାପତି ସୁବିମଳ ଭଞ୍ଜ, ସମ୍ପାଦକ ଗୌରୀ ଶଙ୍କର ଦାଶ, ସୁଶାନ୍ତ ମିଶ୍ର ଜିଲା ଉପସଭାପତି ରାଜ ସିଂ ,ଜିଲା ଏସଟି ମୋର୍ଚ୍ଚାର ଉପସଭାପତି ମଧୁ ହିଆଲ, ଜିଲା ଉପସଭାପତି ସବ୍ୟସଚି ଗୌଡ଼ ବୋରିଗୁମ୍ମା ମଣ୍ଡଳ ଉପସଭାପତି ରଞ୍ଜନ କୁମାର ମିଶ୍ର, ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସେପଟେ ରଣସପୁର ପଞ୍ଚାୟତର ମଦନ ତନ୍ତୀ, ରବୀନ୍ଦ୍ର ବେହେରା ,ଦୁଲାଭ ବେହେରା ପ୍ରମୁଖ ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ । ନୂତନ କର୍ମୀଙ୍କ ବିଜେପିରେ ଯୋଗଦାନ ପରେ ବିଜେପି ଦଳ ତୃଣ ମୂଳ ସ୍ତରରେ ସୁଦୃଢ଼ ହେବ ଏବଂ ସମସ୍ତ କର୍ମୀ ମିଳି ମିଶି ଲଢ଼ିଲେ ଦଳକୁ ସୁଫଳ ମିଳିବ । ଆଗାମୀ ଦିନରେ ଜୟପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ବୋଲି ବିଜେପି ନେତା ଶ୍ରୀ ସାମନ୍ତରାୟ ସୂଚନା ଦେଇଛନ୍ତି । କୁମୁଲି ମଣ୍ଡଳର ସାଧାରଣ ସମ୍ପାଦକ ଗୌରୀ ଶଙ୍କର ଦାଶଙ୍କ ତତ୍ତ୍ୱାଧାନରେ ବିପିନ ସଗରିଆ,ଦିର ବିଷୋୟୀ,ନାଇନା ମାଝୁ, ଜଗବନ୍ଧୁ ମାଝୁ , ଦୈତାରି ନାୟକ, ଈଶ୍ୱର ବିଷୋୟୀ, ଚିନା ଗୌଡ଼ ସମେତ ଅନେକ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି ।

### ବର୍ହାମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ଘୋର ସମସ୍ୟା

# ଶିକ୍ଷକ, କୋଠରୀ ଓ ଖେଳ ପଡ଼ିଆ ଅଭାବ ଗ୍ରାମବାସୀ ତାଲା ପକାଇବାକୁ ପ୍ରସ୍ତୁତ



ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ଅନ୍ତର୍ଗତ ବର୍ହାମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯେଉଁଠାରେ ଶିଶୁ ବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ ଟି ଶ୍ରେଣୀର ୯୬ ଜଣ ପିଲା ପାଠ ପଢୁଛନ୍ତି । ତେବେ ଏହି ସ୍କୁଲରେ ରହିଛି ଅନେକ ସମସ୍ୟା, ଯାହା ଶିକ୍ଷା ବ୍ୟବସ୍ଥାକୁ ବଡ଼ ଧକ୍କା ଦେଉଛି । ଏହି ସ୍କୁଲକୁ ୧୯୪୫ ମସିହାରୁ ଆରମ୍ଭ ହୋଇଥିବା ଏବେ ୮୦ ବର୍ଷରୁ ଅଧିକ ସମୟ ହେଲାଣି କିନ୍ତୁ ଏପର୍ଯ୍ୟନ୍ତ ଖେଳ ପଡ଼ିଆ ଟିଏ ନାହିଁ । ଶ୍ରେଣୀ କୋଠରୀ ଆବଶ୍ୟକ ଅନୁଯାୟୀ ନାହିଁ । ସ୍କୁଲରେ ମାତ୍ର ଜଣେ ଶିକ୍ଷକ ଓ ୨ ଜଣ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଚାଲିଛି ପାଠ ପଢା । ସ୍କୁଲରେ ଶିକ୍ଷକ ଅଭାବ ଏକ ବଡ଼ ସମସ୍ୟା। ୯ ଟି ଶ୍ରେଣୀ ପାଇଁ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି, ଯାହା ଶିକ୍ଷା ବ୍ୟବସ୍ଥାକୁ ଉପହାସ କରୁଛି । ସ୍କୁଲରେ କୋଠରୀ ଅଭାବ ମଧ୍ୟ ଏକ ବଡ଼ ସମସ୍ୟା । ୯ ଟି ଶ୍ରେଣୀ ପାଇଁ ଆବଶ୍ୟକ କୋଠରୀ ନାହିଁ, ଯାହା ପିଲାମାନଙ୍କୁ ପାଠ ପଢିବା ପାଇଁ ସମସ୍ୟା ହେଉଛି । ସ୍କୁଲରେ ଖେଳ ପଡ଼ିଆ ଅଭାବ ମଧ୍ୟ ଏକ ବଡ଼ ସମସ୍ୟା । ପିଲାମାନଙ୍କୁ ଖେଳିବା ପାଇଁ ସ୍କୁଲରେ କୌଣସି ଖେଳ ପଡ଼ିଆ ନାହିଁ ।

ଶିକ୍ଷକ ଅଭାବ ଥିଲାବେଳେ ଶିକ୍ଷା ବିଭାଗ ପକ୍ଷରୁ ଅଣଶୈକ୍ଷିକ କାର୍ଯ୍ୟ କରିବା ପାଇଁ ବାଧ କରୁଥିବା ବେଳେ, ଏହା ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ୍ୟ ହେଉଥିବା ନେଇ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ତୁଳାରାମ ନାଏକ, ସହକାରୀ ଶିକ୍ଷୟିତ୍ରୀ ଚାରୁଲତା ଦ୍ୱିବେଦୀ, ଅଞ୍ଜଳି ମିଶ୍ର ପ୍ରମୁଖ ପରିଚାଳନା କମିଟି ବୈଠକରେ ପ୍ରକାଶ କରିଛନ୍ତି । ଗତବର୍ଷ ବିଭିନ୍ନ ସମସ୍ୟା ନେଇ କମିଟିର କର୍ମକର୍ତ୍ତା, ଅଭିଭାବକ ଓ ଗ୍ରାମବାସୀ ସ୍କୁଲରେ ତାଲା ପକାଇଥିଲେ । ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସିଆରସି ଦାୟିତ୍ୱ ନେଇଥିବା ସ୍କୁଲର ଶିକ୍ଷୟିତ୍ରୀ ସନ୍ତୋଷିନି ପଟେଲଙ୍କୁ ଫେରେଇ ଦେଇଥିଲେ । ତାପରେ ସ୍କୁଲର ତାଲା ଖୋଲାଯାଇଥିଲା। କିଛି ଦିନ ପରେ ଯଥା ପୂର୍ବଂ ତଥା ପରାଂ ସଦୃଶ୍ୟ ପୁନର୍ବାର ସନ୍ତୋଷୀନିଙ୍କୁ ନେଇ ସିଆରସି ଦାୟିତ୍ୱ ପ୍ରଦାନ କରିଥିଲେ । ଯାହାକି ସ୍କୁଲର ଶିକ୍ଷକ ସମସ୍ୟା ସମାଧାନ ହୋଇ ପାରିନଥିଲା । ୫ ବର୍ଷ ଭିତରେ କୌଣସି ଅନୁଦାନ ଆସିନଥିବାରୁ ସ୍କୁଲର ଉନ୍ନତିକରଣ ହୋଇ ପାରିନାହିଁ । ସ୍କୁଲରେ ୯ ଟି ଶ୍ରେଣୀ ଆବଶ୍ୟକ ଥିବା ବେଳେ ମାତ୍ର ୩ ଟି ଶ୍ରେଣୀରେ ପାଠ ପଢା ଚାଲିଛି । ଯାହାକି କୋଠରୀ ଗୁଡ଼ିକରେ ଛାତ୍ରୀ ଛାତ୍ରଙ୍କୁ ବସିବା ଉଠିବା ବ୍ୟାପକ ସମସ୍ୟା ରହୁଥିବା ନେଇ ପିଲାମାନେ ଅଭିଯୋଗ କରିଛନ୍ତି । ତେବେ ଆଗାମୀ ଏକ ମାସ ମଧ୍ୟରେ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ କରାଯିବ ବୋଲି ଜଣାଯାଇଛି । ଏ ସମସ୍ୟା ସମ୍ପର୍କରେ କମିଟିର ଅଧକ୍ଷ ପ୍ରକାଶ ପାତ୍ର, ସଭ୍ୟ ପୂର୍ଣ୍ଣଚନ୍ଦ୍ର ରୋହିଦାସ, ତପନ ଭୋଇ, ସଭ୍ୟା ପୁନମ କିସାନ ପ୍ରମୁଖ ଅନେକ ସମୟରେ ପ୍ରଶାସନ ପାଖରେ ଲିଖିତ ଓ ମୌଖିକ କହି ଆସୁଥିଲେ ସୁଦ୍ଧା ପ୍ରତିକାର କରୁନାହାନ୍ତି । ତେବେ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଏହି ସମସ୍ୟା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଶିକ୍ଷା ବିଭାଗ ଏହି ସମସ୍ୟା ପ୍ରତି ଯଥା ଶୀଘ୍ର ଦୃଷ୍ଟି ଦେବା ପାଇଁ ଦାବି ହେଉଛି ।

ଏ ସଂକ୍ରାନ୍ତରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ଖୁବ ଶୀଘ୍ର ଶିକ୍ଷକ ନିଯୁକ୍ତି ପରେ ଶିକ୍ଷକ ଦିଆଯିବ ବୋଲି କହିଥିଲେ ।

### ସେକ୍ସ ରାକେଟ ସତ କହିବ ସିସିଟିଭି !

# ବଲାଙ୍ଗିରରେ ହୋଟେଲକୁ ନେଇ ବଢୁଛି ଚର୍ଚ୍ଚା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଭାଇଚାରାର ସହର । ଏଠି ଅଧିକାଂଶ ଲୋକ ପରସ୍ପରକୁ ଚିହ୍ନନ୍ତି ଜାଣନ୍ତି । ତେବେ ଗତ କିଛି ଦିନ ହେଲା ସହରରେ ଏକ ଚର୍ଚ୍ଚିତ ଘଟଣାକୁ ନେଇ ଚାଲିଛି ଜୋରଦାର ଆଲୋଚନା । ହୋଟେଲ ଆଢୁଆଳରେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ଏବେ ତଦନ୍ତର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ଘଟଣାରେ ରାଜ୍ୟ ବାହାରୁ ମହିଳାଙ୍କୁ ଆଣି ଦେହ ବ୍ୟବସାୟରେ ନିୟୋଜିତ କରାଯାଉଥିବା ନେଇ ମଧ ଅଭିଯୋଗ ରହିଛି ।

ନିକଟରେ ବଲାଙ୍ଗିର ପୁଲିସ ଏକ ଦେହ ବ୍ୟବସାୟ ରାକେଟର ପର୍ଦ୍ଦାଫାସ କରିବା ପରେ ଏହି ମାମଲା ଅଧିକ ଚର୍ଚ୍ଚାକୁ ଆସିଛି । ଘଟଣାର ତଦନ୍ତ ଆଗକୁ ବଢୁଥିବା ବେଳେ ହୋଟେଲରେ ଲାଗିଥିବା ସିସିଟିଭି ଫୁଟେଜ ଏବେ ପୁଲିସ ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ କଡ଼ି ହୋଇଛି । ପୁଲିସ ପକ୍ଷରୁ ହୋଟେଲ୍ର ନିର୍ଦ୍ଦିଷ୍ଟ ସମୟର ସିସିଟିଭି ଫୁଟେଜ ସହ ଅନ୍ୟାନ୍ୟ ଦଲିଲ ଦସ୍ତାବିଜ ମଗାଯାଇଥିବା ସୂଚନା ମିଳିଛି । ତେଣୁ ଏହି ଫୁଟେଜରୁ ରାକେଟ ସହ କାହାର ସମ୍ପର୍କ ଥିଲା କି, କିଏ କେବେ ହୋଟେଲ୍କୁ ଯାଇଥିଲା ଏବଂ ଘଟଣା ପଛରେ ଆଉ କେଉଁମାନେ ରହିଛନ୍ତି ତାହାର ସୁରାଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି ।

## ମ୍ୟାନେଜରଙ୍କୁ ନୋଟିସ, ଥାନାରେ ପଚରାଉଚରା

ଘଟଣାକ୍ରମରେ ବଲାଙ୍ଗିର ଟାଉନ ଥାନା ପକ୍ଷରୁ ରେଲୱେ ଷ୍ଟେସନ ନିକଟସ୍ଥ ହୋଟେଲର ଦୁଇ ମ୍ୟାନେଜରଙ୍କୁ ନୋଟିସ କରାଯାଇଥିବା ଜଣାପଡିଛି । ଏ. ନାଗଭୂଷଣ ରାଓ ଓ ନରେନ୍ଦ୍ର ବେହେରାଙ୍କୁ ଥାନାକୁ ଡାକି ପୁଲିସ ପଚରାଉଚରା କରିଥିବା ସୂଚନା ରହିଛି । ହୋଟେଲରେ ଧରାପଡିଥିବା ମହିଳାମାନେ କିପରି ହୋଟେଲକୁ ଆସିଥିଲେ, ସେମାନଙ୍କୁ କିଏ ଆଣିଥିଲା , କେତେଦିନ ଧରି ସେମାନେ ହୋଟେଲରେ ରହୁଥିଲେ ଏନେଇ ଅଧିକ ପଚରା ଉଚୁରା ହୋଇଥିବା ଜଣାପଡ଼ିଛି । ସେମାନଙ୍କ ଯାତାୟାତରେ ଆଉ କିଏ ସହଯୋଗ କରୁଥିଲା, ଏଭଳି ଅନେକ ପ୍ରଶ୍ନ ନେଇ ପୁଲିସ ତଦନ୍ତ କରୁଥିବା କୁହାଯାଉଛି । ତେବେ ହୋଟେଲରେ ରହୁଥିବା ଅତିଥିମାନଙ୍କ ସମ୍ପର୍କିତ ରେକର୍ଡ ଓ ପୁଲିସକୁ ଦିଆଯାଉଥିବା ସୂଚନାକୁ ନେଇ ମଧ ପ୍ରଶ୍ନ ଉଠିଛି । ତଦନ୍ତକାରୀମାନେ ହୋଟେଲରେ ରେଜିଷ୍ଟର୍ ଓ ଅନ୍ୟାନ୍ୟ ରେକର୍ଡ ଯାଞ୍ଚ କରୁଥିବା ସୂଚନା ମିଳିଛି ।

ତଦନ୍ତ ସମୟରେ ହୋଟେଲର ୧୦୩ ଓ ୧୦୬ ନମ୍ବର ରୁମକୁ ନେଇ ମଧ ଚର୍ଚ୍ଚା ଜୋର ଧରିଛି । ଏହି ଦୁଇଟି ରୁମରେ ଦୀର୍ଘ ସମୟ ଧରି ମହିଳାମାନେ ରହୁଥିବା ନେଇ ପୁଲିସ ରେକର୍ଡ ଯାଞ୍ଚ କରିଥିବା ସମୟରେ ଜାଣିପାରିଥିବା କୁହାଯାଉଛି । ଏହି ଘଟଣା ସହ ଆଉ କେତେ ଲୋକଙ୍କ ସମ୍ପର୍କ ରହିଛି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି । ତଦନ୍ତରେ ହୋଟେଲର ରେଜିଷ୍ଟର୍, ମୋବାଇଲ ଫୋନ, କଲ ରେକର୍ଡ ଏବଂ ସିସିଟିଭି ଫୁଟେଜ ଭଳି ତଥ୍ୟକୁ ଗୁରୁତ୍ୱ ଦିଆଯାଉଥିବା ଚର୍ଚ୍ଚା ହେଉଛି ।

## ମୋବାଇଲରୁ ମିଳିଲା ସୁରାଗ !

ଗତ ୨ ତାରିଖରେ ବଲାଙ୍ଗିର ପୁଲିସ ଦେହ ବ୍ୟବସାୟ ଅଭିଯୋଗରେ ଏକ ରାକେଟ୍ର ପର୍ଦ୍ଦାଫାସ କରିଥିଲା। ଏହି ଘଟଣାରେ ଗୀତାଞ୍ଜଳି ବାଗଙ୍କ ମୋବାଇଲରୁ ମିଳିଥିବା ତଥ୍ୟକୁ ଆଧାର କରି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ସୂଚନା ରହିଛି । ତଦନ୍ତରୁ ରାଜ୍ୟ ବାହାରୁ ମହିଳାଙ୍କୁ ଆଣି ହୋଟେଲରେ ରଖିବା ଏବଂ ଅନଲାଇନ ମାଧ୍ୟମରେ ଗ୍ରାହକଙ୍କ ସହ ଯୋଗାଯୋଗ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଥିବା କୁହାଯାଉଛି । ପୁଲିସ ଏହି ରାକେଟର ମୁଖ୍ୟ ସୂତ୍ରଧାର କିଏ ଏବଂ ଏହାର ନେଟୱର୍କ କେତେ ଦୂର ପର୍ଯ୍ୟନ୍ତ ବ୍ୟାପିଛି, ତାହା ଖୋଜୁଛି । ଘଟଣାର ତଦନ୍ତରେ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି ସିସିଟିଭି ଫୁଟେଜ । ଅଗଷ୍ଟ ୨୦ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତର ସିସିଟିଭି ଫୁଟେଜ ପୁଲିସ ହୋଟେଲ ପକ୍ଷରୁ ମାଗିଥିବା ସୂଚନା ରହିଛି। ଏତେ ଦିନର ଫୁଟେଜ ମଗାଯିବା ପଛରେ ତଦନ୍ତର ବିଭିନ୍ନ ଦିଗ ରହିଥିବା ଅନୁମାନ କରାଯାଉଛି । ହୋଟେଲକୁ କିଏ ଆସୁଥିଲା, କେଉଁ ସମୟରେ ଆସୁଥିଲା, କାହା ସହ ଆସୁଥିଲା ଏବଂ କେତେ ସମୟ ରହୁଥିଲା ଏସବୁ ତଥ୍ୟ ସିସିଟିଭିରୁ ମିଳିପାରେ । ଏହା ସହିତ ତଦନ୍ତକାରୀମାନେ ଅନ୍ୟାନ୍ୟ ଦଲିଲ ଦସ୍ତାବିଜ ମଧ ଯାଞ୍ଚ କରୁଥିବା ସୂଚନା ରହିଛି ।

## ହୋଟେଲ ମାଲିକଙ୍କ ଭୂମିକାକୁ ନେଇ ପ୍ରଶ୍ନ

ଘଟଣାରେ ମ୍ୟାନେଜରଙ୍କୁ ନୋଟିସ ଓ ପଚରାଉଚରା କରାଯିବା ପରେ ହୋଟେଲ ମାଲିକଙ୍କ ଭୂମିକାକୁ ନେଇ ମଧ ପ୍ରଶ୍ନ ଉଠିଛି । ଯଦି ହୋଟେଲ ପରିସରରେ କୌଣସି ସଂଗଠିତ ଅପରାଧ ଘଟୁଥିବା ପ୍ରମାଣିତ ହୁଏ, ତେବେ ଦାୟିତ୍ୱ କାହାର । ହୋଟେଲ ପରିଚାଳନାରେ ମାଲିକଙ୍କ ଭୂମିକା କଣ । ମ୍ୟାନେଜରଙ୍କୁ ପଚରାଉଚରା କରାଯାଉଥିବା ବେଳେ ମାଲିକଙ୍କ ଭୂମିକା ନେଇ ପୁଲିସ କଣ ତଦନ୍ତ କରୁଛି। ଏଭଳି ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ଆଇନଜୀବୀ ।

ଘଟଣାକୁ ନେଇ ଏବେ ମୁହଁ ଖୋଲିଛନ୍ତି ନାରୀ ସଂଗଠନର କର୍ମକର୍ତ୍ତାମାନେ। ଦେହ ବ୍ୟବସାୟ ଭଳି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସମ୍ପୂର୍ଣ୍ଣ ନେଟୱର୍କର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି । କେବଳ ହୋଟେଲରୁ ଧରାପଡିଥିବା ଲୋକଙ୍କ ପର୍ଯ୍ୟନ୍ତ ତଦନ୍ତକୁ ସୀମିତ ନରଖି, ଏହା ପଛରେ ଥିବା ଦଲାଲ, ଆର୍ଥିକ କାରବାର ଏବଂ ଅନ୍ୟ ସଂପୃକ୍ତ ବ୍ୟକ୍ତିଙ୍କ ଭୂମିକା ମଧ ଖୋଜିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି ।

ଘଟଣାକୁ ନେଇ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ ଅଧିକାରିକ ଭାବେ ବିସ୍ତୃତ ପ୍ରତିକ୍ରିୟା ଦିଆଯାଇନଥିବା ସୂଚନା ରହିଛି । ତଦନ୍ତ ଚାଲିଥିବାରୁ ଏହି ପର୍ଯ୍ୟାୟରେ ଅଧିକ କିଛି କହିବାକୁ ଅଧିକାରୀମାନେ ମନା କରିଥିବା ଜଣାପଡିଛି। କିନ୍ତୁ ଏବେ ତଦନ୍ତର ପରବର୍ତ୍ତୀ ଦିଗକୁ ନେଇ ସମସ୍ତଙ୍କ ନଜର । ସବୁଠାରୁ ବଡ ପ୍ରଶ୍ନ ଏହି ରାକେଟ କେବଳ କିଛି ଲୋକଙ୍କ ମଧ୍ୟରେ ସୀମିତ ଥିଲା, ନା ଏହା ପଛରେ ରହିଛି ଏକ ବଡ ନେଟୱର୍କ । ଅନଲାଇନ ବୁକିଂରୁ ଆରମ୍ଭ କରି ହୋଟେଲରେ ରହଣୀ, ଦଲାଲଙ୍କ ଯୋଗାଯୋଗ ଠାରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ କଡ଼ିକୁ ଯୋଡିବା ପାଇଁ ପୁଲିସ ତଦନ୍ତ ଚଳାଇଛି ।

# ଆରପିଡିଏସି ବୈଠକରେ ସ୍ଥାନୀୟ ନିଯୁକ୍ତି ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ




ସମ୍ବଲପୁର, (ସବ୍ୟୁ): ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ କମିଶନର କାର୍ଯ୍ୟାଳୟ ସଭାଗୃହରେ ଏନ୍ଏଲ୍ସି କୋଇଲା ଖଣି ଓ ତାପଜ ବିଦ୍ୟୁତ ପ୍ରକଳ୍ପ ପ୍ରଭାବିତଙ୍କ ପୁନର୍ବାସ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଆରପିଡିଏସି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆରଡିସି ସଂଗ୍ରାମ କେଶରୀ ମହାପାତ୍ର ଅଧକ୍ଷତା କରିଥିଲେ । ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରଭାବିତଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ବୈଠକରେ ଜମି ଅଧିଗ୍ରହଣ ସମେତ ଉଚିତ କ୍ଷତିପୂରଣ ପ୍ରଦାନ, ଥଇଥାନ ବ୍ୟବସ୍ଥା, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଆତ୍ମନିଯୁକ୍ତି, ଦକ୍ଷତା ବିକାଶ ତାଲିମ ଓ ପାରିପାର୍ଶ୍ୱିକ ଉନ୍ନୟନ ତଥା ପରିବେଶ ସୁରକ୍ଷାର ଆଦି ପ୍ରମୁଖ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପ୍ରକଳ୍ପ ଅଞ୍ଚଳରେ ସାଧାରଣ ଲୋକଙ୍କ ଦୈନନ୍ଦିନ ଅଭିଯୋଗର ତ୍ୱରିତ ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଉପ-କମିଟି ଗଠନ କରିବାକୁ ନିଷ୍ପତି ନିଆଯାଇଥିଲା। ହୀରାକୁଦ ସମୟରେ ବିସ୍ଥାପିତ ହୋଇ ଏବେ ପୁଣି ପ୍ରଭାବିତ ହେଉଥିବା ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆବର୍ଗ ଲୋକଙ୍କ ସ୍ୱାର୍ଥ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଆବଶଯକ ବୋଲି ସାଂସଦ ଶ୍ରୀ ପ୍ରଧାନ କହିଥିଲେ । ବୈଠକରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲ୍ଲା ପରିଷଦ ଅଧଯକ୍ଷା କୁମୁଦିନୀ ନାୟକଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

# କଳାହାଣ୍ଡିରେ ନୂତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲାର ନୂତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ମନୋଜ କୁମାର ବେହେରା ଯୋଗଦେଇଛନ୍ତି। ଭବାନୀପାଟଣା ସ୍ଥିତ ଡିଆଇପିଆରଙ୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଡିଆଇପିଆର୍ଓ ତଥା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁରଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ନବରଙ୍ଗପୁର ଜିଲାରେ କାର୍ଯ୍ୟରତ ଥିଲେ । ଜିଲାର ସାମ୍ବାଦିକ ମାନଙ୍କ ସହିତ ସୁସମ୍ପର୍କ ରଖି ଜିଲାର ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ, ବିଶେଷ କରି ସରକାରଙ୍କ ସଚେତନତା ମୂଳକ କାର୍ଯ୍ୟକ୍ରମ ଗୁଡିକୁ ଲୋକଲୋଚନକୁ ପହଞ୍ଚାଇବା ପାଇଁ ସାମ୍ବାଦିକ ଜରିଆରେ ପ୍ରୟାସ ଜାରି ରହିବ ବୋଲି ନୂତନ ଡ଼ିଆଇପିଆରଓ ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ଦାୟିତ୍ୱ ଗ୍ରହଣ ସମୟରେ ପୂର୍ବତନ ଡିଆଇପିଆରଓ ଶ୍ରୀ କହଁର ଓ କନିଷ୍ଠ ସହାୟକ ନିଳାମ୍ବର ଶବର ପ୍ରମୁଖ ଉପସ୍ଥିତ ଥିଲେ ।



# ମୋ ଭୋଟ ମୋ ଅଧିକାର ନାରା ଦେଇ ବିଜେଡିର ଶୋଭାଯାତ୍ରା




ଝାରସୁଗୁଡ଼ା,(ସବ୍ୟୁ): ନିର୍ବାଚନୀ ଭୋଟର ତାଲିକାରୁ ବୈଧ ଭୋଟରଙ୍କ ନାମ ଗାଏବ କରିବା ଏବଂ ଜାଲିଆତି ଅଭିଯୋଗକୁ ନେଇ ଝାରସୁଗୁଡ଼ା ଜିଲ୍ଲା ଲଇକେରା ଠାରେ ବିଜେଡି ପକ୍ଷରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ମୋ ଭୋଟ ମୋ ଅଧିକାର ନାରା ଦେଇ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ନେତୃତ୍ୱରେ ହଜାର ହଜାର ବିଜେଡି କର୍ମୀ ଲଇକେରା ବିଜେଡି କାର୍ଯ୍ୟାଳୟରୁ ବାହାରି ଲଇକେରା ଥାନା ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ । ଏହା ପରେ ଝାରସୁଗୁଡ଼ା ଏସପିଙ୍କ ଉଦ୍ଦେଶ୍ୟରେ ଲଇକେରା ଆଇଆଇସିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଚାଲିଥିବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନେ ଜାଲ କାଗଜପତ୍ର ଓ ମିଥ୍ୟା ଅଭିଯୋଗ ଦେଇ ବୈଧ ଭୋଟରଙ୍କ ନାମ ହଟାଇବାକୁ ଚେଷ୍ଟା କରୁଛନ୍ତି । ଜଣେ ବ୍ୟକ୍ତି ଗୋଟିଏ ଦିନରେ ସର୍ବାଧିକ ୧୦ଟି ଆପତ୍ତି ଦାଖଲ କରିବା ନିୟମ ଥିବା ବେଳେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ଏହି ବେଆଇନ କାର୍ଯ୍ୟ ବିରୋଧରେ ଏଫଆଇଆର ଦେବାକୁ ଗଲେ ପୋଲିସ ମାମଲା ରୁଜୁ କରିବାରେ ଆପତ୍ତି କରୁଥିବା ଅଭିଯୋଗ ହୋଇଛି ପ୍ରଜା ପ୍ରତିନିଧି ଆଇନ ୧୯୫୦ର ଧାରା ୩୧ ଅନୁଯାୟୀ ଏଭଳି ମିଥ୍ୟା ଆବେଦନକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକ ବିଜେଡି ପକ୍ଷ ରୁ ଏସପି ଙ୍କୁ ଦାବି କରାଯାଇଛି । କାହାର ଚାପରେ ଗଣତାନ୍ତ୍ରିକ ଅଧିକାରକୁ ହତ୍ୟା କରାଯାଉଛି ବୋଲି ରାଲିରେ ପ୍ରଶ୍ନ କରାଯାଇଥିବା ବେଳେ ଏହି ଆନ୍ଦୋଳନକୁ ସ୍ଥାନୀୟ ଲୋକଙ୍କ ପୂର୍ଣ୍ଣ ସମର୍ଥନ ମିଳିଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଚେୟାରମ୍ୟାନ ତୁଳାବତୀ ମିଞ୍ଜ, ଲଇକେରା ବ୍ଲକ ଚେୟାରମ୍ୟାନ ସଂଜିତ କୁମାର ନାଇକ, ବ୍ଲକ ବିଜେଡି ସଭାପତି ସାନ୍ତୁନୁ ନାଇକ, ମହିଳା ଜିଲ୍ଲା ବିଜେଡି ସଭାପତି ଭଗବତୀ ବେହେରା, ସବିତା ବାଗ, ରୋଜାଲିନ ପଟେଲ, ଭୋପାଲ ବେହେରା ଓ ଜିତେନ୍ଦ୍ର ରଣାଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ଯୁବ କର୍ମୀ ଉପସ୍ଥିତ ଥିଲେ । ନାଗରିକଙ୍କ ଗଣତାନ୍ତ୍ରିକ ଓ ଭୋଟଦାନ ଅଧିକାର ସୁରକ୍ଷିତ ନରହିଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ପୂର୍ବତନ ବିଧାୟିକା ଦୀପାଳୀ ଦାସ ଚେତାବନୀ ଦେଇଛନ୍ତି ।

# ଟ୍ରକକୁ ପଛରୁ ଧକ୍କା ଦେଲା ବାଇକ, ଦୁଇ ମୃତ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗ ଜିଲ୍ଲା ଝଗରପୁରସ୍ଥିତ ଏଲଭି ପ୍ରସାଦ ଚିକିତ୍ସାଳୟ ନିକଟରେ ଘଟିଛି ଏକ ଛାତିଥରା ସଡ଼କ ଦୁର୍ଘଟଣା। ଆଗରେ ଯାଉଥିବା ଏକ ଟ୍ରକକୁ ପଛପଟୁ ଧକ୍କା ଦେଇ ଦୁଇ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ବାଇକ୍ରେ ଥିବା ଦୁଇଜଣ ଗୁରୁତର ଭାବେ ଆହତ ହୋଇଥିଲେ । ପରେ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତ ଦୁଇଜଣ ରାଜଗାଙ୍ଗପୁର ଅଞ୍ଚଳର ବାସିନ୍ଦା ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ମୃତକଙ୍କ ପରିଚୟ ଓ ଦୁର୍ଘଟଣାର ସମ୍ପୂର୍ଣ୍ଣ କାରଣ ନେଇ ଅଧିକ ସୂଚନା ଅପେକ୍ଷା କରାଯାଉଛି । ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଆଲୁମିନିୟମ ସ୍କ୍ରାପ ଚୋରି, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ହୀରାକୁଦ ହିଣ୍ଡାଲକୋ କମ୍ପାନୀ ପରିସରରୁ ଆଲୁମିନିୟମ ସ୍କ୍ରାପ ଚୋରି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଖ୍ରୀଷ୍ଟିୟାନପଡ଼ାର ରାଜନ ମହାନନ୍ଦ (୨୮) ବୋଲି ଜଣାପଡିଛି। ତାଙ୍କ ନିକଟରୁ ପ୍ରାୟ ୫୦କିଗ୍ରା ଆଲୁମିନିୟମ ସ୍କ୍ରାପ ଜବତ ହୋଇଛି। ସୂଚନାଯୋଗ୍ୟ, ହିଣ୍ଡାଲକୋ ପରିସରରୁ ଆଲୁମିନିୟମ ସ୍କ୍ରାପ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଏନେଇ ହୀରାକୁଦ ଥାନା ପୋଲିସ ୧୯୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ଚୋରି ସାମଗ୍ରୀ ଜବତ ହୋଇଛି । ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଜିଲ୍ଲାସ୍ତରୀୟ ଉଲ୍ଲାସ କାର୍ଯ୍ୟକ୍ରମ ଶୁଭାରମ୍ଭ

ସମ୍ବଲପୁର,(ସବ୍ୟୁ) : ସ୍ଥାନୀୟ ବୁଢ଼ାରଜା ସରକାରୀ ହାଇସ୍କୁଲ ଠାରେ ନବଭାରତ ସାକ୍ଷରତା ଅଭିଯାନ ପକ୍ଷରୁ ଉଲ୍ଲାସ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି, ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ଗିରୀଧାରୀ ହୋତା ମୁଖ୍ୟବକ୍ତା, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ଗୀତାଞ୍ଜଳି ଭୋଇ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ, ଶିକ୍ଷକ ମୋତିଲାଲ ଦୋରା, ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯଶୋବନ୍ତ ସାହୁ ଓ ଧନକଉଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଦାନ ସୁନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ନିରକ୍ଷରତା ଦୂର କରି ଶିକ୍ଷାର ପ୍ରଦୀପ ଜାଳିବାକୁ ଶପଥ ପାଠ କରାଯାଇଥିଲା । ଏଥିସହ ଉଲ୍ଲାସ ପୁସ୍ତକ ବଣ୍ଟନ ଓ ସଚେତନତା ଶୋଭାଯାତ୍ରା ମଧଯ ଅନୁଷ୍ଠିତ ହୋଇଥିଲା । ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


# ଓଡ଼ିଶା ଫ୍ୟାଶନ୍ ୱିକ୍ ସିଜନ୍- ୪ ଅଡିସନ୍

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଭୂତାପଡ଼ା ସୁଲତାନ ଫିଟନେସ ଜିମ୍ ଠାରେ ଓଡ଼ିଶା ଫ୍ୟାଶନ୍ ୱିକ୍ ସିଜନ-୪ର ଅଡିସନ୍ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ୱାସେ ମଲ୍ଲିକ ମୁଖ୍ୟ ଅତିଥି ଓ ମହମ୍ମଦ ହସନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ସମ୍ବଲପୁର ସମେତ ବିଭିନ୍ନ ଅଞ୍ଚଳର ଯୁବକଯୁବତୀ ମାନେ ଅଂଶଗ୍ରହଣ କରି ନିଜ ମଡେଲିଂ ପ୍ରତିଭା ପ୍ରଦର୍ଶନ କରିଥିଲେ । ଆୟୋଜକ ସଞ୍ଜୋଗ ପଟ୍ଟନାୟକ ଓ ସହବାଜ ଖାନଙ୍କ ଉଦ୍ୟମରେ ହୋଇଥିବା ଅଡିସନରେ ଫୈଜାନ୍ ଅହମ୍ମଦ, ସିପ୍ରା ଚକ୍ରବର୍ତ୍ତୀ, ନାସିମ୍ ଅହମ୍ମଦ ପ୍ରମୁଖ ସହଯୋଗ କରିଥିଲେ ।

# ନାରୀ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ହୀରାକୁଦ କଲେଜରେ ଶକ୍ତିଶ୍ରୀ ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ନାରୀ ସଶକ୍ତିକରଣ, ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷା ସୁମିତ୍ରା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିସହ ଛାତ୍ରୀମାନଙ୍କୁ ଅଧିକାର ଓ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ । ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଭାପତି ତଥା ଇଂରାଜୀ ବିଭାଗ ମୁଖ୍ୟ ସୀମାନ୍ତିକା ଦାସ ଯୋଗ ଦେଇ ଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା, ଆତ୍ମନିର୍ଭରତା, ଆତ୍ମବିଶ୍ୱାସ ଓ ନେତୃତ୍ୱ ଭାବନା ବିକଶିତ କରିବା ସହ ସେମାନଙ୍କୁ ନିଜ ଅଧିକାର ଏବଂ ଦାୟିତ୍ୱ ସମ୍ପର୍କରେ ଅବଗତ କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ପତଙ୍ଗ ସଦସ୍ୟା ଅମିନା ବେଗମ ଯୋଗଦେଇ ଲିଙ୍ଗ ସମାନତା, ସୁରକ୍ଷିତ ପରିବେଶ, ବ୍ୟକ୍ତିଗତ ସୀମା ଓ ଅଧିକାର ବିଷୟରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ରଶ୍ମିଲତା ମହାନନ୍ଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ମଞ୍ଜୁଲତା ପଣ୍ଡା, ଅର୍ଥନୀତି ବିଭାଗର ଅଧଯାପିକା ଡ. ସୌଦାମିନୀ ପ୍ରଧାନ ଓ ବାଣିଜ୍ୟ ବିଭାଗ ଅଧ୍ୟାପିକା ଡ. ସ୍ମିତିଶିଖା ଗୁରୁ ମଧ ନିଜ ମତ ରଖିଥିଲେ । ଶେଷରେ ଅଧାପିକା ତୃପ୍ତିମୟୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାଙ୍କ ଆଇନଗତ ଅଧିକାର ଓ ଆଇନ ଉପରେ ଆଲୋଚନା




କନ୍ଧମାଳ,(ସବ୍ୟୁ) : ପଞ୍ଚାୟତ କଲେଜ କନ୍ଧମାଳର ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ପକ୍ଷରୁ କଲେଜ ପରିସରରେ ଓମେନସ ଲିଗାଲ ରାଇଟ୍ସ ଏଣ୍ଡ ଲସ ଶୀର୍ଷକ ଏକ ସେମିନାର ଅନୁଷ୍ଠିତ ହୋଇଛି । କଲେଜ ଅଧକ୍ଷ ଅନୋଜ କୁମାର ଭୁକ୍ତାଙ୍କ ଅଧକ୍ଷତା ଏବଂ ଶକ୍ତିଶ୍ରୀ ନୋଡାଲ ଅଧିକାରୀ ପ୍ରୀତିସ୍ମିତି ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ଦୂତିଆ ଚରଣ ସାହୁ ମୁଖ୍ୟ ମାର୍ଗଦର୍ଶକ ଭାବେ ଯୋଗଦେଇ ମହିଳାଙ୍କ ଆଇନଗତ ଅଧିକାର ଓ ପୋଷ ଆଇନ- ୨୦୧୩ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଅଧାପକ ଦେବଦାସ ମହାପାତ୍ର ଓ ରବୀନ୍ଦ୍ର କୁମାର ପ୍ରଧାନ ମହିଳା ସଶକ୍ତିକରଣ ଓ ଆଇନ ସଚେତନତାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅଧାପକ ଶିବଦତ୍ତ ପୁରୋହିତ, ସଂଶିତ କୁମାର ରଥ, ଅଞ୍ଜୁମ ଲୋମଗା, ନୀଳମଣି ମଲ୍ଲିକ ପୌଲସ୍ତି ପ୍ରଧାନ,ପାଠାଗାର ଅଧିକାରୀ ଜତିନ କୁମାର ମିଶ୍ର,ଅଧାପିକା ନନ୍ଦିନୀ ସାମନ୍ତରାୟ, ସେବାଶ୍ରୀ ବେହେରା, ମାନିନୀ ଦାଶ, ଅର୍ଚ୍ଚନା ମିଶ୍ର, ଶ୍ୱେତପଦ୍ମା ମହାକୁଡ଼, ମମତା ପଣ୍ଡା, ଅମ୍ରିତା ସାହୁ, ମଧୁସ୍ମିତା ନନ୍ଦ, ସୁକନ୍ୟା ସାହୁ, ମହାବିଦ୍ୟାଳୟର ସମସ୍ତ ଅଣଶିକ୍ଷକ କର୍ମଚାରୀ ଏବଂ ଶକ୍ତିଶ୍ରୀ ସାଥୀ ଓ ପ୍ରତିନିଧିଙ୍କ ସମେତ ବହୁ ସଂଖ୍ୟକ ଛାତ୍ରୀ ଉପସ୍ଥିତ ଥିଲେ । ସେମିନାର ମାଧ୍ୟମରେ ଛାତ୍ରୀମାନଙ୍କୁ ନିଜ ଅଧିକାର, ଆଇନଗତ ସୁରକ୍ଷା ଓ ନ୍ୟାୟ ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ସଚେତନ କରାଯାଇଥିଲା ।

# ଲରମ୍ବା କଲେଜରେ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର

ବରଗଡ଼,(ସବ୍ୟୁ): ଲରମ୍ବା କଲେଜ ପରିସରରେ ଚିକିତ୍ସାଳୟମ ପକ୍ଷରୁ ଅଗ୍ରୱାଲ ଆଇ ହସ୍ପିଟାଲ, ସନ ଫାର୍ମା ଏବଂ ଏନଡ଼ି ଡାଏଗ୍ନୋଷ୍ଟିକ୍ସର ସହଯୋଗରେ ଏକ ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଶିବିରରେ ୫୦୦ରୁ ଅଧିକ ସ୍ଥାନୀୟ ଜନସାଧାରଣ ଓ ଛାତ୍ରଛାତ୍ରୀ ଯୋଗଦେଇ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଓ ପରାମର୍ଶ ଗ୍ରହଣ କରିଥିଲେ । ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ଲୋକମାନଙ୍କୁ ନିଃଶୁଳ୍କ ଚିକିତ୍ସା ପରାମର୍ଶ ଓ ସେବା ପ୍ରଦାନ କରିଥିଲେ। ଫ୍ୟାମିଲି ମେଡିସିନ ଓ ଜେରିଆଟ୍ରିକ କେୟାର ବିଶେଷଜ୍ଞ ଡା. ଅସିତ ମାଝୀ, ଅର୍ଥୋପେଡିକ ସର୍ଜନ ଡା. ଆରଯନ କୁମାର ମହାନ୍ତି, ଓରାଲ ମେଡିସିନ ଆଣ୍ଡ ରେଡିଓଲୋଜି ବିଶେଷଜ୍ଞ ଡା. ପ୍ରଶାନ୍ତ ଗୋୟଲ, ଡେଣ୍ଟାଲ ସର୍ଜନ ଡା. ସସ୍ମିତା ଜୟସ୍ୱାଲ ଓ ଡା. ଅମିତ ପାତ୍ର, ଡା. ସୌମ୍ୟ ଦାଶ , ସିନିୟର ଅପ୍ଟୋମେଟ୍ରିଷ୍ଟ ଶ୍ରୀ ମାନସ ପାଢ଼ୀ ଏବଂ ଅପ୍ଟୋମେଟ୍ରିଷ୍ଟ ମିସ ଅନ୍ୱିତା ନାଏକ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ ।

ଏହି ଅବସରରେ ହିମୋଗ୍ଲୋବିନ, ରାଣ୍ଡମ ବ୍ଲଡ ସୁଗାର, ଫାଷ୍ଟିଂ ବ୍ଲଡ ସୁଗାର, ଇସିଜି, ବୋନ ମିନେରାଲ ଡେନସିଟି ଏବଂ ଚକ୍ଷୁ ପରୀକ୍ଷା ଭଳି ବିଭିନ୍ନ ପରୀକ୍ଷା ନିଃଶୁଳ୍କ ଭାବେ କରାଯାଇଥିଲା । ବିଶେଷକରି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସଚେତନତା ଓ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ଯାଞ୍ଚ ଦିଗରେ ଏହି ଶିବିର ଗୁରୁତ୍ୱପୂର୍ଣ୍ଣ ଥିଲା। କାର୍ଯ୍ୟକ୍ରମରେ ଲରମ୍ବା କଲେଜର ଅଧକ୍ଷ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ଜନହିତକାରୀ ଓ ସ୍ୱାସ୍ଥ୍ୟ ସଚେତନତାମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଶିବିରର ସଫଳ ଆୟୋଜନରେ ଲରମ୍ବା କଲେଜର କ୍ଲଗ ସଂଯୋଜକ ଅଜିତ ନାଥ, ସାମାଜିକ କର୍ମୀ ଖଗେଶ୍ୱର ମେହେର, ଡି.ଭି. ରାଓ, ସୁନୀଲ ମହାନାଙ୍କ ସମେତ ଅନ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ଶିବିର ଶେଷରେ ଡା. ଜେ. କିରଣ କୁମାର ଏବଂ ନରୋତ୍ତମ ଗୁରୁ ଲରମ୍ବା କଲେଜ କର୍ତ୍ତୃପକ୍ଷ, ଅଧ୍ୟାପକ-ଅଧ୍ୟାପିକା, ସଦସ୍ୟ ଓ ଛାତ୍ରଛାତ୍ରୀମାନଙ୍କୁ ଶିବିରର ସଫଳ ଆୟୋଜନ ପାଇଁ ମିଳିଥିବା ସହଯୋଗ ଓ ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଇଥିଲେ ।

## ସମ୍ପାଦକୀୟ

# ଦାରା ସିଂଙ୍କ ମୁକ୍ତି ବିଳମ୍ବିତ, ଦାୟୀ କିଏ ?

୧୯୯୯ ଜାନୁଆରୀ ୨୨ ତାରିଖରେ କେନ୍ଦୁଝର ଜିଲ୍ଲାର ମନୋହରପୁରଠାରେ ନିଘଞ୍ଚ ଜଙ୍ଗଲ ମଧ୍ୟରେ ଅଷ୍ଟ୍ରେଲିଆର ଜଣେ ମିସନାରୀ ଗ୍ରାହମ ଷ୍ଟେନ୍ସଙ୍କ ସମେତ ତାଙ୍କୁ ଦୁଇ ଶିଶୁପୁତ୍ର ଫିଲିପ (୧୧) ଓ ଟିମୋଟି (୭)ଙ୍କୁ ଗୋଟାଏ ଷ୍ଟେସନ ୱାଗନ ଗାଡ଼ି ଭିତରେ ଅଗ୍ନି ସଂଯୋଗ କରି ଯିଏ ଅତି ନିର୍ମମ ଭାବେ ହତ୍ୟା କରିଥିଲେ, ସେ ଥିଲେ ଦାରା ସିଂ ଓରଫ ରବୀନ୍ଦ୍ରନାଥ ପାଲ । ଦୀର୍ଘ ୨୭ ବର୍ଷ ପରେ ଜେଲରେ ଥିବା ଦାରା ସିଂ ଏପରି ଜଘନ୍ୟ ହତ୍ୟାକାଣ୍ଡ ପାଇଁ ଅନୁତପ୍ତ । ସେ ଥିଲେ ବଜରଙ୍ଗ ଦଳର ।

ଦୀର୍ଘ ୨୪ ବର୍ଷରୁ ଅଧିକ କାଳ ସେ ଜେଲ ଦଣ୍ଡ ଭୋଗିବା ପରେ ଏବେ ତାଙ୍କର ବୟସ ଷାଠିଏ ବର୍ଷରୁ ବେଶୀ । ଗ୍ରାହମ ଷ୍ଟେନ୍ସଙ୍କ ବିଧବା ପତ୍ନୀ ଗ୍ଲାଡିଜ ଷ୍ଟେନ୍ସ ଏପରି ଜଘନ୍ୟ ହତ୍ୟାକାରୀ ଦାରା ସିଂଙ୍କୁ କ୍ଷମା ଦେବାକୁ ନିବେଦନ କରିଥିଲେ । ତାଙ୍କ ମନରେ ଦାରା ସିଂଙ୍କ ପ୍ରତି ଘୃଣାଭାବ ନାହିଁ ବୋଲି ମଧ୍ୟ ସେ ପ୍ରକାଶ କରିଥିଲେ । ଏପରିକି ଗ୍ରାହମ ଷ୍ଟେନ୍ସଙ୍କ ବଡ଼ ଭାଇ ଜନ ଷ୍ଟେନ୍ସ ଯିଏ କି ଅଷ୍ଟ୍ରେଲିଆର ମେଲବୋର୍ଣ୍ଣରେ ସେତେବେଳେ ରହୁଥିଲେ, ସେ ମଧ୍ୟ ଅଭିଯୁକ୍ତ ଦାରା ସିଂଙ୍କୁ ମୃତ୍ୟୁଦଣ୍ଡ ନ ଦେବାକୁ ମଧ୍ୟ ପ୍ରକାଶ୍ୟରେ କହିଥିଲେ । ସର୍ବୋଚ୍ଚ ଅଦାଲତ ଦାରା ସିଂଙ୍କ ମୁକ୍ତି ଲାଗି ନ୍ୟାୟିକ ପ୍ରକ୍ରିୟାରେ ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ କାହିଁକି କେଜାଣି ରାଜ୍ୟ ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତୀୟ ମାମଲାକୁ ଠିକ୍ ଭାବେ ପରିଚାଳନା କରାଯାଉ ନଥିବାରୁ ଦାରା ସିଂ ଜେଲରୁ ସହଜରେ ମୁକୁଳି ପାରୁ ନାହିଁ । ଏବେ ସେ ଜଣେ ବରିଷ୍ଠ ନାଗରିକ । ମାନବିକତା ଦୃଷ୍ଟିରୁ କେବଳ ନୁହେଁ, ବୟସ ଦୃଷ୍ଟିରୁ ମଧ୍ୟ ତାଙ୍କୁ ଜେଲ ଜୀବନରୁ ମୁକ୍ତ କରିବା କଥା । ତେଣୁ ସର୍ବୋଚ୍ଚ ଅଦାଲତରେ ବିଚାରପତି ମନୋଜ ମିଶ୍ର ଓ ବିଜୟ କିଶୋରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣୀ ଗତ ୮/୯/ ୨୦୨୬ରେ କରିଥିଲେ ।

**ଗତ ୨୦୦୦ ଜାନୁଆରୀ ୩୧ରେ ଦାରା ସିଂଙ୍କୁ ସିବିଆଇ ଗିରଫ କରିଥିଲେ । ଏହା ପରେ ସେ ଦୀର୍ଘ ୨୬ ବର୍ଷ ଧରି କାରାଦଣ୍ଡ ଭୋଗି ଆସୁଛନ୍ତି । ଓଡ଼ିଶା ହାଇକୋର୍ଟ ଗତ ୨୦୦୫ ମେ ୧୯ରେ ଦାରା ସିଂଙ୍କ ମୃତ୍ୟୁ ଦଣ୍ଡାଦେଶ ଲାଘବ କରି ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ । ଗତ ମାର୍ଚ୍ଚ ୧୯ (୨୦୨୬)ରେ ସର୍ବୋଚ୍ଚ ଅଦାଲତ ଆଶା କରୁଥିଲେ ଯେ ରାଜ୍ୟ ସରକାର (ଓଡ଼ିଶା) ଏ ବିଷୟରେ ପଦକ୍ଷେପ ନେବେ । ଦାରା ସିଂଙ୍କ ଓକିଲ ମଧ୍ୟ ୨୦୨୪ ଜୁଲାଇରେ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ ଯେ ରାଜୀବ ଗାନ୍ଧିଙ୍କୁ ହତ୍ୟା କରିଥିବା ଅପରାଧୀମାନଙ୍କ ପରି ଦାରା ସିଂଙ୍କୁ ଖଲାସ କରି ଦିଆଯାଉ ।**

ରାଜ୍ୟର ସମୀକ୍ଷା ବୋର୍ଡ ଏ ମାମଲାରେ ତତ୍ପରତା ପ୍ରକାଶ କରି ନାହାନ୍ତି । ମାମଲାଟିକୁ ରାଜ୍ୟ ସରକାର ଝୁଲାଇ ରଖିଥିବାରୁ ସର୍ବୋଚ୍ଚ ଅଦାଲତର ଏହି ଡିଭିଜନ ବେଞ୍ଚ ବିରକ୍ତି ପ୍ରକାଶ କରି ବୋର୍ଡର ସଚିବ ବା କ୍ଷମତାସୀନ ସେହି ପାହ୍ୟାର ଅଧିକାରୀଙ୍କୁ ନୋଟିସ କରାଯିବ ବୋଲି କହିଛନ୍ତି । ଉଲ୍ଲେଖନୀୟ ଯେ ଗତ ୮ ତାରିଖର ଏହି ଶୁଣାଣୀ ବେଳେ ସର୍ବୋଚ୍ଚ ଅଦାଲତର ଆଡଭୋକେଟସ୍ ଅନ୍ ରେକର୍ଡ ଅସୁସ୍ଥ ଥିବା କଥା ଦର୍ଶାଇ ଅଦାଲତରେ ସମୟ ମାଗିଥିଲେ । ଅତୀତରେ ଅଧିକ ସମୟ ଦିଆଯାଇ ଥିବାରୁ ଜଷ୍ଟିସ ମିଶ୍ର ପରବର୍ତ୍ତୀ ଶୁଣାଣୀ ବେଳକୁ ଆଉ ସମୟ ଦିଆଯିବ ନାହିଁ ବୋଲି ତାଗିଦା କରି ଦେଇଥିଲେ ।

ଗତ ୨୦୦୦ ଜାନୁଆରୀ ୩୧ରେ ଦାରା ସିଂଙ୍କୁ ସିବିଆଇ ଗିରଫ କରିଥିଲେ । ଏହା ପରେ ସେ ଦୀର୍ଘ ୨୬ ବର୍ଷ ଧରି କାରାଦଣ୍ଡ ଭୋଗି ଆସୁଛନ୍ତି । ଓଡ଼ିଶା ହାଇକୋର୍ଟ ଗତ ୨୦୦୫ ମେ ୧୯ରେ ଦାରା ସିଂଙ୍କ ମୃତ୍ୟୁ ଦଣ୍ଡାଦେଶ ଲାଘବ କରି ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ । ଗତ ମାର୍ଚ୍ଚ ୧୯ (୨୦୨୬)ରେ ସର୍ବୋଚ୍ଚ ଅଦାଲତ ଆଶା କରୁଥିଲେ ଯେ ରାଜ୍ୟ ସରକାର (ଓଡ଼ିଶା) ଏ ବିଷୟରେ ପଦକ୍ଷେପ ନେବେ । ଦାରା ସିଂଙ୍କ ଓକିଲ ମଧ୍ୟ ୨୦୨୪ ଜୁଲାଇରେ ଅଦାଲତଙ୍କୁ ପ୍ରାର୍ଥନା କରିଥିଲେ ଯେ ରାଜୀବ ଗାନ୍ଧିଙ୍କୁ ହତ୍ୟା କରିଥିବା ଅପରାଧୀମାନଙ୍କ ପରି ଦାରା ସିଂଙ୍କୁ ଖଲାସ କରି ଦିଆଯାଉ ।

ଉଲ୍ଲେଖନୀୟ ଯେ ଏବର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ମଧ୍ୟ କେନ୍ଦୁଝର ଜିଲ୍ଲାର ଯୁବନେତା ଥିଲାବେଳେ ଦାରା ସିଂଙ୍କୁ ଜେଲ ଦଣ୍ଡାଦେଶରୁ ମୁକୁଳାଇବା ପାଇଁ ସ୍ୱର ଉତ୍ତୋଳନ କରିଥିଲେ ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ୨୮ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନର ନିଷ୍ପତ୍ତି

# ଜନାକାଂକ୍ଷାରୁ ସହରାଞ୍ଚଳ ବିକାଶର ନୂଆ ଅଧ୍ୟାୟ



**ଡ. କୃଷ୍ଣଚନ୍ଦ୍ର ମହାପାତ୍ର**
**ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର**

ଓଡ଼ିଶାର ବିକାଶର ଅର୍ଥ, କେବଳ ବଡ଼ ବଡ଼ ସହରଗୁଡ଼ିକର ବିକାଶ ନୁହେଁ । ମୋ ଦୃଷ୍ଟିରେ ଓଡ଼ିଶା ସେତେବେଳେ ହିଁ ସମୃଦ୍ଧ ହେବ, ଯେତେବେଳେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳ, ପ୍ରତ୍ୟେକ ସହର ଏବଂ ପ୍ରତ୍ୟେକ ଉଦୀୟମାନ ନଗର କେନ୍ଦ୍ର ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ଆଗକୁ ବଢ଼ିବ । ଆଜି ଓଡ଼ିଶାର ଅନେକ ଅଞ୍ଚଳ ଦ୍ରୁତ ଗତିରେ ସହରୀକରଣ ଆଡ଼କୁ ଅଗ୍ରସର ହେଉଛନ୍ତି । ଜନସଂଖ୍ୟା ବଢୁଛି, ବ୍ୟବସାୟ ବଢୁଛି, ନୂଆ ଜୀବିକାର ସୁଯୋଗ ସୃଷ୍ଟି ହେଉଛି ଏବଂ ଲୋକଙ୍କ ଆଶା-ଆକାଂକ୍ଷା ମଧ୍ୟ ବଢୁଛି । ଏହି ପରିବର୍ତ୍ତିତ ପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ଏକ ପ୍ରମୁଖ ଦାବି ଥିଲା-ସେମାନଙ୍କ ଅଞ୍ଚଳକୁ ଉପଯୁକ୍ତ ସହରୀୟ ପ୍ରଶାସନିକ ମାନ୍ୟତା ମିଳୁ ଏବଂ ମୌଳିକ ସହରୀୟ ସୁବିଧାର ବିକାଶ ହେଉ । ଲୋକଙ୍କ ଏହି ଆକାଂକ୍ଷାକୁ ଆମ ସରକାର କେବଳ ଏକ ଦାବି ଭାବେ ଦେଖିନାହିଁ ଏହାକୁ ଏକ ବିକାଶମୂଳକ ଆବଶ୍ୟକତା ଭାବେ ଗ୍ରହଣ କରିଛି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ଲୋକସରକାର ଜନସାଧାରଣଙ୍କ ଦାବି ଓ ଆକାଂକ୍ଷାକୁ ସମ୍ମାନ ଦେଇ ୨୮ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ କରିଛି । ମୋ ପାଇଁ ଏହା କେବଳ ଏକ ପ୍ରଶାସନିକ ନିଷ୍ପତ୍ତି ନୁହେଁ ଏହା ହେଉଛି ଲୋକଙ୍କ ସ୍ୱର ପ୍ରତି ସରକାରର ସମ୍ମାନ ଏବଂ ତୃଣମୂଳ ସ୍ତରରେ ସହରୀୟ ବିକାଶକୁ ଆହୁରି ସୁଦୃଢ଼ କରିବାର ଏକ ପ୍ରତିବଦ୍ଧତା ।

ଏହି ୨୮ଟି ନୂଆ ଏନ୍.ଏ.ସି ହେଉଛି- ପାଲଲହଡ଼ା, ଲୋଇସିଂହା, ସିମୁଳିଆ, ବସ୍ତା, ସୋହେଲା, ତିହିଡ଼ି, ଧୂଷୁରୀ, ସାଲେପୁର, ବଡ଼ମ୍ବା, ନରସିଂହପୁର, ଗଁଦିଆ, ଜଗନ୍ନାଥପ୍ରସାଦ, ପାତ୍ରପୁର, ଚଣ୍ଡିଖୋଲ, ନର୍ଲା, ଜୟପାଟଣା, ଟାଙ୍ଗୀ, ବୋରିଗୁମ୍ମା, କପ୍ତିପଦା, ଯଶିପୁର, ରାସଗୋବିନ୍ଦପୁର, ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, ବିଷମକଟକ, ବାମରା, ରେଙ୍ଗାଲି ଓ ବୀରମହାରାଜପୁର ।

ଏହି ନୂଆଏନ୍.ଏ.ସିଗୁଡ଼ିକ ନିଜ ନିଜ ଅଞ୍ଚଳର ସହରାଞ୍ଚଳ ବିକାଶର ନୂଆ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛନ୍ତି । ଏହା ସହିତ ଏକ ନୂଆ ଦାୟିତ୍ୱ ମଧ୍ୟ ଆସିଛି-ଲୋକଙ୍କ ଆଶାକୁ ବାସ୍ତବ ରୂପ ଦେବାର ଦାୟିତ୍ୱ । କେବଳ ଏନ୍.ଏ.ସି ଘୋଷଣା କରିଦେଲେ ଆମର ଦାୟିତ୍ୱ ଶେଷ ହୁଏ ନାହିଁ । ଏହି ନୂଆ ନଗରଗୁଡ଼ିକୁ ଆବଶ୍ୟକ ଭିତ୍ତିଭୂମି, ଉନ୍ନତ ନାଗରିକ ସୁବିଧା ଓ ଉତ୍ତମ ଜୀବନଯାପନର ପରିବେଶ ଯୋଗାଇଦେବା ଆମର ପରବର୍ତ୍ତୀ ଲକ୍ଷ୍ୟ । ଏଥିପାଇଁ ଆମେ ଘୋଷଣା କରିବା ସହିତ ପ୍ରତ୍ୟେକ ଏନ୍.ଏ.ସି ପାଇଁ ୨ କୋଟି ୭୫ ଲକ୍ଷ ହିସାବରେ ମୋଟ ୮୫ କୋଟି ୩୮ ଲକ୍ଷ ଟଙ୍କା ତତକ୍ଷଣାତ୍ ପ୍ରଦାନ କରିଥିଲୁ ।

ଏହି ଲକ୍ଷ୍ୟକୁ ଆଗରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ନୂଆ ଏନ୍.ଏ.ସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଘୋଷଣା କରିଛନ୍ତି । ୨୮ଟି ଏନ୍.ଏ.ସି ପାଇଁ ଏହାର ମୋଟ ପରିମାଣ ୫୬୦ କୋଟି ଟଙ୍କା । ଏହି ପଦକ୍ଷେପ ଆମର ଉଦ୍ଦେଶ୍ୟକୁ ସ୍ପଷ୍ଟ କରେ-ନୂଆ ସହରାଞ୍ଚଳଗୁଡ଼ିକ କେବଳ ନାମରେ ଏନ୍.ଏ.ସି ହୋଇ ରହିବ ନାହିଁ ସେଠାରେ ଦୃଶ୍ୟମାନ ଓ ସ୍ଥାୟୀ ବିକାଶ ହେବ ।

ରାସ୍ତା, ଡ୍ରେନେଜ୍, ଷ୍ଟ୍ରିଟ୍ ଲାଇଟ୍, ବଜାର, ପାର୍କ, ଜନସାଧାରଣଙ୍କ ପାଇଁ ଆବଶ୍ୟକ ସୁବିଧା, ପରିମଳ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମି- ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଏହି ପ୍ୟାକେଜର ଅର୍ଥକୁ ପ୍ରାଥମିକତା ଦିଆଯାଇ ବ୍ୟବହାର କରାଯିବ । ଆମର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଦୈନନ୍ଦିନ ଜୀବନରେ ବିକାଶର ପ୍ରଭାବ ସ୍ପଷ୍ଟ ଭାବେ ଅନୁଭୂତ କରାଇବା ।

ଏହା ସହିତ ନୂଆ ଏନ୍.ଏ.ସିଗୁଡ଼ିକ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାର ନିୟମିତ ଅର୍ଥ ଓ ସୁବିଧା ପାଇବାର ସୁଯୋଗ ମଧ୍ୟ ପାଇବେ । ଆବାସ, ପାନୀୟ ଜଳ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ରାସ୍ତା, ଆଲୋକୀକରଣ, ଜୀବିକା ଓ ଅନ୍ୟାନ୍ୟ ନଗରୀୟ ସେବା କ୍ଷେତ୍ରରେ ବିଭିନ୍ନ ଯୋଜନାର ସମନ୍ୱୟ ମାଧ୍ୟମରେ ଏହି ଅଞ୍ଚଳଗୁଡ଼ିକର ବିକାଶକୁ ଆହୁରି ତ୍ୱରାନ୍ୱିତ କରାଯାଇ ପାରିବ ।

ମୁଁ ସବୁବେଳେ ବିଶ୍ୱାସ କରେ, ସହରାଞ୍ଚଳ ବିକାଶର ଅର୍ଥ କେବଳ ଭିତ୍ତିଭୂମି ନିର୍ମାଣ ନୁହେଁ ଲୋକଙ୍କ ଜୀବନମାନରେ ପରିବର୍ତ୍ତନ ଆଣିବା ହିଁ ଏହାର ପ୍ରକୃତ ଲକ୍ଷ୍ୟ । ଏକ ଭଲ ସହର ସେହି ସହର, ଯେଉଁଠାରେ ଲୋକେ ସୁରକ୍ଷିତ ଭାବେ ଚଳପ୍ରଚଳ କରିପାରନ୍ତି, ସ୍ୱଚ୍ଛ ପରିବେଶ ପାଆନ୍ତି, ଆବଶ୍ୟକ ନାଗରିକ ସେବା ସହଜରେ ପାଆନ୍ତି ଏବଂ ନିଜ ଜୀବିକା ଓ ଉନ୍ନତି ପାଇଁ ସୁଯୋଗ ପାଆନ୍ତି ।

**ମୁଁ ସବୁବେଳେ ବିଶ୍ୱାସ କରେ, ସହରାଞ୍ଚଳ ବିକାଶର ଅର୍ଥ କେବଳ ଭିତ୍ତିଭୂମି ନିର୍ମାଣ ନୁହେଁ ଲୋକଙ୍କ ଜୀବନମାନରେ ପରିବର୍ତ୍ତନ ଆଣିବା ହିଁ ଏହାର ପ୍ରକୃତ ଲକ୍ଷ୍ୟ । ଏକ ଭଲ ସହର ସେହି ସହର, ଯେଉଁଠାରେ ଲୋକେ ସୁରକ୍ଷିତ ଭାବେ ଚଳପ୍ରଚଳ କରିପାରନ୍ତି, ସ୍ୱଚ୍ଛ ପରିବେଶ ପାଆନ୍ତି, ଆବଶ୍ୟକ ନାଗରିକ ସେବା ସହଜରେ ପାଆନ୍ତି ଏବଂ ନିଜ ଜୀବିକା ଓ ଉନ୍ନତି ପାଇଁ ସୁଯୋଗ ପାଆନ୍ତି ।**

ତେଣୁ ଏହି ୨୮ଟି ନୂଆ ଏନ୍.ଏ.ସିର ବିକାଶରେ ଆମର ଦୃଷ୍ଟିକୋଣ ମଧ୍ୟ ସମନ୍ୱିତ । ଆମେ ଏଠାରେ ଯୋଜନାବଦ୍ଧ ନଗରୀକରଣ, ଭଲ ରାସ୍ତା ଓ ଡ୍ରେନେଜ୍, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସୁନ୍ଦର ସାର୍ବଜନୀନ ସ୍ଥାନ, ସୁଗମ ନାଗରିକ ସେବା ଏବଂ ଭବିଷ୍ୟତର ଆବଶ୍ୟକତାକୁ ମନେରଖି ନଗରୀୟ ଭିତ୍ତିଭୂମି ଗଠନ କରିବାକୁ ଚାହୁଁଛୁ ।

ଏହି ନୂଆ ଏନ୍.ଏ.ସିଗୁଡ଼ିକର ଆଉ ଏକ ବଡ଼ ସମ୍ଭାବନା ରହିଛି, ଏଗୁଡ଼ିକ କେବଳ ପ୍ରଶାସନିକ କେନ୍ଦ୍ର ନୁହେଁ, ନିଜ ନିଜ ଅଞ୍ଚଳର ଆର୍ଥିକ ବିକାଶର ଇଞ୍ଜିନ୍ ହୋଇପାରିବ । ସ୍ଥାନୀୟ ବଜାର, କ୍ଷୁଦ୍ର ବ୍ୟବସାୟ, MSME, ଉଦ୍ୟମିତା, କୃଷିଜାତ ସାମଗ୍ରୀର ବିପଣନ, ପର୍ଯ୍ୟଟନ ଓ ସେବା କ୍ଷେତ୍ରକୁ ପ୍ରୋତ୍ସାହନ ଦେଇ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରାଯାଇ ପାରିବ । ଏହା ଦ୍ୱାରା ଯୁବପିଢ଼ି ପାଇଁ ସ୍ଥାନୀୟ ସ୍ତରରେ ନୂଆ ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ।

ଆମର ଲକ୍ଷ୍ୟ ହେଉଛି ବିକାଶକୁ ଭୁବନେଶ୍ୱର, କଟକ କିମ୍ବା ଅନ୍ୟ ବଡ଼ ସହରରେ ସୀମିତ ନରଖି ରାଜ୍ୟର ପ୍ରତ୍ୟେକ ଉଦୀୟମାନ ନଗର କେନ୍ଦ୍ରକୁ ବିକାଶର ଅଂଶୀଦାର କରିବା । ଶକ୍ତିଶାଳୀ, ଛୋଟ ଓ ମଧ୍ୟମ ସହର ହିଁ ଏକ ସନ୍ତୁଳିତ ଓ ସମାବେଶୀ ଓଡ଼ିଶାର ଭିତ୍ତି ହୋଇ ପାରିବ ।

ଏହି ଦାୟିତ୍ୱ କେବଳ ସରକାରର ନୁହେଁ । ନୂଆ ଏନ୍.ଏ.ସିର ଜନପ୍ରତିନିଧି, ଅଧିକାରୀ, ସ୍ଥାନୀୟ ସଂଗଠନ, ଯୁବପିଢ଼ି ଓ ସାଧାରଣ ନାଗରିକ-ସମସ୍ତଙ୍କ ସହଭାଗିତା ହିଁ ଏହି ନୂଆ ସହରୀୟ ଯାତ୍ରାକୁ ସଫଳ କରିବ । ଆମେ ଏମିତି ଏକ ସହରୀୟ ଶାସନ ବ୍ୟବସ୍ଥା ଚାହୁଁଛୁ, ଯେଉଁଠାରେ ପ୍ରଶାସନ ଲୋକଙ୍କ ନିକଟରେ ରହିବ ଏବଂ ଲୋକଙ୍କ ଆବଶ୍ୟକତା ହିଁ ବିକାଶର ପ୍ରାଥମିକତା ହେବ ।

୨୮ଟି ନୂଆ ଏନ୍.ଏ.ସି ଗଠନ ହେଉଛି ଏହି ଲୋକାଭିମୁଖୀ ଚିନ୍ତାଧାରାର ଏକ ଦୃଢ଼ ପ୍ରତିଫଳନ । ଜନସାଧାରଣ ଦାବି କରିଥିଲେ, ଆମ ଲୋକସରକାର ସେହି ଦାବିକୁ ଶୁଣିଛି ସରକାର ନିଷ୍ପତ୍ତି ନେଇଛି ଏବଂ ଏବେ ସେହି ନିଷ୍ପତ୍ତିକୁ ବିକାଶରେ ପରିଣତ କରିବାର ସମୟ ଆସିଛି । ଏହିଠାରେ କହିରଖେ ଯେ, ପୂର୍ବ ସରକାର କେବଳ ଘୋଷଣାରେ ସୀମିତ ଥିଲେ, କିନ୍ତୁ ଆମ ସରକାର ଲୋକଙ୍କ ନ୍ୟାୟପୂର୍ଣ୍ଣ ଦାବିକୁ ଗ୍ରହଣ କରି ତାର ବାସ୍ତବ ରୂପାୟନ ଦେଇଛନ୍ତି ।

ମୋର ବିଶ୍ୱାସ, ଆଜି ଯେଉଁ ୨୮ଟି ଅଞ୍ଚଳ ନୂଆ ଏନ୍.ଏ.ସି ଭାବେ ନୂଆ ଯାତ୍ରା ଆରମ୍ଭ କରିଛି, ଆଗାମୀ ଦିନରେ ସେଗୁଡ଼ିକ ନିଜ ନିଜ ଅଞ୍ଚଳର ବିକାଶ, ଜୀବିକା ଓ ସମୃଦ୍ଧିର ନୂଆ କେନ୍ଦ୍ର ଭାବେ ପରିଚିତ ହେବ । ଏହି ଯାତ୍ରାରେ ୨୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ ଏକ ଆରମ୍ଭ ମାତ୍ର ନିୟମିତ ସରକାରୀ ଯୋଜନା, ସ୍ଥାନୀୟ ସମ୍ପଦର ସୁବିନିଯୋଗ ଓ ଲୋକଙ୍କ ସକ୍ରିୟ ସହଯୋଗ ଏହି ବିକାଶକୁ ଆହୁରି ସୁଦୃଢ଼ କରିବ ।

ଜନତାଙ୍କ ଦାବିରୁ ନିଷ୍ପତ୍ତି, ନିଷ୍ପତ୍ତିରୁ ବିକାଶ ଏବଂ ବିକାଶରୁ ସମୃଦ୍ଧି-ଏହା ହିଁ ଆମ ଲୋକସରକାରର ସଂକଳ୍ପ । ୨୮ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ ସଂକଳ୍ପର ଏକ ନୂଆ ଅଧ୍ୟାୟ । ଆମର ଲକ୍ଷ୍ୟ ସ୍ପଷ୍ଟ-ପ୍ରତ୍ୟେକ ଅଞ୍ଚଳର ସନ୍ତୁଳିତ ବିକାଶ, ପ୍ରତ୍ୟେକ ନାଗରିକଙ୍କ ପାଇଁ ଉନ୍ନତ ନାଗରିକ ସେବା ଏବଂ ଏକ ସମୃଦ୍ଧ, ସୁନ୍ଦର ଓ ସଶକ୍ତ ଓଡ଼ିଶା ।

# ପିଲାମାନଙ୍କ ପାଇଁ ଯୋଗ ଶିକ୍ଷା



**ସନାତନ ମହାକୁଡ଼**

ଆଜିକାଲିର ଦ୍ରୁତଗତିର ଜୀବନଶୈଳୀରେ ପିଲାମାନଙ୍କ ଉପରେ ପାଠପଢ଼ା, ପ୍ରତିଯୋଗିତା, ପରୀକ୍ଷା ଓ ବିଭିନ୍ନ କାର୍ଯ୍ୟକଳାପର ଚାପ ବଢ଼ିଚାଲିଛି । ଏହା ସହିତ ମୋବାଇଲ୍, ଟେଲିଭିଜନ୍ ଓ କମ୍ପ୍ୟୁଟର୍ ଆଦି ବୈଦ୍ୟୁତିକ ସରଞ୍ଜାମର ଅତ୍ୟଧିକ ବ୍ୟବହାର ଯୋଗୁଁ ଶାରୀରିକ ଚଳପ୍ରଚଳନ ମଧ୍ୟ କମିଯାଉଛି । ପିଲାମାନଙ୍କ ମଧ୍ୟରେ ରାଗ, ଆଳସ୍ୟ, ଅଧୈର୍ଯ୍ୟ, ଅନିଚ୍ଛା, ବ୍ୟଗ୍ରତା ଓ ବାଲ୍ୟ ମେଦବହୁଳତା ଆଦି ସମସ୍ୟାମାନ ଦେଖାଯାଉଛି । ଏପରି ପରିସ୍ଥିତିରେ ପିଲାମାନଙ୍କ ସୁସ୍ଥ ଓ ସୁନ୍ଦର ଜୀବନ ପାଇଁ ଯୋଗ ଏକ ଉପକାରୀ ଅଭ୍ୟାସ ଭାବେ ଗ୍ରହଣ କରାଯାଇ ପାରେ ।

ଯୋଗ କେବଳ ଶରୀରକୁ ନମନୀୟ କରିବାର ଅଭ୍ୟାସ ନୁହେଁ ଏହା ଶରୀର, ମନ ଓ ଶ୍ୱାସ ମଧ୍ୟରେ ସମନ୍ୱୟ ସୃଷ୍ଟି କରେ । ପିଲାବେଳୁ ଯୋଗ ଅଭ୍ୟାସ କଲେ ଶାରୀରିକ ସୁସ୍ଥତା ସହିତ ମାନସିକ ଶାନ୍ତି ଓ ଏକାଗ୍ରତା ବିକଶିତ କରିବାରେ ସହାୟତା କରିଥାଏ ।

ପିଲାମାନଙ୍କ ପାଇଁ ସରଳ ଯୋଗାସନ ଯଥା-ତାଡାସନ, ବୃକ୍ଷାସନ, ଗରୁଡାସନ, ବୀରଭଦ୍ରାସନ, ବଜ୍ରାସନ, ଉଷ୍ଟ୍ରାସନ, ଗୋମୁଖାସନ, ଭୁଜଙ୍ଗାସନ, ଶଲଭାସନ ଓ ଶଶାଙ୍କାସନ ଆଦି ସହିତ ସୂର୍ଯ୍ୟ ନମସ୍କାର ମଧ୍ୟ ଉପଯୁକ୍ତ ହୋଇପାରେ । ଏହି ଆସନଗୁଡ଼ିକର ଅଭ୍ୟାସ ଶରୀରର ସନ୍ତୁଳନ, ନମନୀୟତା ଓ ଭଙ୍ଗୀରେ ସୁଧାରିବାରେ ସହାୟକ ହୋଇଥାଏ । ସେହିପରି ସରଳ ଓ ନିରାପଦ ଶ୍ୱାସକ୍ରିୟା ଅଭ୍ୟାସ ପିଲାମାନଙ୍କୁ ଶ୍ୱାସ ଉପରେ ଧ୍ୟାନ ଦେବା ଓ ମନକୁ ଶାନ୍ତ ରଖିବାରେ ସହାୟତା କରିଥାଏ ।

ଯୋଗର ଆଉ ଏକ ବଡ଼ ଲାଭ ହେଉଛି ଏକାଗ୍ରତା, ସହନ ଶକ୍ତି ଓ ସର୍ଜନ ଶକ୍ତି ବୃଦ୍ଧି । ନିୟମିତ ଓ ବୟସ ଅନୁଯାୟୀ ଯୋଗ ଅଭ୍ୟାସ ପିଲାମାନଙ୍କୁ ନିଜ ଶରୀର ଓ ମନପ୍ରତି ସଚେତନ ହେବାରେ ସହାୟତା କରିପାରେ । ଏହା ଶିକ୍ଷା ଓ ଦୈନନ୍ଦିନ କାର୍ଯ୍ୟରେ ମନୋଯୋଗ ରଖିବାର ଅଭ୍ୟାସ ଗଢ଼ିବାରେ ମଧ୍ୟ ସହାୟକ ହୋଇପାରେ ।



ପିଲାମାନଙ୍କୁ ଯୋଗ ଶିଖାଇବା ସମୟରେ ଏହାକୁ ଚାପ କିମ୍ବା ପ୍ରତିଯୋଗିତାର ରୂପ ଦେବା ଉଚିତ ନୁହେଁ । ଖେଳ, କାହାଣୀ, ସହଜ ଆସନ ଓ ଆନନ୍ଦଦାୟକ ଶ୍ୱାସ ଅଭ୍ୟାସ ମାଧ୍ୟମରେ ଯୋଗାସନ,ପ୍ରାଣାୟାମ ଓ ଧ୍ୟାନ ଆଦିକୁ ପିଲାମାନଙ୍କ ପାଇଁ ଆକର୍ଷଣୀୟ କରାଯାଇପାରେ । ପ୍ରଶିକ୍ଷିତ ଶିକ୍ଷକ କିମ୍ବା ଅଭିଭାବକଙ୍କ ତତ୍ତ୍ୱାବଧାନରେ ବୟସ ଓ ଶାରୀରିକ କ୍ଷମତା ଅନୁଯାୟୀ ଦୈନିକ ସକାଳେ କିମ୍ବା ସନ୍ଧ୍ୟା ସମୟରେ ପିଲାମାନଙ୍କୁ ଯୋଗ ଅଭ୍ୟାସ କରାଇବା ଉଚିତ ।

ପ୍ରକୃତରେ ଯୋଗ ହେଉଛି ଏକ ଜୀବନଶୈଳୀ, ଯାହା ପିଲାମାନଙ୍କୁ ଶୃଙ୍ଖଳା, ଆତ୍ମବିଶ୍ୱାସ, ସଚେତନତା ଓ ସନ୍ତୁଳିତ ଜୀବନର ଶିକ୍ଷା ଦେଇଥାଏ । ତେଣୁ ଉପଯୁକ୍ତ ବ୍ୟକ୍ତିତ୍ୱ ବିକାଶ ପାଇଁ ବିଦ୍ୟାଳୟ ଓ ପରିବାରରେ ନିୟମିତ, ଆନନ୍ଦମୟ ଏବଂ ନିରାପଦ ଭାବରେ ଯୋଗକୁ ପିଲାମାନଙ୍କ ଦୈନନ୍ଦିନ ଜୀବନର ଅଂଶ କରିବା ଏକ ସୁନ୍ଦର ପଦକ୍ଷେପ ହୋଇପାରେ ।

**ବେରୁଆଁବାରୀ, ନୟାଗଡ଼, ୭୫୨୦୮୨**
**ଓଡ଼ିଶା ,ମୋ- ୯୩୩୯୬୧୦୧୬୮**

# ସମ୍ପର୍କର ଶୁଦ୍ଧ ସ୍ୱରୂପ: ଜୀବନର ୧୦ଟି ଶାଶ୍ୱତ ସ୍ତମ୍ଭ

**(ସତ୍ୟତା - ସମ୍ମାନ - ସଂଯମ - ସହାନୁଭୂତି - ସହାଭାଗିତା - ସନ୍ଦେହମୁକ୍ତ - ସହାସ୍ୟତା - ସହନଶୀଳତା - ସଂପ୍ରୀତି - ସମର୍ପଣ)**



**ମନୋଜ କୁମାର ଶତପଥି**

ସମ୍ପର୍କ କୌଣସି ପାର୍ଥିବ ସମ୍ବେଦନାର ଅସ୍ଥାୟୀ ସଂଯୋଗ ନୁହେଁ ଏହା ହେଉଛି ଆତ୍ମାର ଏକ ଗୋପନୀୟ, ଦାର୍ଶନିକ ଓ ନୈତିକ ଆଲେଖ୍ୟ । ମାନବିକତାର କାନଭାସରେ ସମ୍ପର୍କର ଚିତ୍ରପଟ୍ଟ ଯେତିକି ନିର୍ମଳ, ଜୀବନର ଗାମ୍ଭୀର୍ଯ୍ୟ ସେତିକି ଅତୁଳନୀୟ । ମଣିଷ ସମାଜର ଆତ୍ମିକ ବିକାଶ ଓ ଆବେଗିକ ନିରାପତ୍ତା ପାଇଁ ଏହି ୧୦ଟି ଶାଶ୍ୱତ ଭାବ-ସ୍ତମ୍ଭ ଶବ୍ଦ ନୁହନ୍ତି, ବରଂ ଜୀବନ-ଜିଜ୍ଞାସାର ଶ୍ରେଷ୍ଠତମ ତତ୍ତ୍ୱ :

୧) ସତ୍ୟତା : ସତ୍ୟତା ହେଉଛି ଚେତନାର ଶୁଦ୍ଧତମ ବ୍ରତ । ଯେଉଁ ସମ୍ପର୍କ ସତ୍ୟର ନିଷ୍କଳଙ୍କ ଭିତ୍ତିଭୂମି ଉପରେ ସ୍ଥାପିତ, ତାହା କାଳର ସାନ୍ନିଧ୍ୟରେ ବି କ୍ଷୟପ୍ରାପ୍ତ ହୁଏନାହିଁ । କପଟତାର ଛାୟାଚ୍ଛନ୍ନ ପଥକୁ ପରିହାର କରି ସତ୍ୟକୁ ଆଶ୍ରୟ କଲେ ସମ୍ପର୍କ ଶାଶ୍ୱତ ଶ୍ରେୟ ଲାଭ କରେ ।

୨) ସମ୍ମାନ: ପ୍ରତ୍ୟେକ ମାନବ ଆତ୍ମାର ନିଜସ୍ୱ ସ୍ୱାଭିମାନ ଓ ବ୍ୟକ୍ତିତ୍ୱ ରହିଛି । ପରସ୍ପରର ଅନ୍ତରୀଣ ଭାବନା, ନିଷ୍ପତ୍ତି ଓ ଅସ୍ତିତ୍ୱ ପ୍ରତି ନିଃସର୍ତ୍ତ ଶ୍ରଦ୍ଧା ଅର୍ପଣ କରିବା ହିଁ ସମ୍ମାନର ପ୍ରକୃତ ପରିଭାଷା । ଏହା ସମ୍ପର୍କରେ ଏକ ସଂସ୍କୃତିପୂର୍ଣ୍ଣ ମର୍ଯ୍ୟାଦା ପ୍ରତିଷ୍ଠା କରେ ।

୩) ସଂଯମ : ସଂଯମ ହେଉଛି ଆବେଗ ଓ ଶବ୍ଦ-ପ୍ରୟୋଗର ସୂକ୍ଷ୍ମ ଅଙ୍କୁଶ । କ୍ରୋଧ ଓ ଉତ୍ତେଜନାର କ୍ଷଣିକ ପ୍ରବାହ ମଧ୍ୟରେ ନିଜ ଚିତ୍ତକୁ ନିୟନ୍ତ୍ରିତ ରଖିବାର ଅସୀମ ସାମର୍ଥ୍ୟ ହିଁ ସମ୍ପର୍କକୁ ଅପ୍ରୀତିକର ସଂଘର୍ଷରୁ ସୁରକ୍ଷିତ ରଖେ ।

୪) ସହାନୁଭୂତି : ସହାନୁଭୂତି ହେଉଛି ଅନ୍ୟଜଣଙ୍କର ଯନ୍ତ୍ରଣାକୁ ଆତ୍ମସ୍ଥ କରିବାର ଏକ ଦିବ୍ୟ ନିରବତା । ନିଜ ଅହଂକାରକୁ ନିମଜ୍ଜିତ କରି ଅନ୍ୟର ଦୁଃଖ-ବେଦନାକୁ ଆତ୍ମୀୟତାର ସହ ବୁଝିପାରିଲେ, ଦୁଇଟି ହୃଦୟ ମଧ୍ୟରେ ଅଭେଦ୍ୟ ସେତୁ ନିର୍ମିତ ହୁଏ ।

୫) ସହାଭାଗିତା : ଜୀବନ-ସଂଗ୍ରାମର ପ୍ରତ୍ୟେକ ସୁଖ, ଦୁଃଖ, ସଫଳତା ଓ ବିଫଳତାକୁ ମିଳିମିଶି ବହନ କରିବା ହିଁ ସହାଭାଗିତା । ଏହା ବ୍ୟକ୍ତିଗତ ବୋଝକୁ କ୍ଷୀଣ କରେ ଏବଂ ଆନନ୍ଦର ପରିସରକୁ ଅଶେଷ ବ୍ୟାପ୍ତ କରେ ।

୬) ସନ୍ଦେହମୁକ୍ତ: ସନ୍ଦେହ ହେଉଛି ସୌହାର୍ଦ୍ଦ୍ୟର ଶୀର୍ଷରେ ଅଦୃଶ୍ୟ ଘୁଣକୀଟ । ଅନ୍ତରକୁ ସନ୍ଦେହମୁକ୍ତ କରି ଏକ ନିର୍ମଳ, ଅବିଚଳିତ ବିଶ୍ୱାସରେ ନିଜକୁ ଆଚ୍ଛାଦିତ କରିବା ଦ୍ୱାରା ସମ୍ପର୍କରେ ପ୍ରାଣବନ୍ତ ଆବେଗିକ ନିରାପତ୍ତା ପ୍ରବେଶ କରେ ।

୭) ସହାସ୍ୟତା: ସହାସ୍ୟତା ହେଉଛି ଆତ୍ମାର କାନ୍ତି, ଯାହା ମନୋମାଳିନ୍ୟର କୁଜ୍ଝଟିକାକୁ ନିମିଷକେ ଦୂର କରିଦିଏ । ମୁଖରେ ସଦା ପ୍ରସନ୍ନତା ଓ ସକାରାତ୍ମକତାର ସ୍ପନ୍ଦନ ରହିଲେ, କଠୋରରୁ କଠୋରତର ପରିସ୍ଥିତି ବି କୋମଳ ହୋଇଯାଏ ।

୮) ସହନଶୀଳତା: ଅପରର ମତଭେଦ ଓ ଦୁର୍ବଳତାକୁ ଔଦାର୍ଯ୍ୟର ସହ କ୍ଷମା କରି ଆଗକୁ ବଢ଼ିବାର ନାମ ସହନଶୀଳତା । ଜୀବନର ବିଷମ ଝଡ଼ଝଞ୍ଜା ମଧ୍ୟରେ ଏହା ସମ୍ପର୍କର ବୃକ୍ଷକୁ ଭୂଲୁଣ୍ଠିତ ହେବାକୁ ଦିଏନାହିଁ, ବରଂ ତାର ଚେରକୁ ଆହୁରି ଗଭୀର କରେ ।

୯) ସଂପ୍ରୀତି : ସଂପ୍ରୀତି ହେଉଛି ସୌହାର୍ଦ୍ଦ୍ୟ ଓ ପ୍ରେମର ଏକ ପ୍ରଶାନ୍ତ ସଙ୍ଗୀତ । ଏହା ବ୍ୟକ୍ତିବିଶେଷ ମଧ୍ୟରେ ଥିବା ସମସ୍ତ ସଂକୀର୍ଣ୍ଣତା ଓ ସୀମାହୀନ ଦୂରତାକୁ ବିଲୀନ କରି ଏକ ସୁନ୍ଦର, ଆତ୍ମୀୟ ବାତାବରଣ ସୃଷ୍ଟି କରେ ।

୧୦) ସମର୍ପଣ:ସମର୍ପଣ ହେଉଛି ସମ୍ପର୍କର ସର୍ବୋଚ୍ଚ ପରାକାଷ୍ଠା । ସ୍ୱାର୍ଥପରତାର ସଂକୁଚିତ ମାନସିକତାକୁ ବିସର୍ଜନ ଦେଇ ଅନ୍ୟର ମଙ୍ଗଳ ପାଇଁ ନିଜକୁ ନିଃଶେଷ ଭାବେ ଅର୍ପଣ କରିବା ହିଁ ପ୍ରେମର ପ୍ରକୃତ ସିଦ୍ଧି ।

ଜୀବନ କେବଳ ଭୌତିକ ଅସ୍ତିତ୍ୱର ଆୟୁଷ ନୁହେଁ, ବରଂ ଆତ୍ମିକ ସାନ୍ନିଧ୍ୟର ଏକ ପବିତ୍ର ଯାତ୍ରା । ଯଦି ଆମେ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଏହି ୧୦ଟି ଚେତନାକୁ ସ୍ୱୀକାର କରି ନିଜ ଆଚରଣରେ ସନ୍ନିବିଷ୍ଟ କରିପାରିବା, ତେବେ ବିଶୃଙ୍ଖଳିତ ବିଶ୍ୱରେ ସମ୍ପର୍କର ଏକ ବିଶୁଦ୍ଧ ମନ୍ଦିର ନିର୍ମିତ ହୋଇପାରିବ ଏବଂ ମାନବ ସମାଜ ଶାନ୍ତି ଓ ପ୍ରେମର ସ୍ୱର୍ଗୀୟ ଦୀପ୍ତିରେ ଆଲୋକିତ ହେବ ।

**ଭାପୁର,ନୟାଗଡ଼ ,ପିନ - ୭୫୨୦୬୩**
**ମୋ- ୯୯୩୮୫୫୯୫୬୮**
**email- mksatpathi55gmail.com**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଇଏଚ୍ ସି...

ଆନ୍ଦ୍ରେ ଲାକୋରେଙ୍କୋ ପ୍ରମୁଖ ସାମିଲ ଥିଲେ ।

ଏହି ଆଲୋଚନାରେ ସମନ୍ୱିତ ଆଲୁମିନିୟମ ପ୍ରକଳ୍ପ ପାଇଁ ସମ୍ଭାବ୍ୟ ସ୍ଥାନ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ତହସିଲରେ 'ଆଲୁମିନା ରିଫାଇନାରୀ' ଏବଂ ସୁନ୍ଦରଗଡ଼ ଜିଲ୍ଲାର ସଦର ସୁନ୍ଦରଗଡ଼ ତହସିଲରେ 'ଆଲୁମିନିୟମ ସ୍ମେଲ୍ଟର' ପାଇଁ ଜମି ପ୍ରସ୍ତାବ ଦିଆଯାଇଛି । ଏହି ଆଲୋଚନା ଫଳରେ ସହଯୋଗିତାକୁ ବାସ୍ତବ ପ୍ରକଳ୍ପରେ ରୂପାନ୍ତରିତ କରିବା ପାଇଁ ଅଧିକ ଗତି ମିଳିଛି ।

ଓଡ଼ିଶା ସରକାର, ଆଇଏଚ୍‌ସି ଏବଂ ଅଦାନୀ ଗ୍ରୁପ୍ ମଧ୍ୟରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ଏହି ଗସ୍ତର ପ୍ରମୁଖ ସଫଳତା । ଏହି ପ୍ରକଳ୍ପଗୁଡ଼ିକରେ ଆନୁମାନିକ ୨,୨୦,୫୦୦ କୋଟି ଟଙ୍କା ନିବେଶ ସହ ପାଖାପାଖି ୮,୬୮,୭୦୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ମେଟାଲ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି, ଗ୍ରୀନ ପାଇପଲାଇନ୍, କ୍ରିଟିକାଲ ମିନେରାଲ୍ସ ଓ ରେୟାର ଅର୍ଥ, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ, ଅକ୍ଷୟ ଶକ୍ତି ଉପକରଣ, ସ୍ୱାସ୍ଥ୍ୟସେବା, ଶିଳ୍ପ ଭିତ୍ତିଭୂମି, ପର୍ଯ୍ୟଟନ, ଦକ୍ଷତା ବିକାଶ ଏବଂ ଗ୍ଲୋବାଲ ଭିତ୍ତିଭୂମି ଭଳି ପ୍ରମୁଖ କ୍ଷେତ୍ର ସାମିଲ ରହିଛି । ଏହା ଆନ୍ତର୍ଜାତିକ ପ୍ରକଳ୍ପ ଆଧାର କରି ଆଇଏଚ୍‌ସିର ବିଭିନ୍ନ ବ୍ୟବସାୟ ପାଇଁ ଓଡ଼ିଶାକୁ ଏକ ସମ୍ଭାବ୍ୟ କେନ୍ଦ୍ର ଭାବେ ଗଢ଼ି ତୋଳିବ । ଏହା ରାଜ୍ୟର ଶିଳ୍ପ ଦକ୍ଷତା ସହିତ ଅନ୍ତର୍ଜାତୀୟ ପୁଞ୍ଜି, ବୈଷୟିକ ଜ୍ଞାନକୌଶଳ ଏବଂ ବିଶ୍ୱ ବଜାର ସୁଯୋଗକୁ ଯୋଡ଼ିବା ପାଇଁ ଏକ ନୂଆ ଦ୍ୱାର ଖୋଲିବ ।

ଓଡ଼ିଶା-ୟୁଏଇ ବାଣିଜ୍ୟକୁ ସୁଦୃଢ଼ କରିବା ପାଇଁ ନୂଆ ସହଯୋଗିତା ଫ୍ରେମୱାର୍କ ପ୍ରସ୍ତୁତ କରାଯାଇଛି । ମୁଖ୍ୟମନ୍ତ୍ରୀ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରୋଫେସନାଲ୍ ଗ୍ରୁପ୍ ( ଆଇବିପିଜି) ର ପ୍ରତିନିଧିମାନଙ୍କୁ ଭେଟିଥିଲେ, ଯେଉଁଥିରେ ଆଇବିପିଜି ର ସଭାପତି ଶ୍ରୀ ରାଜୀବ ଶାହ, ସାଧାରଣ ସମ୍ପାଦକ ଶ୍ରୀ ବରୁଣ ଗାହି ଏବଂ ଗ୍ରୁପ୍ ର ଅନ୍ୟ ବରିଷ୍ଠ ସଦସ୍ୟମାନେ ସାମିଲ ଥିଲେ । ଏହି ଆଲୋଚନାରେ ନିବେଶ ଉତ୍ସାହ ସୃଷ୍ଟି କରିବା ଏବଂ ଓଡ଼ିଶା ଓ ୟୁଏଇ-ଆଧାରିତ ବ୍ୟବସାୟଗୁଡ଼ିକ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦ୍ୱିପାକ୍ଷିକ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାରେ ନିବେଶ ସୁଯୋଗ ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ଏବଂ ଆଇବିପିଜି ମଧ୍ୟରେ ଏକ ସହଯୋଗିତା ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଆଲୋଚନାରେ ଓଡ଼ିଶାର ବିଭିନ୍ନ ଉତ୍ପାଦ, ଯେପରିକି ହଳଦୀ, ଅଦା ଭଳି ମସଲା ଜାତୀୟ ଦ୍ରବ୍ୟ ଏବଂ ସାମୁଦ୍ରିକ ଖାଦ୍ୟର ରପ୍ତାନି ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହାସହ ୟୁଏଇର ପ୍ରମୁଖ ବ୍ରାଣ୍ଡଗୁଡ଼ିକ ପାଇଁ କଣ୍ଟ୍ରାକ୍ଟ ମାନୁଫାକ୍ଚରିଂକୁ ପ୍ରୋତ୍ସାହିତ କରିବା ଏବଂ ଓଡ଼ିଶାର ଉଚ୍ଚ ଦକ୍ଷତାସମ୍ପନ୍ନ ମାନବସମ୍ବଳ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା ନେଇ ଆଲୋଚନା ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉଦ୍ୟୋଗୀମାନେ ମଧ୍ୟ ଭାଗ ନେଇଥିଲେ । ସେମାନେ ବ୍ୟବସାୟିକ ଭାଗିଦାରୀର ବିସ୍ତାର, ବଜାର ସଂଯୋଗକୁ ସୁଦୃଢ଼ କରିବା ଏବଂ ୟୁଏଇ ବଜାରରେ ପହଞ୍ଚ ବୃଦ୍ଧି କରିବା ନେଇ ନିଜ ନିଜର ମତ ରଖିଥିଲେ । ଏହି ଆଲୋଚନା ଓଡ଼ିଶା-ୟୁଏଇ ବାଣିଜ୍ୟିକ ସହଯୋଗକୁ ଅଧିକ ମଜବୁତ କରିବା ଏବଂ ବ୍ୟବସାୟିକ ସହଯୋଗିତା ପାଇଁ ନୂଆ ପନ୍ଥା ସୃଷ୍ଟି କରିବାକୁ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଛି । ପେଟ୍ରୋକେମିକାଲ୍ସ ଡାଉନଷ୍ଟ୍ରିମ୍ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ବୋରୋଜକୁ ନିମନ୍ତ୍ରଣ କରାଯାଇଛି । ମୁଖ୍ୟମନ୍ତ୍ରୀ ବୋରୋଜ (ପେଟ୍ରୋକେମିକାଲ୍ ସେକ୍ଟର) ର ସିଇଓ ହାଜିମ୍ ସୁଲତାନ ଅଲ୍ ସୁୱାଇଦିଙ୍କୁ ଭେଟିଥିଲେ । ପାରାଦୀପଠାରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡର ପ୍ରସ୍ତାବିତ ନାପ୍ଥା କ୍ରାକର ପ୍ରୋଜେକ୍ଟ କଞ୍ଚାମାଲ ସଂଯୋଗର ସୁଯୋଗ ନେଇ ଓଡ଼ିଶାରେ ଏକ ବୃହତ୍ ପେଟ୍ରୋକେମିକାଲ୍ସ ଡାଉନଷ୍ଟ୍ରିମ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବାକୁ ସେ ବୋରୋଜ କମ୍ପାନୀକୁ ନିମନ୍ତ୍ରଣ ଜଣାଇଥିଲେ । ବୋରୋଜ କମ୍ପାନୀ ଭିତ୍ତିଭୂମି, ଶକ୍ତି, ପରିବହନ, ସ୍ୱାସ୍ଥ୍ୟସେବା, କୃଷି ଏବଂ ଆଧୁନିକ ପ୍ୟାକେଜିଂ କ୍ଷେତ୍ରରେ ବ୍ୟବହୃତ ହେଉଥିବା ପଲିଏଥିଲିନ୍ ଏବଂ ପଲିପ୍ରୋପିଲିନ୍ ଉତ୍ପାଦନ କରେ । ବୋରୋଜ ପିଏଲସି ୨୦୨୫ କ୍ୟାଲେଣ୍ଡର ବର୍ଷରେ ୫.୮ ୫ ବିଲିୟନ୍ ଆମେରିକୀୟ ଡଲାରର ରାଜସ୍ୱ ହାସଲ କରିଥିଲା । ଏହି ପ୍ରସ୍ତାବିତ ସହଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନ୍ତର୍ଜାତୀୟ ପଲିମର ଜ୍ଞାନକୌଶଳକୁ ଓଡ଼ିଶାକୁ ଆଣିବା ଏବଂ ରାଜ୍ୟର ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ଅଧିକ ବୃଦ୍ଧି କରିବା ।

ନିବେଶ ପାଣ୍ଠି ଏବଂ ବନ୍ଦର ସହଯୋଗିତା ଭିତ୍ତିଭୂମି ସୁଯୋଗକୁ ଅଧିକ ବ୍ୟାପକ କରିଛି । ୟୁଏଇ-ଆଧାରିତ ନିବେଶ ସଂସ୍ଥାଗୁଡ଼ିକ ସହ ଅନୁଷ୍ଠିତ ଅନ୍ୟ ଏକ ଗୋଲଟେବୁଲ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିପିପି ମୋଡ୍‌ରେ ବିକଶିତ ହେବାକୁ ଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପର ପ୍ରସ୍ତାବ ରଖିଥିଲେ । ଓଡ଼ିଶାର ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକରେ ସଂସ୍ଥାଗତ ଭାଗିଦାରୀ, ପ୍ରକଳ୍ପର ଆକଳନ ଏବଂ ଦୀର୍ଘମିଆଦୀ ନିବେଶ ସହଯୋଗିତା ପାଇଁ ସମ୍ଭାବ୍ୟ ପନ୍ଥା ଉପରେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଗୋଲଟେବୁଲ ବୈଠକରେ ୟୁଏଇର ପ୍ରମୁଖ ନିବେଶ ଓ ବ୍ୟବସାୟିକ ସଂସ୍ଥାର ବରିଷ୍ଠ ପ୍ରତିନିଧିମାନେ ଏକାଠି ହୋଇଥିଲେ । ସେମାନଙ୍କ ମଧ୍ୟରେ ଆଇଏଫସି (ଜିସିସି) ର ଡିଭିଜନାଲ ଡାଇରେକ୍ଟର ଅବଦୁଲହା ଜେଇନି ଜାଫ୍ରି, ଆଇଆରଏଚ୍ ଗ୍ଲୋବାଲ ଟ୍ରେଣ୍ଡିଂର କ୍ୱାଣ୍ଟିଟେଟିଭ ରିସର୍ଚ୍ଚ ଡେଭେଲପମେଣ୍ଟ ମୁଖ୍ୟ ଜିଉଲିଓ ଓଟିଓନେରୋ ଏବଂ ଏଲିପ୍ଟିକ ଏଫଜେଡଇର ମ୍ୟାନେଜିଂ ଡାଇରେକ୍ଟର ଫ୍ରାନ୍ସେସ୍କା ମାରିଆ ପ୍ରମୁଖ ସାମିଲ ଥିଲେ ।

ଓଡ଼ିଶାର ୟୁଏଇ ନିବେଶ ଗସ୍ତର ପ୍ରଥମ ଦିନ ବିଶ୍ୱସ୍ତରୀୟ ନିବେଶକ ଓ ସଂସ୍ଥାଗୁଡ଼ିକ ସହ ରାଜ୍ୟର ସମ୍ପର୍କକୁ ଅଧିକ ସୁଦୃଢ଼ କରିଛି । ଭିତ୍ତିଭୂମି, ବନ୍ଦର, ବାଣିଜ୍ୟ ଏବଂ ନିବେଶ ଭାଗିଦାରୀ ଉପରେ ହୋଇଥିବା ଏହି ଆଲୋଚନା ନିରନ୍ତର ନିବେଶ, ନିଯୁକ୍ତି ସୃଷ୍ଟି ଏବଂ ବ୍ୟାପକ ବଜାର ସୁଯୋଗ ପାଇଁ ଏକ ମଜବୁତ ଆଧାର ତିଆରି କରିବ, ଯାହା 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନକୁ ଆଗକୁ ନେବାରେ ସହାୟକ ହେବ ।

## ୧୦ ହଜାର...

ଯଦ୍ୱାରା ସେମାନଙ୍କର ରୋଜଗାର/ସ୍ୱରୋଜଗାର ସୁଯୋଗ ବଢ଼ିବ ।

ଏସବୁ ପ୍ରକଳ୍ପ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଷ୍ଟର୍ ପ୍ଲାନ୍ ଅନୁରୂପ ପ୍ରସ୍ତୁତ କରାଯାଇଛି ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକୀକୃତ ଯୋଜନା ଏବଂ ଅଂଶୀଦାରଙ୍କ ସହ ବିଚାରବିମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତାରେ ସୁଧାର ଆଣିବା । ଏସବୁ ପ୍ରକଳ୍ପ ଦ୍ୱାରା ଜନସାଧାରଣ, ବସ୍ତୁ ଏବଂ ସେବାର ବାଧାମୁକ୍ତ ଯାତାୟାତ ସୁନିଶ୍ଚିତ ହେବ । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡ଼ର ୧୪ଟି ଜିଲ୍ଲାକୁ ନେଇ ଏହି ତିନୋଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱର୍କରେ ୬୫୬ କିଲୋମିଟର ବୃଦ୍ଧି ଆଣିବ । ପ୍ରସ୍ତାବିତ ବହୁ ଟ୍ରାକିଂ ପ୍ରକଳ୍ପ ଦ୍ୱାରା ପାଖାପାଖି ୫୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୪,୭୯୦ଟି ଗାଁକୁ ଉନ୍ନତ ଯୋଗାଯୋଗ ସମ୍ଭବ ହୋଇପାରିବ ।

କ୍ଷମତା ବୃଦ୍ଧି ଦ୍ୱାରା ଦେଶର ଅନେକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ରେଳ ସଂଯୋଗରେ ସୁଧାର ଆସିବ । ଏଥିରେ ତାରାତାରିଣୀ ମନ୍ଦିର, ଶ୍ରୀ କ୍ଷେତ୍ର ଜଗନ୍ନାଥ ମନ୍ଦିର (ଝାରସୁଗୁଡ଼ା ନିକଟବର୍ତ୍ତୀ ଏକ ପ୍ରାଚୀନ ମନ୍ଦିର), ବାନ୍ଧବଗଡ଼ ବ୍ୟାଘ୍ର ଅଭୟାରଣ୍ୟ, ବିରାଟେଶ୍ୱର ମନ୍ଦିର, ଅମରକଣ୍ଟକ ମନ୍ଦିର, ଜ୍ୱାଳେଶ୍ୱର ଧାମ, ଅଚାନକମାର ବ୍ୟାଘ୍ର ଅଭୟାରଣ୍ୟ, ଖୁଟାଘାଟ ନଦୀବନ୍ଧ, ମଲ୍ହାର ପ୍ରତ୍ନତାତ୍ତ୍ୱିକ ସ୍ଥଳୀ, ରତନପୁର ମହାମାୟା ମନ୍ଦିର ଆଦି ସାମିଲ ରହିଛି । ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ସିମେଣ୍ଟ, ଲୁହା ଏବଂ ଇସ୍ପାତ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ । କ୍ଷମତା ବୃଦ୍ଧି କାର୍ଯ୍ୟ ଦ୍ୱାରା ବାର୍ଷିକ ୨୭ ନିୟୁତ ଟନ୍ (ଏମଟିପିଏ) ଅତିରିକ୍ତ ମାଲ ପରିବହନ କ୍ଷମତା ମିଳିବ । ରେଳବାଇ ଏକ ପରିବେଶ ଅନୁକୂଳ ଏବଂ ଶକ୍ତି-ଦକ୍ଷ ପରିବହନ ପଦ୍ଧତି ହୋଇଥିବାରୁ ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ । ଏହା ସହିତ, ଏହା ତୈଳ ଆମଦାନୀ (ପ୍ରାୟ ୧୨ କୋଟି ଲିଟର) ଏବଂ ଅଙ୍ଗାରକାମ୍ଳ ନିର୍ଗମନ (ପ୍ରାୟ ୬୨ କୋଟି କିଲୋଗ୍ରାମ) ହ୍ରାସ କରିବ, ଯାହା ୨ କୋଟି ୪୮ ଲକ୍ଷ ଗଛ ଲଗାଇବା ସହିତ ସମାନ ।

## ଭାରତରତ୍ନଙ୍କୁ...

ଏଫ୍‌କୁ ନେଇ ପ୍ରସଙ୍ଗ ରହିଛି । ତେବେ ଏନେଇ ବ୍ୟକ୍ତିଗତ ଭାବେ କୌଣସି ଚିଠି ଆସିନାହିଁ । ନୋଟିସ୍‌ରେ ଉଲ୍ଲେଖ କରାଯାଇଛି ଯେ ବେଙ୍ଗାଲୁରୁର ମାଲେଶ୍ୱରମ୍‌ରେ ଥିବା ଆଇଆଇଏସ୍‌ସିରେ ହାଜର ହେବାକୁ କୁହାଯାଇଛି । ତେବେ ଶ୍ରୀ ରାଓ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ପାଇଥିଲେ । ତାଙ୍କର ବ୍ୟକ୍ତିତ୍ୱ ଯୋଗୁଁ ସେ ମଧ୍ୟ ଅନେକ ରାଜ୍ୟରୁ ପୁରସ୍କୃତ ହୋଇଛନ୍ତି । କର୍ଣ୍ଣାଟକର ସିଇଓ କହିଛନ୍ତି ଯେ ଜଣେ କର୍ମକର୍ତ୍ତା ହରେକେଲା ହଜାବାକୁ ମଧ୍ୟ ଭୋଟର ତାଲିକା ରେକର୍ଡରେ ନାମରେ ଅସଙ୍ଗତି ପାଇଁ ନୋଟିସ୍ ଦିଆଯାଇଛି । ହାଜବାଙ୍କୁ ମଧ୍ୟ ପଦ୍ମଶ୍ରୀ ପୁରସ୍କାର ମିଳିଛି । ତେବେ ଏହି ଘଟଣାକୁ ନେଇ ସାମାଜିକ କର୍ମୀମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ହାଜବାଙ୍କୁ ଜଣେ ସାମାଜିକ କର୍ମୀ ଓ ତାଙ୍କ ସାମାଜିକ କାର୍ଯ୍ୟ ପାଇଁ ବେଶ୍ ପରିଚିତ । ସେ ନିଜ ଅର୍ଥରେ ସ୍କୁଲ ଘର ନିର୍ମାଣ କରିଛନ୍ତି । ସେ ମାଙ୍ଗାଲୁରୁରେ କମଳା ବିକ୍ରି କରି ଅର୍ଥ ରୋଜଗାର କରନ୍ତି । ୧୯୩୪ରେ ବେଙ୍ଗାଲୁରୁରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ରାଓଙ୍କର ରସାୟନ ବିଜ୍ଞାନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବହୁ ଜାଗାରେ ସମ୍ମାନୀତ ହୋଇଛନ୍ତି । ସେ ପ୍ରାୟ ୧୬୦୦ରୁ ଅଧିକ ଗବେଷଣାତ୍ମକ ସନ୍ଦର୍ଭ ଲେଖିବା ସହ ଅନେକ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନୀତ ହୋଇଛନ୍ତି । ଏସ୍‌ଆଇଆର ପ୍ରକ୍ରିୟାରେ ୪୩.୮୧ ଲକ୍ଷ ନୋଟିସ୍ ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ୭.୩୧ ଲକ୍ଷ ମତଦାତାଙ୍କୁ ଦିଆଯାଇଛି । କର୍ଣ୍ଣାଟକରେ ସେପ୍ଟେମ୍ବର ୪ ସୁଦ୍ଧା ୪ କୋଟି ୪୬ ଲକ୍ଷ ୩୮ ହଜାର ୧୨୪ ମତଦାତା ରହିଛନ୍ତି ।

## ପାଇଖାନା...

ଥର ପାଇଁ ଟାଙ୍କିର ଢାଙ୍କୁଣି ଖୋଲାଯାଇଥିଲା । ଭିତରେ ବ୍ୟବହୃତ ସେଣ୍ଟ୍ରିଂ କାଠ ବାହାର କରିବା ପାଇଁ ପ୍ରଥମେ ସହାୟକ ଶ୍ରମିକ ଆଲୋକ ଟାଙ୍କି ଭିତରକୁ ଓହ୍ଲାଇଥିଲେ । ତେବେ ଟାଙ୍କି ଭିତରେ ପଚିଥିବା ପତ୍ର ଆଦିରୁ ଗ୍ୟାସ ସୃଷ୍ଟି ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ଏହାର ପ୍ରଭାବରେ ଆଲୋକ ଅଣନିଶ୍ୱାସୀ ହୋଇ ଅଚେତ ହୋଇପଡ଼ିଥିଲେ । ଆଲୋକ ବାହାରକୁ ନ ଆସିବାରୁ ତାଙ୍କୁ ଉଦ୍ଧାର କରିବାକୁ ମିସ୍ତ୍ରୀ ପ୍ରକାଶ ଟାଙ୍କି ଭିତରକୁ ଓହ୍ଲାଇଥିଲେ । ସେ ମଧ୍ୟ ଗ୍ୟାସର ପ୍ରଭାବରେ ଅଚେତ ହୋଇପଡ଼ିଥିଲେ । ଦୁଇଜଣଙ୍କୁ ବାହାରକୁ ଆଣିବା ସମ୍ଭବ ନ ହେବାରୁ ମୁଖ୍ୟ ମିସ୍ତ୍ରୀ ହରିଶ୍ଚନ୍ଦ୍ର ଉଭୟଙ୍କୁ ଉଦ୍ଧାର କରିବାକୁ ଟାଙ୍କି ଭିତରକୁ ଓହ୍ଲାଇଥିଲେ । ହେଲେ ସେ ମଧ୍ୟ ବିଷାକ୍ତ ଗ୍ୟାସର ପ୍ରଭାବରେ ଅଚେତ ହୋଇପଡ଼ିଥିଲେ । ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ପଦ୍ମପୁର ପୁଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଟାଙ୍କି ଭିତରୁ ତିନିଜଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ । ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ପଦ୍ମପୁର ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତିନିଜଣଙ୍କୁ ମୃତ ଘୋଷଣା କରିଥିଲେ । ପ୍ରକାଶ ଥାଉକି, ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଦୁର୍ଗୀ ଗ୍ରାମର ପାଇକ ସାହିରେ ୨୦୧୮ ସେପେଟମ୍ବର ୨ରେ ଏଭଳି ଏକ ଅଘଟଣ ଘଟିଥିଲା । ପାଇଖାନା ଟାଙ୍କି ଭିତରେ ଶ୍ୱାସରୁଦ୍ଧ ହୋଇ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅସୁସ୍ଥ ହୋଇଥିଲେ । ସେତେବେଳେ ମୃତକଙ୍କ ପରିବାରକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରତି ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ବିଜୁ ପକ୍କା ଘର ନିର୍ମାଣ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଥିଲା । ରାୟଗଡ଼ାରେ ପୁଣି ଥରେ ସମାନ ଧରଣର ଅଘଟଣର ପୁନରାବୃତ୍ତି ହେବା ପରେ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ବନ୍ଦ ଟାଙ୍କି ଭଳି ସ୍ଥାନରେ ବିଷାକ୍ତ ଗ୍ୟାସ ଜମା ହୋଇଥିବା ସମ୍ଭାବନା ଥିବା ସେଣ୍ଟ୍ରିଂ ବିନା ସୁରକ୍ଷା ବ୍ୟବସ୍ଥାରେ ଭିତରକୁ ପ୍ରବେଶ କରିବା କେତେ ବିପଜ୍ଜନକ, ଏହି ଘଟଣା ତାହାର ଏକ ଦୁଃଖଦ ଉଦାହରଣ ପାଲଟିଛି ।

## ଇରାନ...

ଇରାନର ବୈଦେଶିକ ମନ୍ତ୍ରଣାଳୟ ଏହି ନିନ୍ଦା କରିଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏଭଳି ଆକ୍ରମଣ କରି ସେମାନେ ପ୍ରତିରକ୍ଷାର ବୈଦାନିକ ଅଧିକାରକୁ ଉଲ୍ଲଂଘନ କରିଛନ୍ତି । ଆମେରିକା ସେଣ୍ଟ୍ରାଲ କମାଣ୍ଡ କହିଛି ଯେ ଆଇଆର୍‌ଜିସି ପକ୍ଷରୁ ଗତ ଦୁଇଦିନ ଧରି ଆମେରିକା ଯୁଦ୍ଧ ଜାହାଜକୁ ଟାର୍ଗେଟ କରାଯାଇଛି । ଆଇଆର୍‌ଜିସି ଦାବି କରିଛି ଯେ ଇରାନର ବାଲାଷ୍ଟିକ୍ ଆକ୍ରମଣରେ ଆମେରିକା ନୌସେନାର ଦୁଇ ଜାହାଜ ଧ୍ୱଂସ ପାଇଛି । ଏହାଛଡ଼ା ୮ ଟ୍ୟାଙ୍କର ମଧ୍ୟ ଏହି ଅଞ୍ଚଳରେ ଟାର୍ଗେଟ କରାଯାଇଛି । ତେବେ ତା ମଧ୍ୟରେ ଦୁଇଟି ଆମେରିକୀୟ ଜାହାଜ ଧ୍ୱଂସ ହୋଇଥିବା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

## ନନ୍ଦନକାନନରେ....

ଖୁସି ହେଉଛନ୍ତି ସେମାନେ । ୫ଟି ମଧ୍ୟରୁ ତିନୋଟି ହାତରେ ଖାଉଥିବା ବେଳେ ଅନ୍ୟ ଦୁଇଟି ସେମାନଙ୍କ ଠାରୁ ଛୋଟ ଥିବାରୁ ତାଙ୍କୁ ପପୁ ବୋତଲରେ କ୍ଷୀର ପିଆଇ ଦିଆଯିବା ସହ କଦଳୀ, ସେଓ ପ୍ରଭୃତି ଖୁଆଇ ଦିଆଯାଉଛି । କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ ଆରମ୍ଭ କରି ସିସିଟିଭି ଫୁଟେଜ ପ୍ରଭୃତି ସଂଗ୍ରହ କରିଛି ।

ଏହି ୫ ଓରଙ୍ଗଉଟାନ ଛୁଆଙ୍କୁ ଆନ୍ତର୍ଜାତୀୟ ତସ୍କରମାନେ ଜଳପଥରେ ଆଣିବା ପରେ ବିଚିତ୍ରପୁର ଜଙ୍ଗଲରେ ଛାଡିଦେଇଥିବା ସନ୍ଦେହ ହୋଇଛି । କାରଣ ସେହି ଅଞ୍ଚଳରେ ସୋମବାର ରାତିରେ ଏକ କଳାରଙ୍ଗର କାର୍ ସନ୍ଦେହଜନକ ଭାବେ ଯାତାୟାତ କରିବାର ସିସିଟିଭି ଫୁଟେଜ ଏସ୍‌ଟିଏଫ୍ ଟିମ୍ ସଂଗ୍ରହ କରିଛି । ଘଟଣାସ୍ଥଳ ସମେତ ପଶ୍ଚିମବଙ୍ଗ ଦୀଘା ପର୍ଯ୍ୟନ୍ତ ଏସ୍‌ଟିଏଫ୍ ଟିମ୍ ଯାଇ ବିଭିନ୍ନ ଲୋକଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ବୟାନ ରେକର୍ଡ କରିଛି । ମେରାଇନ ଥାନାର ସିସିଟିଭି ଏସ୍‌ଟିଏଫ୍ ଯାଞ୍ଚ କରିବା ସହ ଫୁଟେଜ ସଂଗ୍ରହ କରିଛି । ଓ୍ୱାଇଲ୍‌ଡ୍‌ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲବ୍ୟୁରୋ ଓ ଏସ୍‌ଟିଏଫ୍ ମିଳିତ ଭାବେ ତାଙ୍କ ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି । ୫ ଓରାଙ୍ଗଉଟାନଙ୍କ ବୟସ ଦୁଇବର୍ଷ ମଧ୍ୟରେ ହେବ । ସେମାନେ ୮ବର୍ଷ ପର୍ଯ୍ୟନ୍ତ ମା' ପାଖେପାଖେ ରହିଥାନ୍ତି । ଉଦ୍ଧାର ହୋଇଥିବା ୫ଟିକୁ ମା'କୋଳରୁ ଆନ୍ତର୍ଜାତିକ ତସ୍କର ଛଡାଇଆଣି କାରବାର କରିବା ପୂର୍ବରୁ ଧରାପଡିଯିବା ଭୟରେ ବିଚିତ୍ରପୁର ଜଙ୍ଗଲରେ ଛାଡି ଦେଇଥିବା କୁହାଯାଉଛି । ଆନ୍ତର୍ଜାତୀୟ ତସ୍କରଙ୍କ ସହ ଓଡ଼ିଶାର ମାଫିଆମାନଙ୍କ ସମ୍ପର୍କ ଥିବା ଏସ୍‌ଟିଏଫ୍ ସନ୍ଦେହ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି । ବିମାନବନ୍ଦର, ରେଳ ଷ୍ଟେସନ ଓ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଥିବିସିସିଟିଭିକୁ ଏସ୍‌ଟିଏଫ୍ ଯାଞ୍ଚ କରି ଫୁଟେଜ ସଂଗ୍ରହ କରିବ ବୋଲି ସୂଚନା ମିଳିଛି । ଏସ୍‌ଟିଏଫ୍ ଟିମ୍ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିବା କୁହାଯାଉଛି ।

ନନ୍ଦନକାନନରେ ଓରାଙ୍ଗଉଟାନଙ୍କୁ ରଖାଯିବ କି ନାହିଁ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷଙ୍କ ଅନୁମତିମାଗଯାଉଛି । ମହିଶୂର ଛିଡିଆଖାନା ସହ ନନ୍ଦନକାନନ କର୍ତ୍ତୃପକ୍ଷ କଥା ହୋଇ ତାଙ୍କୁ କ୍ୱାରେନଟାଇନ୍‌ରେ ରଖିବା ସହ୍ ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କ ପରାମର୍ଶ ଅନୁଯାୟୀ ଖାଇବାକୁ ଦେଉଛନ୍ତି । ଗୋଟିଏ ଛୁଆ ଓରାଙ୍ଗଉଟାନକୁ ଅଧିକ ଜ୍ୱର ହୋଇଥିବାରୁ ତାକୁ ଔଷଧ ଦିଆଯାଇଛି । ପ୍ରତି ଦୁଇଘଣ୍ଟାରେ ଥରେ ଖାଇବାକୁ ଦିଆଯାଉଥିବା ବେଳେ ତିନି ସିଫଟରେ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ କ୍ୱାରେନଣ୍ଟାଇନ୍ ରୁମ୍‌ରେ ଡ୍ୟୁଟି କରି ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ଏହି ୫ କୁନି ଓରାନଉଟାନଙ୍କୁ ଇଣ୍ଡୋନେସିଆ ବୋର୍ଣ୍ଣିଓ ଅଞ୍ଚଳରୁ ତସ୍କରମାନେ ଆଣିଥିବା ବିଶେଷଜ୍ଞମାନେ ସନ୍ଦେହ କରିଛନ୍ତି । କାରଣ ଏମାନେ ଜାଭା, ସୁମାତ୍ରା ଓ ବୋର୍ଣ୍ଣିୟ ଅଞ୍ଚଳରେ ଅଧିକ ପରିମାଣରେ ଦେଖିବାକୁ ମିଳନ୍ତି । ଓରାଙ୍ଗଉଟାନଙ୍କ ଡିଏନ୍ଏ ୯୭% ମଣିଷ ସହ ମିଶିଥାଏ । ତେଣୁ ଏମାନଙ୍କ ଚାଲିଚଳନ ସମ୍ପୂର୍ଣ୍ଣ ମଣିଷ ଭଳି । । ନନ୍ଦନକାନନ ହସ୍ପିଟାଲରେ ଏମାନଙ୍କୁ କ୍ୱାରେନଣ୍ଟାଇନରେ ରଖାଯାଇଥିବାରୁ ସେଠାରେ ତିନି ସିଫଟରେ ୮ଘଣ୍ଟିଆ ଡିୟୁଟି ରଖାଯାଇଛି ।ପ୍ରତି ସିପଫରେ ଜଣେ ଲେଖାଏଁ ଡାକ୍ତର କାର୍ଯ୍ୟ କରିବେ ବୋଲି କର୍ତ୍ତୃପକ୍ଷ ନିର୍ଦ୍ଦେଶ କରିଛନ୍ତି । ସୁସ୍ଥ ହେବାପରେ ଏମାନେ କେଉଁ ପ୍ରଜାତିର ତାହା ପରୀକ୍ଷା କରାଯିବା ପାଇଁ ସାମ୍ପୁଲ ସଂଗ୍ରହ କରାଯିବ ।

## ତାମିଲନାଡୁରେ...

ଥିରୁମାଭଲମ୍, ଆଇୟଏମ୍‌ଏଲ୍‌ର କେଏମ୍ କାଦିର୍ ମହିଦିନ୍, ଏଏମ୍ ସାହାଜନ୍ ପ୍ରମୁଖ ଉପସ୍ଥିତ ଥିଲେ । ନିର୍ବାଚନ ପରେ ଏକ ଦ୍ୱିତୀୟ ବୃହତ୍ତ ବୈଠକ କରାଯାଇ ଏହି ମେଣ୍ଟ ଘୋଷଣା କରାଯାଇଛି । ଏହି ବୈଠକରେ ମେଣ୍ଟର ଢ଼ାଞ୍ଚା କ'ଣ ରହିବ, କେଉଁ ପ୍ରସଙ୍ଗରେ ଆଲୋଚନା ହେବ ଏହାଛଡା ସର୍ବନିମ୍ନ ସାଧାରଣ କାର୍ଯ୍ୟକ୍ରମ ନେଇ ମଧ୍ୟ ଆଲୋଚନା କରାଯାଇଛି । ବିଶେଷକରି ଷ୍ଟିୟରିଂ କମିଟି, ଆବାହକ ଚୟନ ଓ ଏହି ମେଣ୍ଟର ଏକ ଅଧିକୃତ ନାମ ପାଇଁ ବିଚାର ବିମର୍ଶ ହୋଇଛି । ତେବେ ସିପିଏମ୍ ଓ ସିପିଆଇ ଏହି ବୈଠକରେ ଅନୁପସ୍ଥିତ ଥିଲେ । ଦ୍ୱିତୀୟ ଥର ପାଇଁ ତାମିଲନାଡୁରେ ବାମପନ୍ଥୀ ଦଳଗୁଡ଼ିକ ମେଣ୍ଟ ବୈଠକରୁ ନିଜକୁ ଦୂରେଇ ରଖିଛନ୍ତି । ବୈଠକରେ ବିଜୟ ଅଧକ୍ଷତା କରିଥିଲେ । ଖୁବ୍‌ଶୀଘ୍ର ଏହି ମେଣ୍ଟର ଆବାହକଙ୍କ ନାମ ଚୂଡାନ୍ତ କରାଯିବ ।

## ତୁରନ୍ତ...

ସମୟରେ ରାଜ୍ୟପାଳ ବିଶେଷ ଭାବେ ଜାଣିବାକୁ ଚାହିଁଥିଲେ ଯେ, ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା କେତେ ପରିମାଣର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ । ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଏହି ବିଷୟରେ ବିସ୍ତୃତ ଭାବେ ବୁଝାଇବା ସହ ଖଣି ଅଧିକାର ଓ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟର କ୍ଷମତାକୁ ସୀମିତ କରିବା ଯୋଗୁଁ ସୃଷ୍ଟି ହେବାକୁ ଥିବା ଆର୍ଥିକ ପ୍ରଭାବ ଏବଂ ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପାଇବାକୁ ଥିବା ବକେୟା ଅର୍ଥ ଓ ରାଜସ୍ୱ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ରଖିଥିଲେ । ଏହି ଅର୍ଥ ଓଡ଼ିଶାର ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ କ୍ଷମତାକୁ ବହୁଗୁଣିତ କରିପାରିବ । ଏହାଦ୍ୱାରା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳସେଚନ, ଗ୍ରାମୀଣ ବିକାଶ ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ । ଦେଶର ଅନ୍ୟତମ ଖଣିଜ ସମୃଦ୍ଧ ରାଜ୍ୟ ଭାବେ ଓଡ଼ିଶା ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଜରିଆରେ ଭାରତର ଶିଳ୍ପ ଓ ଆର୍ଥିକ ବିକାଶରେ ଅପାର ଅବଦାନ ଦେଇଆସିଛି ।

ପ୍ରତିନିଧିମଣ୍ଡଳୀର କଥା ଦୀର୍ଘ ସମୟ ଧରି ଶୁଣିବା ପରେ ଓଡ଼ିଶାର ରାଜ୍ୟପାଳ ପ୍ରତିନିଧିମଣ୍ଡଳୀକୁ ଆଶ୍ୱାସନା ଦେଇଥିଲେ ଯେ, ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ସେ ନିଶ୍ଚିତ ଭାବେ ଭାରତର ରାଷ୍ଟ୍ରପତିଙ୍କୁ ଅବଗତ କରାଇବେ । ଏହି ପ୍ରସଙ୍ଗରେ ବିସ୍ତୃତ ଭାବେ ମତ ରଖିବା ପାଇଁ ରାଜ୍ୟପାଳ ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ ବିଜେଡି ପ୍ରତିନିଧି ମଣ୍ଡଳୀ । ବିଜୁ ଜନତା ଦଳର ସଭାପତି ତଥା ମାନ୍ୟବର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏମ୍ଏମ୍‌ଡିଆର୍ ସଂଶୋଧନ ବିଲ୍ ପାରିତ ହେବା ନେଇ ପୂର୍ବରୁ ହିଁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା କଥା ବିଜେଡି ସ୍ମରଣ କରାଇଛି । ବିଜେଡିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଶୋକ ଚନ୍ଦ୍ର ପଣ୍ଡା, ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ଡ଼ ଅରୁଣ କୁମାର ସାହୁ, ଅନନ୍ତ ନାରାୟଣ ଜେନା, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନିରଞ୍ଜନ ପୂଜାରୀ, ଧ୍ରୁବ ସାହୁ, ବ୍ୟୋମକେଶ ରାୟ, ସୁଜାତା ସାହୁ, ସୁଲୋଚନା ଦାସ, ରାଜେନ୍ଦ୍ର ସାହୁ, ସୁଭାଶିଷ ଖୁଣ୍ଟିଆ, ସୁଲତା ଦେଓ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ପ୍ରଦୀପ କୁମାର ଦିଶାରୀ, ଗୌତମବୁଦ୍ଧ ଦାସ, କଳିକେଶ ନାରାୟଣ ସିଂ ଦେଓ, ପ୍ରଶାନ୍ତ ବେହେରା, ବିଭୂତି ବଳବନ୍ତରାୟ, ଅଭିମନ୍ୟୁ ସେଠୀ, ପ୍ରଶାନ୍ତ ମୁଦୁଲି, ଯୋଗେଶ ସିଂହ, ସ୍ନେହାଙ୍ଗିନୀ ଛୁରିଆ, ମନ୍ମଥ କୁମାର ରାଉତରାୟ, ରିଜୱାନା ବେଗମ୍, ପ୍ରଣବ ବଳବନ୍ତରାୟ, ବିଜୟ ନାୟକ, ଟୁକୁନି ସାହୁ, ପ୍ରଦୀପ କୁମାର ଅମାତ, ଶ୍ରୀନାଥ ସୋରେନ, ରବି ନନ୍ଦ, ଭବପ୍ରସାଦ ଦାସ, ସୁବାସ ସିଂ, ଏନ୍ କେ ନିଜାମୁଦ୍ଦୀନ, ସୁଧୀର ସାମଲ, ଅଂଶୁମାନ ମହାନ୍ତି, ପଦ୍ମନାଭ ବେହେରା, ରମାରଂଜନ ବଳିଆୟାରସିଂହ, ଚନ୍ଦ୍ରସାରଥି ବେହେରା, ପୂର୍ଣ୍ଣ ସ୍ୱାଇଁ, ରଘୁନାଥ ପାଡଲ, ରମେଶ ମାଝୀ, ସଂଜୀବ ମଲ୍ଲିକ, ସୁବାଷ ବେହେରା, ନୃସିଂହ ସାହୁ, ରୁଦ୍ର ମହାରଥୀ, ମହେଶ ସାହୁ ପ୍ରମୁଖ ସାମିଲ ଥିଲେ ।

**AFFIDAVIT**

I, Anita Kumari Prasad, W/o Rajesh Kumar Ram residing at Sahar Sahi, Ward No 11, Karanjia, Dist. Mayurbhanj, PIN 757037, Odisha declare by this Affidavit No. 8094 dtd 18/08/2026 that now onwards I shall be known as **Anita Ram** for all future purposes.

**AFFIDAVIT**

By virtue of an affidavit Sl. No-178 sworn before the Notary, Banpur, Bhubaneswar, Dtd.28/08/2024. I, Smt. Arpita Rath, D/o-Durga Prasad Mishra and W/o- Sri Tara Prasad Rath, R/o-K-8, Plot No-202, Kalinga Nagar, Bhubaneswar-751003 do hereby declare that, now onwards, I shall be known as **Arpita Mishra** for all future purposes.

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, JEYPORE
E-mail ID : - mijeypore@yahoo.co.in

32001/843/2627

NOTICE INVITING TENDER
E-Procurement Notice
Bid Identification No. MIDJEV - 06/2026-27
Letter No. 1511 \ Dt. 00.09.2026

The Superintending Engineer, Minor Irrigation Division, Jeypore on behalf of Governor of Odisha invites Percentage rate bids in Single/Double cover system through Online Mode. The bid documents consisting of work,'Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | | |
|---|---|---|---|
| 1. | Name of the work | : | Construction of Check Dam under MATY 3.0 Scheme and Critical Scheme 2026-27. |
| 2. | Total Number of work | : | 14 (Fourteen) Nos. |
| 3. | Estimated cost | : | Approximately from Rs. 25.17 to Rs. 66.03 lakh. |
| 4. | Period of completion | : | 03 (Three ), 04 (Four) & 05 (Five) Calendar Months |
| 5. | Class of Contractor | : | "B"&"C" Class Contractor |
| 6. | Date and time of availability of bid documents in the portal | : | From 10.00 A.M of 14.09.2026 to 5.00 PM of 29.09.2026 |
| 7. | Last date /time for receipt of bids in the portal | : | 5.00 pm on 29.09.2026 |
| 8. | Date of opening of bid | : | At 11.00 am on 30.09.2026 in website (www.tendersorissa.gov.in) |
| 9. | Submission of Bids | : | Online mode |
| 10 | Name of the Officer inviting Bid | : | Superintending Engineer, Minor Irrigation Division, Jeypore |

11. Further details can be seen from the Government of Odisha Web-site: www.tendersorissa.gov.in

Sd/- Superintending Engineer
M.I. Division, Jeypore

OIPR : 32001/32122/1/26-27/0001

E-Mail ID: eerw_titilagarh@yahoo.co.in
GOVERNMENT OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION: TITILAGARH
e Procurement Notice

25001/1107/2627

IFB IDENTIFICATION NO. EETIG-online-04/2026-27

| | | | |
|---|---|---|---|
| 1. | Name of work | : | Building works |
| 2. | Total no of works | : | 10(Ten) nos. |
| 3. | Approximate Estimated Cost | : | Varies from Rs 18.00 to 44.00 lakh |
| 4. | Time for completion | : | 03 (Three) & 06(Six) Calendar months |
| 5. | Mode of Submission of tender | : | Tender should be submitted online in www.tenders.ori.nic.in |
| 6. | Other details are as follow | : | As per TCN No. EETIG-online-04/2026-27 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarificaiton | Date & time of opening of tender |
|---|---|---|---|---|---|
| Executive Engineer R.W.Divn., Titilagarh | EETIG-online-04/2026-27 | 10.09.2026 at 11.00 A.M. | 19.09.2026 upto 5.00 P.M. | 18.09.2026 to 11.00 A.M. | 21.09.2026 at 11.00 A.M. |

- Further details can be seen from the website www.tenders.ori.nic.in
- Any Corrigendum/Addendum will be displayed in the above e tender website only.

Sd/- Executive Engineer
R.W. Division, Titilagarh

OIPR : 25001/25078/1/26-27/0004

10001/532/2627

E.mail : vssmcburlaorissa@gmail.com
OFFICE OF THE DEAN & PRINCIPAL
VSS INSTITUTE OF MEDICAL SCIENCES & RESEARCH,
BURLA, SAMBALPUR, ODISHA-768017
No. 7349/VIMSAR, Burla Dated the 07 Sept, 2026

TENDER CALL NOTICE

Sealed Tenders are hereby invited by the undersigned from the Parties/ Suppliers/reputed Manufacturers/Authorized Dealers and Registered firms under GST Act for supply of "GAME & SPORTS ARTICLES" for the Athletic Society, VIMSAR, Burla under a rate contract. The contract shall be valid for a period of one year from the date of approval. The tenders must reach the Office of the Dean & Principal, VSS Institute of Medical Sciences & Research (VIMSAR), Burla, on or before 06.10.2026 by 5:30 P.M., via Registered Post or Speed Post only. The tenders will be opened at 11:00 A.M. on 07.10.2026 in the presence of the tenderers or their authorized representatives, who may attend the opening. The responsibility for the timely submission of tender papers lies solely with the tenderers. Late submissions will be summarily rejected.

The detailed list of required items, specifications, and the terms and conditions of this Tender Call Notice can be downloaded from the district website www.sambalpur.odisha.gov.in and www.vimsar.ac.in.

The undersigned/committee reserves the full right to accept or reject any or all tenders, in full or in part, without assigning any reason thereof.

Sd/- Dean & Principal,
VSS Institute of Medical Science
and Research, Burla

OIPR : 10001/10012/1/26-27/0006

GOVERNMENT OF ODISHA : DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, HYDROLOGY & INTERSTATE MATTER, BURLA
E-mail id-sehydrologyismburla@gmail.com

32001/826/2627

e-Procurement Notice No. SEH & ISM- 03/2026-27 (Online)
Bid Identification No- SEH & ISM-03/2026-27 (Online)

Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Installation & Calibration of new River Gauge Post in the downstream at Seorinarayan Barrage on River Mahanadi under Hirakud Dam Project for the year 2026-27. |
| 2. | Nos. of works | : | 1 (one) Nos. |
| 3. | Bid Identification No. | : | SEH&ISM-03/2026-27 |
| 4. | Eestimated Cost | : | 38.52 Lakhs (Excluding GST) |
| 5. | Class of Contractor | : | "B & C" Class |
| 6. | Period of Completion | | Referred to DTCN |
| 7. | Date and Time of availability of Bid Document in the Portal | : | Dt: 11.09.2026 at 11.00 AM to dt. 21.09.2026 up to 17.00 PM |
| 8. | Last Date / Time for receipt or Bids in the Portal | : | Dt: 21.09.2026 up to 17.00 PM |
| 9. | Date of opening of Bid | : | Dt: 22.09.2026 at 11.00 AM |
| 10. | Name and Address of the Officer Inviting Bid | : | SUPERINTENDING ENGINEER, HYDROLOGY & INTERSTATE MATTER, BURLA, AT/PO- BURLA DIST-SAMBALPUR ,768017 Email Id: -sehydrologyismburla@gmail.com |

1. Any addendum/corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website http://tendersodisha.gov.in

Sd/-Superintending Engineer,
Hydrology & Interestate Matter, Burla

OIPR : 32001/32452/1/26-27/0002

GOVERNMENT OF ODISHA : DEPARTMENT OF WATER RESOURCES,
O/O THE SUPERINTENDING ENGINEER, ANUGOLA INVESTIGATION DIVISION,
ANUGOLA, ODISHA.

32001/847/2627

Email Id- seidangul@gmail com
NOTICE INVITING RFP (Request For Proposal)
'e' Procurement Notice No. SEID-AGL-42 OF 2026-27

The Superintending Engineer, Anugola Investigation Division, Anugola on behalf of the Governor of Odisha invites **Request For Proposal** for Engagement of Consultant **in double cover** system of **ONLINE MODE** as detailed below:

| | | | |
|---|---|---|---|
| 1 | Name of work | : | Documentation and processing of Forest Diversion Proposal & obtaining stage-I & stage-II clearance from MoEF & CC, New Delhi (including preparation & approval of Catchment Area Treatment Plan) for Champalijore Irrigation Project under Sambalpur District of Odisha. |
| 2 | Eligibility of Consultant | : | Consultant must be empaneled with ORSAC under DGPS survey & successfully executed Forest Diversion Job in Govt, of Odisha |
| 3 | Bid Cost | : | Rs. 10,000/- to be transferred online (non-refundable) |
| 4 | E.M.D. | : | Rs. 74,917/- to be submitted online |
| 5 | Period of completion | : | 18 (Eighteen Months) |
| 6 | Availability of RFP Documents and receipt of bid through online | : | From **5:00 P.M of 09.09.2026** to **4:00 P.M of 25.09.2026** in the website (www.tendersodisha.gov.in) |
| 7 | Date, time & place for opening of online tenders | : | 25.09.2026 at 6:00 P.M and onwards in the o/o the SE, Anugola Investigation Division, Anugola |
| 8 | Name and Address of Officer Inviting Tender (OIT) | : | Superintending Engineer, Anugola Investigation Division, Anugola, At-New Irrigation Colony, PO- Hakimpada, Dist: - Anugola, PIN-759143 Odisha. e-mail Id- **seidangul@gmail com** |

Further details can be seen from the e-procurement portal of Government Odisha at www.tendersodisha.gov.in. Any addendum/corrigendum/cancellation of tender can also be seen in the said site.

Sd/- Samyak Bikash Subudhi
Superintending Engineer
Anugola Investigation Division, Anugola.

OIPR : 32001/32515/1/26-27/0002

46001/18/2627

Department of Social Security & Empowerment of Persons with Disabilities
Lokaseva Bhavan, Red Building, BBSR-751001
Tel: 0674-2390116
Mail: ssepdodisha@gmail.com
No.9066, Dt.08.09.2026

Tender Notice for Organization of International Day of Older Persons.2026

Sealed tenders are invited from reputed and experienced event management agencies for organizing the International Day of Older Persons,2026 at Bhubaneswar under two-bid system as for the following schedule :

| Sl. No | Bidding Schedule | Timeline |
|---|---|---|
| 1 | Date of Issue | 08.09.2026 |
| 2 | Pre-Bid Query Meeting | 18.09.2026 at 3.30 PM at SIDR Conference Hall, Capital Hospital Campus, Bhubaneswar (Queries to be sent through ssepdodisha@gmail.com till 16.09.2026) |
| 3 | Bid Submission Due Date and Time | 22.09.2026 up to 5:00 P.M (Through registered post/speed post/ By Hand/Courier)) |
| 4 | Open, Evaluation & Finalization of the bids | 24.09.2026 at 3:30 P.M at SIDR Conference Hall, Capital Hospital Campus, Bhubaneswar |
| 5 | Supply/Work Order to be Issued | 28.09.2026 |

The interested vendor can participate in the project as per the scope of work mentioned in the Bid Document. The bidders are advised to prepare Technical Bid Part-A) and Financial Bid (part-B) separately. The bid document containing eligibility criteria, scope of the work, terms and condition of the Tender and Agreement can be dnwnloaded from the website : **https://ssepd.odisha.gov.in.**

Sd/-
Director, SSEPD

OIPR : 46001/46006/1/26-27/0004

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୬୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାୟକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଦ୍ୱାରା

# ଷଷ୍ଠ ସିଏଲ୍ଆଇ ଏକ୍ସପୋ ୨୦୨୬ରେ ପରବର୍ତ୍ତୀ ପିଢ଼ିର ଖଣି ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶିତ

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କୋଲକାତାର ବିଶ୍ୱ ବଙ୍ଗଳା ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ଷଷ୍ଠ କୋଲ୍ ଲଗ୍ ଇଣ୍ଡିଆ (ସିଏଲଆଇ) ଏକ୍ସପୋ ୨୦୨୬ ରେ ଏହାର ପ୍ରଯୁକ୍ତିବିଦ୍ୟା-ଆଧାରିତ ଖଣି କାର୍ଯ୍ୟ ଏବଂ ଗୋଷ୍ଠୀ ବିକାଶ ପଦକ୍ଷେପ ପ୍ରଦର୍ଶନ କରିଛି । ଭାରତୀୟ କୋଇଲା ଫୋରମ୍ ଏବଂ କୋଇଲା ଉତ୍ପାଦକ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ଭାରତର କୋଇଲା ଏବଂ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଏକାଠି ହୋଇଥିଲେ । ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଷ୍ଟଲକୁ ଆଲୋକ ପର୍ତ୍ତି, ଅବସରପ୍ରାପ୍ତ ଅଧ୍ୟକ୍ଷ, ଭାରତୀୟ କୋଇଲା ଫୋରମ୍ ଏବଂ ପୂର୍ବତନ ସଚିବ, କୋଇଲା ମନ୍ତ୍ରଣାଳୟନ୍ତ କପିଳ ଧଗତ, ଅଧ୍ୟକ୍ଷ, କୋଇଲା ଉତ୍ପାଦକ ସଂଘ (ସିପିଏ)ନ୍ତ ଏବଂ ପାର୍ଥ ଏସ୍. ଭଟ୍ଟାଚାର୍ଯ୍ୟ, ଅଧ୍ୟକ୍ଷ, ପିୟରଲେସ୍ ଗ୍ରୁପ୍ ଏବଂ ପୂର୍ବତନ ଅଧ୍ୟକ୍ଷ, କୋଲ୍ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ବେଦାନ୍ତର କର୍ମଚାରୀମାନଙ୍କ ସହିତ ଉଦଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ଓଡ଼ିଶା ଏବଂ ଛତିଶଗଡ଼ରେ କମ୍ପାନୀର ପ୍ରମୁଖ କୋଇଲା ଖଣି ସମ୍ପର୍କିତ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ କୁରାଲୋଇ, ଜାମଖାନି, ଘୋଘରପଲ୍ଲୀ, ରାଧିକାପୁର ଏବଂ ବର୍ରା ଅନ୍ତର୍ଭୁକ୍ତ ଥିଲା, ଯାହା ପରିଦର୍ଶକମାନଙ୍କୁ ଏହାର ଖଣି କାର୍ଯ୍ୟ, ଭୂପୃଷ୍ଠ ଏବଂ କୋଇଲା ଖନନ ପ୍ରକ୍ରିୟା, ସୁରକ୍ଷା ଅଭ୍ୟାସ ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତକ୍ଷେପ ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମ ବିଷୟରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେସ କୁମାର କହିଛନ୍ତି, "ଟେକ୍ନୋଲୋଜି ସୁରକ୍ଷିତ, ଅଧିକ ଦକ୍ଷ ଏବଂ ଦାୟିତ୍ୱବାନ ଖନନ ପାଇଁ ଏକ ପ୍ରମୁଖ ସହାୟକ ଭାବରେ ଉଭା ହେଉଛି । ସିଏଲ୍ଆଇ ୨୦୨୬ ଏହି ପରିବର୍ତ୍ତନ ଉପରେ ଦୃଷ୍ଟିକୋଣ ବିନିମୟ କରିବା ଏବଂ ଆମର ଖଣି କାର୍ଯ୍ୟକଳାପ ମଧ୍ୟରେ ଆମର ଯାତ୍ରାକୁ ପ୍ରଦର୍ଶିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା । ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପ୍ରୟାସକୁ ପ୍ରଶଂସା କରି ଭାରତୀୟ କୋଇଲା ଫୋରମର ଅଧ୍ୟକ୍ଷ ତଥା କୋଇଲା ମନ୍ତ୍ରଣାଳୟର ପୂର୍ବତନ ସଚିବ ଆଲୋକ ପର୍ତ୍ତି କହିଛନ୍ତି, "ପ୍ରଯୁକ୍ତି ଏବଂ ନବସୃଜନ ଭାରତର ଖଣି କ୍ଷେତ୍ରକୁ ଅଧିକ ଆକାର ଦେଉଛି, ଅଧିକ ଉତ୍ପାଦକତା, ସୁରକ୍ଷା ଏବଂ ସମ୍ବଳ ଦକ୍ଷତାକୁ ପରିଚାଳିତ କରୁଛି । ପ୍ରଦର୍ଶନୀର ଏକ ପ୍ରମୁଖ ବିଶେଷତ୍ୱ ଥିଲା ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ଆଧୁନିକ ଖନନ ପ୍ରତି ପ୍ରଯୁକ୍ତିବିଦ୍ୟା ପରିଚାଳିତ ଆଭିମୁଖ୍ୟ । କମ୍ପାନୀ ସୁରକ୍ଷା, ପରିଚାଳନା ଦୃଶ୍ୟମାନତା ଏବଂ ଉତ୍ପାଦକତା ବୃଦ୍ଧି ପାଇଁ ନିୟୋଜିତ ଡିଜିଟାଲ୍ ସମାଧାନ ପ୍ରଦର୍ଶନ କରିଥିଲା, ଯେଉଁଥିରେ ରିଅଲ୍ ଟାଇମ୍ ମନିଟରିଂ, ଏଆଇ-ଆଧାରିତ ତଦାରଖ ଏବଂ ଉନ୍ନତ ଖଣି ପରିଚାଳନା ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଏକ ସମନ୍ୱିତ ପରିଚାଳନା ଡାସବୋର୍ଡ ଉପକରଣ ଉପଯୋଗ, କୋଇଲା ପ୍ରେରଣ ଏବଂ ମହଜୁଦର ଗୁଣବତ୍ତା ଦର୍ଶାଇବାକୁ ରିଅଲ୍ ଟାଇମ୍ ଡାଟା ପ୍ରଦାନ କରେ । ବେଦାନ୍ତ ଆଲୁମିନିୟମ କୋଇଲା ଖଣି କର୍ମଚାରୀମାନେ ମଧ୍ୟ ଏକ ସ୍ୱତନ୍ତ୍ର ବି୨ବି ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ କୋଇଲା ପରିଚାଳନା, ଖଣି ବିକାଶ ଏବଂ ସମ୍ପତ୍ତି ପରିଚାଳନା ଉପରେ ଦୃଷ୍ଟିକୋଣ ବାଣ୍ଟିଥିଲେ । ଏହି ଷ୍ଟଲରେ ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ସମର୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚଜି) ର ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା ।




## ରେଳ ଧାରଣାରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ବାଲୁଗାଁ ,(ସବ୍ୟୁ): ବୁଧବାର ସକାଳେ ବାଲୁଗାଁ ରେଳ ଷ୍ଟେସନର ଅନତୀ ଦୁର ତଥା ସୋଲରୀ ଏବଂ ଧୂଆଁଳ ଗ୍ରାମ ମଧ୍ୟସ୍ଥ ରେଳ ଧାରଣରୁ ଜଣେ ଅପରିଚିତ ଯୁବକଙ୍କ ମୃତ ଦେହକୁ ରେଲୱେ ପୋଲିସ ଜବତ କରିଛି । ମୃତକଙ୍କ ବୟସ ଆନୁମାନିକ ୩୦ରୁ ୩୫ ବୟସ ହୋଇଥିବା ବେଳେ ସେ ଧଳା ରଙ୍ଗର ଏକ ଶାର୍ଟ ଏବଂ ନୀଳରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧିଥିବା ଦେଖାଯାଇଛି । ଖବର ପାଇ ନିରାକାରପୁର ଜି ଆର ପି ଅଧିକାରୀ ଦିଲ୍ଲୀପ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିବା ସହ ଏ ସଂକ୍ରାନ୍ତରେ ୫୩/୨୬ ରେ ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

# ଓଡ଼ିଶା ସୋସାଇଟି ୟୁକେର ୪୭ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ସୋସାଇଟି ଅଫ୍ ୟୁନାଇଟେଡ କିଙ୍ଗଡମ (ଓସୁକ) ର ୪୭ତମ ବାର୍ଷିକ ଉତ୍ସବ ପାଳନ କରାଯାଇଥିବା ଜଣାଯାଇଛି । ଏହି ଉପଲକ୍ଷେ ଉତ୍ସବସ୍ଥଳ ମାଞ୍ଚେଷ୍ଟରର ଡିଡ୍ସବରୀ ଅନ୍ତର୍ଗତ ସୁନ୍ଦର, ସୁରମ୍ୟ, ସବୁଜିମା ଘେରା ପାର୍ସ୍ ଉଡ୍ ସ୍କୁଲ ପରିସରକୁ ଖୁବ ଭବ୍ୟ ଢଙ୍ଗରେ ସଜାଯାଇଥିଲା । ଇଂଲଣ୍ଡ , ଆୟରଲ୍ୟାଣ୍ଡ ଓ ବିଦେଶରୁ ଆସିଥିବା ଓସୁକର ପ୍ରାୟ ଏକ ହଜାର ସଦସ୍ୟ, ପଦାଧିକାରୀ ଓ ଶୁଭେଚ୍ଛୁ ତଥା ସେମାନଙ୍କର ପରିବାର ବର୍ଗ ଏହି ଦୁଇ ଦିନିଆ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ । ଶିଖ୍ ସମ୍ପ୍ରଦାୟର ଅନେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । ଏହି ମହା ଅଧିବେଶନର ମୁଖ୍ୟ ଆୟୋଜକ ମାଞ୍ଚେଷ୍ଟର ଠାରେ ଅବସ୍ଥାପିତ ଖ୍ୟାତନାମା ଚିକିତ୍ସକ ତଥା ଭଜନ ଗାୟକ ଦମ୍ପତି ଡକ୍ଟର ରାଜିନ୍ଦର ପାଲ ସିଂହ ଓ ଡକ୍ଟର କପିଲମୀତ କୌର ଥିଲେ । ଡକ୍ଟର ଅଞ୍ଜନା ଶତପଥୀଙ୍କ ଦ୍ୱାରା ନିର୍ମିତ ରଥ ଉପରେ ବିରାଜମାନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପରମ୍ପରାଗତ ଦୀପ ପ୍ରଜ୍ୱଳନ ସହିତ ସମ୍ମିଳନୀର ଶୁଭାରମ୍ଭ ହୋଇଥିଲା । ଉଦ୍ଘାଟନୀ ସଂଗୀତ ଭାବରେ ମୌସୁମୀ ମିଶ୍ର ଓ ତାଙ୍କ ସାଥି ମାନଙ୍କ ଦ୍ୱାରା "ଦୀନବନ୍ଧୁ ଦୈତାରୀ ଗାୟନ କରାଯାଇଥିଲା । ଓସୁକର ସଭାପତି ବିଶ୍ୱଜୀତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରି ୟୁକେର ପ୍ରବାସୀ ଓଡ଼ିଆ ମାନଙ୍କ ଦ୍ୱାରା ଓସୁକର କାର୍ଯ୍ୟକ୍ରମ ଗୁଡ଼ିକ ପ୍ରତି ପ୍ରଦତ୍ତ ବିପୁଳ ସମର୍ଥନ ଓ ବ୍ୟାପକ ସହଯୋଗକୁ ଭୁୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମ୍ୟାଞ୍ଚେଷ୍ଟରସ୍ଥିତ ଭାରତର କନସୁଲ ଜେନେରାଲ ବିଶାଖା ଯଦୁବଂଶ ଏହି ଅନନ୍ୟ କାର୍ଯ୍ୟକ୍ରମର ସମୃଦ୍ଧ ଓ ସମାବେଶୀ ଭାବନାକୁ ପସନ୍ଦ କରିଥିଲେ । ସମ୍ମାନିତ ଅତିଥି ବ୍ରିଟିଶ ଆସୋସିଏସନ ଅଫ ଫିଜିସିଆନ୍ସ ଅଫ ଇଣ୍ଡିଆନ ଅରିଜିନର ପୂର୍ବତନ ସଭାପତି ପ୍ରଫେସର ଜାସ ବମରା ଗିଦ୍ଧା ପ୍ରଦର୍ଶନକୁ ସର୍ବୋତ୍ତମ ବୋଲି କହିଥିଲେ । ପତ୍ରିକା ସମ୍ପାଦକ ଡକ୍ଟର ରାଜିନ୍ଦର ପାଲ ସିଂହଙ୍କ ଦ୍ୱାରା ପରିକଳ୍ପିତ ଓ ସମ୍ପାଦିତ "କଳିଙ୍ଗ କେସରୀ ନାମକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ମହୋତ୍ସବର ମୁଖ୍ୟ ଆକର୍ଷଣ ଭାରତ ଓ ଇଂଲଣ୍ଡର ବହୁ ଉଦୀୟମାନ ତଥା ଖ୍ୟାତନାମା କଳାକାର ମାନଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା । ଓଡ଼ିଶା ଓ ପଞ୍ଜାବର ମହାନତା ଏବଂ ମହନୀୟତାକୁ ଭବ୍ୟ ଢ଼ଙ୍ଗରେ ପ୍ରଦର୍ଶନ କରିବା ଏହି ଆୟୋଜନର ମୁଖ୍ୟ ଲକ୍ଷ ଥିଲା । ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ସାଶ୍ୱତ ଜୋଶୀ ଓ ତାଙ୍କ ଦଳ ଓଡ଼ିଶାର ଶାସ୍ତ୍ରୀୟ ଓ ଲୋକପରମ୍ପରା ଉପରେ ଆଧାରିତ ଅନେକ ସଂରଚନା ପ୍ରଦର୍ଶନ କରିଥିଲେ । ଏହି ପ୍ରସ୍ତୁତି ଗୁଡ଼ିକରେ ଭାଗ୍ୟଲିପି ମଲ୍ଲ, ଜୟଶ୍ରୀ ଧଳ, ଜାୟା, ସାଗରିକା ମହାନ୍ତି ଓ ସୋନାଲ ଆଚାର୍ଯ୍ୟ ପ୍ରମୁଖଙ୍କର ଯୋଗଦାନ ରହିଥିଲା । ପ୍ରତିଭାଶାଳୀ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରେମାନନ୍ଦ ସାହୁ, ଉଦୀୟମାନ ନୃତ୍ୟାଙ୍ଗନା ପ୍ରାଞ୍ଜଳ ନନ୍ଦ, କଥକ ନୃତ୍ୟଶିଳ୍ପୀ କାଜଲ ଶର୍ମାଙ୍କ ଛାତ୍ରୀ ସାନ୍ୱି, ଗୁର୍ଶବଦ ଓ ମିରାଣ୍ଡା, ସ୍କୁଲରେ ଡ଼ଃ ସଂଗୀତା ଦାସଙ୍କର ଅନ୍ତାକ୍ଷରୀ ତଥା ନର୍ଥ-ୱେଷ୍ଟ ଲେଡିଜଙ୍କର ଗୋଷ୍ଠୀ ନୃତ୍ୟ ମଧ୍ୟ ଉଚ୍ଚମାନର ଥିଲା । ଡକ୍ଟର ଅଞ୍ଜନା ଶତପଥୀଙ୍କ ଦ୍ୱାରା ଲିଖିତ, ନିର୍ଦ୍ଦେଶିତ ଓ ଅଭିନୀତ ନୃତ୍ୟ ନାଟିକା "ସାଲବେଗଦ୍ଧ ଓ ଡକ୍ଟର କାଳୀ ମିଶ୍ରଙ୍କ ଦ୍ୱାରା ମଞ୍ଚସ୍ଥ ବ୍ୟଙ୍ଗାତ୍ମକ ନାଟକ "ପାନ ଦୋକାନଦ୍ଧ ଦର୍ଶକମାନଙ୍କ ଦ୍ୱାରା ବହୁତ ଆଦୃତ ହୋଇଥିଲା । କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବଣ୍ଟନ ରଶ୍ମି ନନ୍ଦଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିଲା । ମଞ୍ଚ ପରିଚାଳନା କିଶୋର ଦାସ, ଦୁର୍ଗେଶ ନନ୍ଦିନୀ ଓ ସିବାନୀ ପାଣିଗ୍ରାହୀଙ୍କ ଦ୍ୱାରା ସୁଚାରୁରୂପେ ସମାପନ ହୋଇଥିଲା । ସମ୍ମିଳନୀ ଆୟୋଜନରେ ଓସୁକର ସାଂସ୍କୃତିକ ସମ୍ପାଦକ ଅନୁଶ୍ରୀ ପଟ୍ଟନାୟକ, ଆଇଟି ସମ୍ପାଦକ ବିଶାଳ ମାୟୋ ଓ ଯୁବ ସଦସ୍ୟ ଅର୍ଶିୟା ଓ ପ୍ରିୟେଶ ପ୍ରମୁଖ ସକ୍ରୀୟ ଭୂମିକା ନିର୍ବାହ କରିଥିଲେ ।



# ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ସାଇନ୍ସେସର ବିଶ୍ୱ ଫିଜିଓଥେରାପି ଦିବସ

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ଫିଜିଓଥେରାପି ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ସାଇନ୍ସେସ୍ ପକ୍ଷରୁ ଦୁଇ ଦିନିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ୧୯୯୯ ମସିହାରେ ପ୍ରତିଷ୍ଠିତ ଓଆଇଏଚ୍ଏସ୍ ଆରମ୍ଭରୁ ହିଁ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗତାର ସମ୍ମୁଖୀନ ବ୍ୟକ୍ତିମାନଙ୍କୁ ବୃତ୍ତିଗତ ସେବା ପ୍ରଦାନ କରି ଆସୁଛି । ଦିବ୍ୟାଙ୍ଗ ପୁନର୍ବାସନ ଓ ସହଯୋଗୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମାନବ ସମ୍ବଳ ବିକାଶ ଦିଗରେ ମଧ୍ୟ ଏହି ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ଏହି କାର୍ଯ୍ୟକ୍ରମ ବିଶିଷ୍ଟ ଶିଳ୍ପୀ ବିଶେଷଜ୍ଞ ତଥା ନାଲକୋର ପୂର୍ବତନ ସିଏମଡି ଡ. ତପନ ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରିଥିଲେ । ଆଇଏଚ୍ଏସ୍ ଅଡିଟୋରିୟମ୍‌ରେ ଆୟୋଜିତ ବିଶ୍ୱ ଫିଜିଓଥେରାପି ଦିବସ କାର୍ଯ୍ୟକ୍ରମରେମଞ୍ଚରେ ପ୍ରଫେସର ସତ୍ୟ ମହାପାତ୍ର, ପ୍ରଫେସର ଏସ୍. ଏସ୍. ରାଉ ଏବଂ ଅନୁଷ୍ଠାନର ପ୍ରିନ୍ସିପାଲ୍ ଡ. ଦୀପକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଫେସର ସତ୍ୟ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଡ. ତପନ ଚନ୍ଦଙ୍କୁ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପ୍ରତି ସମ୍ବେଦନଶୀଳତା ଓ ସେବା ମନୋଭାବ ରଖୁଥିବା ଜଣେ ଲୋକପ୍ରିୟ ଶିଳ୍ପ ନେତୃତ୍ୱ ଭାବେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ, ବହୁମୁଖୀ ବିକାରର ସଠିକ୍ ଚିକିତ୍ସା ସହିତ ପୁନର୍ବାସନ ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ପ୍ରଫେସର ଏସ୍. ଏସ୍. ରାଉ କହିଥିଲେ ଯେ, ବିଭିନ୍ନ ବିକାରର ଚିକିତ୍ସା ପାଇଁ ବିଶେଷ ପ୍ରଶିକ୍ଷଣ ଆବଶ୍ୟକ ଏବଂ ଏଭଳି ବିଶେଷଜ୍ଞ ପ୍ରଶିକ୍ଷଣ ପ୍ରଦାନ କରିବାରେ ଓ ଆଇଏଚ୍ଏସ୍ ସମ୍ପୂର୍ଣ୍ଣ ସକ୍ଷମ । ଏହି ଅବସରରେ ଛାତ୍ରଛାତ୍ରୀମାନେ ହାତରେ ଆଲୋକ ଧରି ବିଭିନ୍ନ କ୍ଷେତ୍ରରେ ସେମାନେ ପ୍ରଦାନ କରିପାରୁଥିବା ସେବା ଓ ଦକ୍ଷତା ସମ୍ପର୍କରେ ଉପସ୍ଥିତ ଅତିଥି ଓ ସମ୍ମାନିତ ବ୍ୟକ୍ତିବିଶେଷଙ୍କୁ ଅବଗତ କରାଇଥିଲେ । "ମୁଭମେଣ୍ଟ ଇଜ୍ ମେଡିସିନ୍" ଉଦ୍‌ଘାଟନୀ ଅଭିଭାଷଣରେ ଡ. ତପନ ଚନ୍ଦ କହିଥିଲେ ଯେ, ୨୦୩୦ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୨୦ ପ୍ରତିଶତ ବୃଦ୍ଧ ବର୍ଗରେ ରହିବେ, ଯେଉଁମାନଙ୍କ ପାଇଁ ବିଶେଷ ମସ୍କୁଲୋସ୍କେଲେଟାଲ୍ ଚିକିତ୍ସାର ଆବଶ୍ୟକତା ବଢ଼ିବ । ସେ କହିଥିଲେ ଯେ, ଦିବ୍ୟାଙ୍ଗତାକୁ କେବେବି ସାଧାରଣ ଜୀବନ ବଞ୍ଚିବା ପାଇଁ ଅକ୍ଷମତା କିମ୍ବା ଅଯୋଗ୍ୟତା ଭାବେ ଦେଖିବା ଉଚିତ୍ ନୁହେଁ । ଉପଯୁକ୍ତ ଚିକିତ୍ସା, ପୁନର୍ବାସନ ଓ ସହଯୋଗ ମାଧ୍ୟମରେ ଅନେକ ଦିବ୍ୟାଙ୍ଗତାର ପ୍ରଭାବକୁ କମାଇ ଜଣେ ବ୍ୟକ୍ତିଙ୍କୁ ସ୍ୱାଭାବିକ ଓ ସମ୍ମାନଜନକ ଜୀବନ ଜିଇଁବାରେ ସହାୟତା କରାଯାଇପାରେ । ଚଳିତ ବର୍ଷର ବିଶ୍ୱ ଫିଜିଓଥେରାପି ଦିବସର ବିଷୟବସ୍ତୁ "ହୃଦ୍‌ରୋଗ ଓ ଷ୍ଟ୍ରୋକ୍ ପ୍ରତିରୋଧ ଏବଂ ପରିଚାଳନାରେ ଫିଜିଓଥେରାପିଷ୍ଟଙ୍କ ଭୂମିକା" ଉପରେ ଆଲୋକପାତ କରି ଡ. ଚାନ୍ଦ କହିଥିଲେ ଯେ, ନିଷ୍କ୍ରିୟ ଜୀବନଶୈଳୀ ଓ ଜଙ୍କ୍ ଫୁଡ୍‌ର ଅତ୍ୟଧିକ ସେବନ ଯୋଗୁଁ ଅନେକ ଲୋକ ହୃଦ୍‌ରୋଗ ଭଳି ସମସ୍ୟାର ଶିକାର ହେଉଛନ୍ତି । ଏଭଳି ରୋଗକୁ ପ୍ରତିରୋଧ କରିବା ପାଇଁ ପ୍ରତିଦିନ ଚାଲିବା, ହାଲୁକା ବ୍ୟାୟାମ କରିବା, ସୁସ୍ଥ ଓ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଏବଂ ଚାପମୁକ୍ତ ଜୀବନଯାପନ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଡ. ମମାଲି ମଧୁସ୍ମିତା ସଂଚାଳନ କରିଥିବା ବେଳେ ଓ ଆଇଏଚଏସର ପ୍ରିନ୍ସିପାଲ୍ ଡ. ଦୀପକ ଧନ୍ୟବାଦ ଅର୍ପଣ କରିଥିଲେ ।



# ସ୍ମାର୍ଟ ଓ ସ୍ୱାସ୍ଥ୍ୟକର ରୋଷେଇ ପାଇଁ କେନ୍‌ଷ୍ଟାରର ନୂଆ ଏୟାର ଫ୍ରାୟର

ଭୂବନେଶ୍ୱର , (ସବ୍ୟୁ) : ଘରୋଇ ଉପକରଣ କ୍ଷେତ୍ରର ଅଗ୍ରଣୀ ବ୍ରାଣ୍ଡ କେନଷ୍ଟାର ଭାରତର ଏକ ବିସ୍ତୃତ ଏୟାର ଫ୍ରାୟର ସମ୍ଭାର ଶୁଭାରମ୍ଭ କରିଛି । ୪୫ରୁ ଅଧିକ ଏସକେୟୁ ଥିବା ଏହି ନୂଆ ପୋର୍ଟଫୋଲିଓରେ ବିଭିନ୍ନ କ୍ଷମତା, ଡିଜାଇନ ଓ କୁକିଙ୍ଗ ସୁବିଧା ସହ ଏୟାର ଫ୍ରାୟର ସାମିଲ ହୋଇଛି । ଆଧୁନିକ ରୋଷେଇ ଘରର ଆବଶ୍ୟକତାକୁ ଧ୍ୟାନରେ ରଖି ଡିଜାଇନ୍ ହୋଇଥିବା ଏହି ସମ୍ଭାରରେ ଷ୍ଟାର ସେଫ୍ ଏୟାର ଫ୍ରାୟର ଓଭେନ, ଡୁଓ ଫିଷ୍ଟ ଡୁଆଲ୍ ବାସ୍କେଟ, ପିଓର ଭ୍ୟୁ ଅଲ୍-ଗ୍ଲାସ୍, ଡେଲି କୁକ୍ ଏବଂ ସେଲିବ୍ରେସନ୍ ଗିଫ୍ଟିଙ୍ଗ ଶୃଙ୍ଖଳ ରହିଛି । ଏହି ମଡ଼େଲଗୁଡ଼ିକ ବିଭିନ୍ନ ପରିବାରର ଆକାର ତଥା ରୋଷେଇ ଘରର ଆବଶ୍ୟକତା ଅନୁଯାୟୀ ବିଭିନ୍ନ କ୍ଷମତାରେ ଉପଲବ୍ଧ ଅଟେ । ୪.୫ ଲିଟରରୁ ୧୨ ଲିଟର ପର୍ଯ୍ୟନ୍ତ ବିଭିନ୍ନ କ୍ଷମତାର ମଡେଲ ଉପଲବ୍ଧ ରହିଛି । ଏହି ଏୟାର ଫ୍ରାୟରଗୁଡ଼ିକରେ ୩୬୦-ଡିଗ୍ରୀ ଟର୍ବୋ ଏୟାର ଓ ଡୁଓକୋର ଇଣ୍ଟେଲି ହିଟିଙ୍ଗ ଟେକ୍ନୋଲୋଜି ଭଳି ଉନ୍ନତ ବୈଶିଷ୍ଟ୍ୟ ରହିଛି । ଏହା ଉତ୍ତାପର ସମାନ ବଣ୍ଟନ ସହ କମ୍ ତେଲରେ କୁରକୁରିଆ ଓ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତିରେ ସହାୟତା କରେ । ନିର୍ଦ୍ଦିଷ୍ଟ ମଡେଲରେ ରିହିଟ୍, ଗ୍ରିଲ୍, ଟୋଷ୍ଟ, ତନ୍ଦୁର, ଡିହାଇଡ୍ରେଟ୍ ଓ ବେକ୍ ଭଳି ବିଭିନ୍ନ କୁକିଙ୍ଗ ମୋଡ୍ ରହିଛି । କେନଷ୍ଟାର ସିଇଓ ସୁନୀଲ ଜୈନ କହିଛନ୍ତି ଯେ, ଆଧୁନିକ ଭାରତୀୟ ପରିବାରର ବଦଳୁଥିବା ରୋଷେଇ ଆବଶ୍ୟକତାକୁ ଧ୍ୟାନରେ ରଖି ଏହି ସମ୍ଭାର ପ୍ରସ୍ତୁତ କରାଯାଇଛି ।



## ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ନିର୍ମାଣ ଏବଂ ଉତ୍ପାଦନ କ୍ଷେତ୍ର ପାଇଁ

# ପ୍ରିମିୟମ୍ ଗାଲଭାନାଇଜଡ୍ ଷ୍ଟିଲ୍ ବ୍ରାଣ୍ଡ ପେଲିକାନର ବଜାର ପ୍ରବେଶ

ଭୁବନେଶ୍ୱର, (ସବ୍ୟୁ) : ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ), ପକ୍ଷରୁ ଭାରତର ନିର୍ମାଣ, ଭିତ୍ତିଭୂମି, ଉତ୍ପାଦନ ଏବଂ ଇଞ୍ଜିନିୟରିଂ କ୍ଷେତ୍ରର ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ପ୍ରିମିୟମ୍ ଗାଲଭାନାଇଜଡ୍ ଇସ୍ପାତ ବ୍ରାଣ୍ଡ ଏଏମ୍/ଏନ୍ଏସ୍ ପେଲିକାନ୍ ବଜାରରେ ପ୍ରବେଶ କରିଛି । ଏହି ବ୍ରାଣ୍ଡ କମ୍ପାନୀର ମୂଲ୍ୟବର୍ଦ୍ଧିତ ଇସ୍ପାତ ସମାଧାନର ପୋର୍ଟଫୋଲିଓକୁ ସୁଦୃଢ଼ କରିବା ସହିତ ନିର୍ଦ୍ଦିଷ୍ଟ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ଉତ୍ପାଦ ବିକଶିତ କରିବା ଉପରେ ଏହାର ଗୁରୁତ୍ୱକୁ ସ୍ପଷ୍ଟ କରୁଛି । ଭିତ୍ତିଭୂମି ବିକାଶ, ଶିଳ୍ପ ସମ୍ପ୍ରସାରଣ ଓ ନିର୍ମାଣ ଏବଂ ଉତ୍ପାଦନ ପ୍ରୟୋଗଗୁଡ଼ିକରେ ଦୀର୍ଘସ୍ଥାୟୀ, କମ୍ ରକ୍ଷଣାବେକ୍ଷଣଯୁକ୍ତ ସାମଗ୍ରୀ ପାଇଁ କ୍ଷୟ-ପ୍ରତିରୋଧୀ ଇସ୍ପାତ ଉତ୍ପାଦର ଚାହିଦା ବୃଦ୍ଧି ପାଉଥିବା ସମୟରେ ଏହି ଉତ୍ପାଦର ବଜାର ପ୍ରବେଶ କରାଯାଇଛି । ଏଏମ୍/ଏନ୍ଏସ୍ ଇଣ୍ଡିଆର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି: "ଭାରତୀୟ ଗ୍ରାହକମାନଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ପ୍ରୟୋଗ ଏବଂ ପ୍ରଦର୍ଶନ ଆଧାରରେ ଇସ୍ପାତ ସମାଧାନର ଆବଶ୍ୟକତା ବଢ଼ୁଛି । ଏଏମ୍/ଏନ୍ଏସ୍ ପେଲିକାନ୍ ଏକ ଉଚ୍ଚ-ଗୁଣବତ୍ତା ବିଶିଷ୍ଟ ଗାଲଭାନାଇଜଡ୍ ଇସ୍ପାତ ସମାଧାନ ପ୍ରଦାନ କରୁଛି, ଯାହା ନିର୍ଭରଯୋଗ୍ୟ କ୍ଷୟ ପ୍ରତିରୋଧ ସୁରକ୍ଷା ସହିତ ସ୍ଥିର ଗୁଣବତ୍ତା ଏବଂ ପ୍ରଦର୍ଶନ ପ୍ରଦାନ କରୁଛି । ଏହାଦ୍ୱାରା ଆମର ବର୍ଦ୍ଧିତ ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦ ପୋର୍ଟଫୋଲିଓ ଆହୁରି ମଜବୁତ ହେବ ଏବଂ ନିର୍ମାଣ, ଉତ୍ପାଦନ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଆମେ ଗ୍ରାହକମାନଙ୍କୁ ପ୍ରଦାନ କରୁଥିବା ମୂଲ୍ୟବର୍ଦ୍ଧିତ ସମାଧାନର ପରିସର ମଧ୍ୟ ବ୍ୟାପକ ହେବ ।" ଗାଲଭାନାଇଜଡ୍ ଇସ୍ପାତରେ ଏକ ସୁରକ୍ଷାତ୍ମକ ଆବରଣ ଅଛି ଯାହା ଏହାକୁ କଳଙ୍କି ଏବଂ କ୍ଷୟରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ଗ୍ରାହକମାନଙ୍କୁ ନିର୍ଭରଯୋଗ୍ୟ କଳଙ୍କି ସୁରକ୍ଷା ଓ ଗୁଣବତ୍ତା, ଏବଂ ଦୀର୍ଘସ୍ଥାୟୀ ସେବା ପ୍ରଦାନ ପାଇଁ ଏଏମ୍/ଏନ୍ଏସ୍ ପେଲିକାନ୍ କୁ ବିକଶିତ କରାଯାଇଛି । ଏହାର ଉତ୍କୃଷ୍ଟ କ୍ଷରଣ ପ୍ରତିରୋଧ କ୍ଷମତା, ଏକକ ଆବରଣ ଗୁଣବତ୍ତା ଏବଂ ଉତ୍କୃଷ୍ଟ ଗଠନଶୀଳତା ଏହାକୁ ଏପରି ପ୍ରୟୋଗ ପାଇଁ ଉପଯୁକ୍ତ କରିଥାଏ ଯେଉଁଠାରେ ଦୀର୍ଘସ୍ଥାୟୀତ୍ୱ, ରୂପରେଖ ଏବଂ ଆକାର ନେବା କ୍ଷମତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ପାଦକୁ ଛାତ ଏବଂ ଛାତକୁ ସୁରକ୍ଷା ଦେଉଥିବା ଭାଗ, ଟ୍ୟୁବ୍, ଏୟାର-କଣ୍ଡିସନିଂ ଏବଂ ବାୟୁଚଳନ ପ୍ରଣାଳୀ, କେବୁଲ୍ ଟ୍ରେ, ବାଡ଼, ଆସବାବପତ୍ର, ଡ୍ରମ୍ ଓ ବ୍ୟାରେଲ୍ ଏବଂ ଅନ୍ୟାନ୍ୟ ସାଧାରଣ ଇଞ୍ଜିନିୟରିଂ ବ୍ୟବହାର ସମେତ ବିଭିନ୍ନ ପ୍ରକାରର ପ୍ରୟୋଗରେ ବ୍ୟବହାର କରାଯାଇପାରିବ । ଏଏମ୍/ଏନ୍ଏସ୍ ଇଣ୍ଡିଆର ଉନ୍ନତ ଗାଲଭାନାଇଜିଂ କ୍ଷମତା ବ୍ୟବହାର କରି ପେଲିକାନ୍ ନିର୍ମାଣ କରାଯିବ ଏବଂ ଏହାକୁ ସାରା ଭାରତରେ କମ୍ପାନୀର ବ୍ୟାପକ ବଣ୍ଟନ ଏବଂ ଗ୍ରାହକ ନେଟୱାର୍କ ମାଧ୍ୟମରେ ଉପଲବ୍ଧ କରାଯିବ ।






ସାଂସଦ ଭର୍ତ୍ତୃହରି ମହତାବ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ତାଙ୍କ କର୍ତ୍ତବ୍ୟ ଭବନ କାର୍ଯ୍ୟାଳୟରେ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ବଡମ୍ବା ଚିନିକଳର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ବଡମ୍ବା -କଟକ ଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି ।

# ଅଲଟ୍ରା ଭାଓଲେଟର ଅନୁଭୂତି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର(ସବ୍ୟୁ): ଭାରତୀୟ ଇଲେକ୍ଟ୍ରିକ୍ ମୋଟରସାଇକେଲ୍ ନିର୍ମାତା ଅଲଟ୍ରାଭାଓଲେଟ୍ ଓଡ଼ିଶାରେ ନିଜର ପ୍ରଥମ ଅନୁଭୂତି କେନ୍ଦ୍ର ଆରମ୍ଭ କରିଛି । ଏହା ମାଧ୍ୟମରେ ରାଜ୍ୟର ଗ୍ରାହକମାନେ କମ୍ପାନିର ଉଚ୍ଚ ପ୍ରଦର୍ଶନକ୍ଷମତା ସମ୍ପନ୍ନ ଇଲେକ୍ଟ୍ରିକ୍ ମୋଟରସାଇକେଲଗୁଡ଼ିକୁ ଅନୁଭବ କରିବା ସହିତ କ୍ରୟ ଓ ସେବା ସୁବିଧା ପାଇପାରିବେ । ନୂଆ ଅନୁଭୂତି କେନ୍ଦ୍ରରେ ଗ୍ରାହକମାନେ ଅଲଟ୍ରାଭାଇଓଲେଟର ଏ୭୭ ସିରିଜ୍ ଇଲେକ୍ଟ୍ରିକ ମୋଟରସାଇକେଲଗୁଡ଼ିକୁ ଦେଖିବା, ସେମାନଙ୍କର ବୈଶିଷ୍ଟ୍ୟ ବିଷୟରେ ଜାଣିବା ଏବଂ ଟେଷ୍ଟ ରାଇଡର ଅନୁଭୂତି ନେଇପାରିବେ । ଏହା ଓଡ଼ିଶାର ଇଲେକ୍ଟ୍ରିକ୍ ଯାନପ୍ରେମୀଙ୍କ ପାଇଁ ଏକ ନୂଆ ଅନୁଭବ ଆଣିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି । ଭୁବନେଶ୍ୱରରେ ଅନୁଭୂତି କେନ୍ଦ୍ର ଆରମ୍ଭ ହେବା ଦ୍ୱାରା ଓଡ଼ିଶାର ଗ୍ରାହକମାନେ ଅଲଟ୍ରାଭାଇଓଲେଟର ଉତ୍ପାଦ, ପ୍ରଯୁକ୍ତିବିଦ୍ୟା ଓ ବିକ୍ରୟ ପରବର୍ତ୍ତୀ ସେବା ସମ୍ପର୍କରେ ସିଧାସଳଖ ଜାଣିପାରିବେ । ଅଲଟ୍ରାଭାଓଲେଟର ମୋଟରସାଇକେଲଗୁଡ଼ିକ ଉନ୍ନତ ଇଞ୍ଜିନିୟରିଂ, ଆଧୁନିକ ଡିଜାଇନ୍ ଓ ଉଚ୍ଚ ପ୍ରଦର୍ଶନକ୍ଷମତାକୁ ଗୁରୁତ୍ୱ ଦେଇ ନିର୍ମିତ ।

# କବି ପଦ୍ମଚରଣ ପଟ୍ଟନାୟକଙ୍କ ସାରସ୍ୱତ ସୃଷ୍ଟି ଆଲୋଚନା

ଭୁବନେଶ୍ୱର, (ସବ୍ୟୁ) : ସ୍ୱର୍ଗତ କବି ପଦ୍ମଚରଣ ପଟ୍ଟନାୟକଙ୍କ ସାରସ୍ୱତ ସୃଷ୍ଟି ସମ୍ଭାରକୁ ନେଇ ଏକ ଆଲୋଚନା ସଭା ସୃଜନ ସ୍ୱପ୍ନ ସାହିତ୍ୟ ପତ୍ରିକା ଓ ଓଡ଼ିଶା ସାହିତ୍ୟ ଏକାଡ଼େମୀଙ୍କ ମିଳିତ ଉଦ୍ୟମରେ ସ୍ଥାନୀୟ କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହରେ ହୋଇଯାଇଛି । ସୃଜନ ସ୍ୱପ୍ନର ମୁଖ୍ୟ ସଂପାଦକ ବିଶିଷ୍ଟ କଥାକାର ଦେଶବନ୍ଧୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ବରିଷ୍ଠ ସାହିତ୍ୟିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ । ସାହିତ୍ୟ ଏକାଡ଼େମୀର ସହସଚିବ ସଞ୍ଜୟ କୁମାର ଛୁଆଳ ସିଂହ ଏବଂ ଡକ୍ଟର ଗିରିଜା ଶଙ୍କର ଶର୍ମା ସମ୍ମାନିତ ଅତିଥି ଥିବାବେଳେ ଡକ୍ଟର ପ୍ରେମାନନ୍ଦ ମହାପାତ୍ର ମୁଖବକ୍ତା, ଡକ୍ଟର ରମେଶ ଚନ୍ଦ୍ର ପାଣି ଓ ଦୁର୍ଗାପ୍ରସାଦ ଆ·ର୍ଯ୍ୟ ସମ୍ମାନିତ ବକ୍ତା ଭବେ ସ୍ୱର୍ଗତ କବି ପଦ୍ମଚରଣ ପଟ୍ଟନାୟକଙ୍କ ସାରସ୍ୱତ ସୃଷ୍ଟି ସଂପର୍କରେ ଗଭୀର ଭାବେ ଆଲୋଚନା କରିଥିଲେ । କବିଙ୍କ ଆଶା ମଞ୍ଜରୀ ପଦ୍ମ ପାଖୁଡ଼ା ଓ ସୂର୍ଯ୍ୟମୁଖୀ କବିତା ପୁସ୍ତକରୁ ପ୍ରାୟ ପ·ଶଟି କବିତା ଆସରରେ ପାଠ କରିଥିଲେ ଭୁବନେଶ୍ୱର, ଜଟଣୀ , ପିପିଲି ଅଞ୍ଚଳର ବିଶିଷ୍ଟ କବିମାନେ । ପ୍ରାରମ୍ଭରେ ସୃଜନସ୍ୱପ୍ନର ୨୫ବର୍ଷ ପୂର୍ତ୍ତି ପଦ୍ମଚରଣ ବିଶେଷାଙ୍କ ଓ ଦେଶବନ୍ଧୁ ସ୍ୱାଇଁଙ୍କ ଗଳ୍ପ ପୁସ୍ତକ ସୁନାନାକୀ ଝିଅ ଉନ୍ମୋଚିତ ହୋଇଥିଲା । କବିଙ୍କ ଧଉଳିପାହାଡ଼ କବିତା ପ୍ରତିଧ୍ୱନିତ ହେଉଥିବାବେଳେ ସଭା ପ୍ରାରମ୍ଭରେ ହିନ୍ଦୀ ସାହିତ୍ୟ ଗବେଷକ ବିଶାଳ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ଓ ମଙ୍ଗଳା ପ୍ରସନ୍ନ ଧଳ ଅତିଥିମାନଙ୍କର ପରିଚୟ ପ୍ରଦାନ କରି ୧୮୮୫ରେ ଭୁବନେଶ୍ୱର ନିକଟବର୍ତ୍ତୀ ପାଞ୍ଚଗାଁରେ ଜନ୍ମଲାଭ କରି ୧୯୫୬ରେ ଦେହତ୍ୟାଗ କରିଥିବା କବି ପଦ୍ମଚରଣଙ୍କ ବ୍ୟକ୍ତିତ୍ୱର ଉପସ୍ଥାପନା କରିଥିଲେ । ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ଡକ୍ଟର ପ୍ରେମାନନ୍ଦ ମହାପାତ୍ର, ଦୁର୍ଗାପ୍ରସାଦ ଆଚାର୍ଯ୍ୟ ଓ ଚୌଧୁରୀ ବରଦାପ୍ରସନ୍ନ ଦାସଙ୍କୁ ପଦ୍ମଚରଣ ସ୍ମାରକୀ ସମ୍ମାନ ଓ ଉପସ୍ଥିତ କବିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହିତ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା । ସୃଜନସ୍ୱପ୍ନର ସଂପାଦିକା ଦେବଶ୍ରୀ ଧଳ ଓ ଅବିନାଶ ଜେନା କାର୍ଯ୍ୟକ୍ରମ ପରି·ଳନା କରିଥିଲାବେଳେ, ବିଶିଷ୍ଟ ସାହିତ୍ୟିକ ସନାତନ ଆ·ର୍ଯ୍ୟ ଉପସ୍ଥିତ ଶତାଧିକ କବି ଲେଖକ ଓ ଶ୍ରୋତାବର୍ଗଙ୍କୁ କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ୫୬ତମ ବାର୍ଷିକ ସାଧାରଣ ସଭା

## ୨୦ଟି ପ୍ରସ୍ତାବ ଉପରେ ସର୍ବସମ୍ମତିରେ ବାଜିଲା ମୋହର

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ୨୦୨୬-୨୭ ବର୍ଷର ୫୬ତମ ବାର୍ଷିକ ସାଧାରଣ ସଭା ବୁଧବାର ସମବାୟ ଭବନ ପରିସରରେ ସଫଳତାର ସହିତ ସମ୍ପନ୍ନ ହୋଇଛି । ୟୁନିଅନ୍‌ର ସଭାପତି ପ୍ରଭାସିନୀ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ପରିଚାଳନା ପରିଷଦର ସଦସ୍ୟ, ବିଭିନ୍ନ ସମବାୟ ଅନୁଷ୍ଠାନର ସଭାପତି ଓ ପ୍ରତିନିଧିଙ୍କ ସମେତ ସମବାୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ସଭାରେ ୨୦୨୫-୨୬ ବର୍ଷର ଆୟ-ବ୍ୟୟ ଅଟକଳ ଏବଂ ୨୦୨୬-୨୭ ବର୍ଷ ପାଇଁ ଆୟ-ବ୍ୟୟ ଅଟକଳ ଉପସ୍ଥାପନ କରାଯାଇଥିଲା । ଏହା ଉପରେ ବିସ୍ତୃତ ଆଲୋଚନା ପରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଏଥିସହିତ ୟୁନିଅନ୍‌ର ବାର୍ଷିକ ବିବରଣୀ ଉପସ୍ଥାପନ କରାଯାଇ ଗତବର୍ଷ ଓ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ଓ କାର୍ଯ୍ୟଧାରା ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା । ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ ତାଙ୍କ ଅଭିଭାଷଣରେ, ୟୁନିଅନ୍‌ର କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ ସମବାୟ ନେତୃବୃନ୍ଦ, ସଦସ୍ୟ ଓ ପ୍ରତିନିଧିଙ୍କ ସହଯୋଗ ଆବଶ୍ୟକ । ୟୁନିଅନ୍‌ର ସମ୍ପାଦକ ସୁନୀତା ପତି ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ, ସମବାୟ ସମ୍ପର୍କିତ ପ୍ରଚାର-ପ୍ରସାର, ବିଭିନ୍ନ କାର୍ଯ୍ୟକ୍ରମ ଓ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ସଭାକୁ ଅବଗତ କରାଇଥିଲେ । ବୈଠକରେ ପରିଚାଳନା ପରିଷଦର ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ଦାସ ରାଜ୍ୟ ସମବାୟ ୟୁନିଅନ୍ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ, ସମବାୟ ଶିକ୍ଷା ଓ ପ୍ରଶିକ୍ଷଣର ବିସ୍ତାର ଏବଂ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ୨୦ଟି ପ୍ରସ୍ତାବରେ ସର୍ବସମ୍ମତି ସାଧାରଣ ସଭାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ମୋଟ ୨୦ଟି ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା । ପ୍ରସ୍ତାବଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ପରେ ସେଗୁଡ଼ିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଶେଷରେ ରାଜ୍ୟ ସମବାୟ ୟୁନିଅନ୍‌ର ଉପସଭାପତି ବିରୋସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ୭୫ ସୁଖୋଇ-୫୭ କିଣିବ ଭାରତ

**ନୂଆଦିଲ୍ଲୀ:** ବ୍ରିକ୍ସଶିଖର ସମ୍ମିଳନୀ ପୂର୍ବରୁ ଭାରତ ଓ ରୁଷ୍ ମଧ୍ୟରେ ଏକ ବଡ଼ ପ୍ରତିରକ୍ଷା ଚୁକ୍ତି ନେଇ ଚର୍ଚ୍ଚା ଜୋର ଧରିଛି। ରୁଷର ପଞ୍ଚମ ପିଢ଼ିର ଷ୍ଟେଲ୍ଥ ଯୁଦ୍ଧବିମାନ ସୁଖୋଇ-୫୭ କିଣିବା ନେଇ ଭାରତ ସହ ଆଲୋଚନା ଚାଲିଛି। ପ୍ରସ୍ତାବିତ ଚୁକ୍ତିରେ ପ୍ରାୟ ୭୫ଟି ବିମାନ ସାମିଲ ହୋଇପାରେ ଯାହାର ମୋଟ ମୂଲ୍ୟ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହୋଇପାରେ ବୋଲି ରିପୋର୍ଟ ଆସିଛି। ତେବେ ଏ ପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ଚୁକ୍ତି ଚୂଡ଼ାନ୍ତ ହୋଇନାହିଁ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଆସନ୍ତା ୧୧ ତାରିଖ ଶୁକ୍ରବାର ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ହେବ। ୧୨ ଓ ୧୩ ତାରିଖରେ ଭାରତରେ ୧୮ଶ ବ୍ରିକ୍ସ ଶିଖର ସମ୍ମିଳନୀ ହେବ। ଏହି ବୈଠକରେ ସୁଖୋଇ-୫୭ ବିକ୍ରି ଓ ଏହାର ପ୍ରଯୁକ୍ତି ହସ୍ତାନ୍ତର ପ୍ରମୁଖ ଆଲୋଚନାର ବିଷୟ ହେବ ବୋଲି ରୁଷ୍ ସ୍ପଷ୍ଟ କରିଛି। ରୁଷ୍ ରାଷ୍ଟ୍ରପତିଙ୍କ ମୁଖପାତ୍ର ଦିମିତ୍ରି



ପେସ୍କୋଭ୍ ମଙ୍ଗଳବାର ମସ୍କୋରୁ ଭାରତୀୟ ସାମ୍ବାଦିକଙ୍କ ସହ ଅନ୍ଲାଇନ୍ ଆଲୋଚନାରେ କହିଛନ୍ତି ଯେ ଭାରତକୁ ସୁଖୋଇ-୫୭ ବିକ୍ରି କରିବା ପ୍ରସଙ୍ଗ ପୁଟିନଙ୍କ ଆଲୋଚନା ସୂଚୀରେ ରହିଛି। ଭାରତୀୟ ପକ୍ଷ ଏହି ବିମାନର ଉତ୍ପାଦନ ପ୍ରଯୁକ୍ତି ଚାହୁଁଥିବାରୁ ଏ ନେଇ ଅଧିକ ଆଲୋଚନା ଚାଲିଥିବା ସେ କହିଛନ୍ତି।ସୁଖୋଇ-୫୭ ହେଉଛି ରୁଷ୍ର ଉନ୍ନତ ପଞ୍ଚମ ପିଢ଼ିର ଷ୍ଟେଲ୍ଥ ଯୁଦ୍ଧବିମାନ। ଭାରତ ପାଇଁ ଏହାର ଆକର୍ଷଣ କେବଳ ବିମାନ କିଣିବାରେ ସୀମିତ ନୁହେଁ। ରୁଷ୍ ଭାରତରେ ଏହାର ଉତ୍ପାଦନ, ପ୍ରଯୁକ୍ତି ହସ୍ତାନ୍ତର ଓ ରକ୍ଷଣାବେକ୍ଷଣ କ୍ଷମତା ବିକାଶ ନେଇ ସହଯୋଗର ସମ୍ଭାବନା ମଧ୍ୟ ରଖିଛି। ଭାରତୀୟ ବାୟୁସେନାର ଯୁଦ୍ଧବିମାନ ସ୍କ୍ୱାଡ୍ରନ୍ ସଂଖ୍ୟା କମୁଥିବା ଏବଂ ସ୍ୱଦେଶୀ ଏଏମ୍ସିଏ ଯୁଦ୍ଧବିମାନ ଆସିବାକୁ ଆହୁରି ସମୟ ଲାଗିବା ଦୃଷ୍ଟିରୁ ଏହି ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଉଛି। ଏହି ବୈଠକରେ କେବଳ ସୁଖୋଇ-୫୭ ନୁହେଁ, ଏସ୍-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଉନ୍ନତୀକରଣ, ଦ୍ୱିପାକ୍ଷିକ ବାଣିଜ୍ୟ ଓ ଭାରତରେ ନୂଆ ପରମାଣୁ ଶକ୍ତି ପ୍ରକଳ୍ପ ନେଇ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି।

## ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ଦରମା ବର୍ଷକୁ ୨୭ କୋଟି

**ସିଙ୍ଗାପୁର:** ବିଶ୍ୱରେ ସବୁଠାରୁ ଅଧିକ ଦରମା ପାଉଥିବା ପ୍ରଧାନମନ୍ତ୍ରୀ ହେଉଛନ୍ତି ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲୋରେନ୍ସ ୱାଙ୍ଗ। ତାଙ୍କ ଦରମା ଆହୁରି ବୃଦ୍ଧି ପାଇବ। ତାଙ୍କ ମନ୍ତ୍ରୀମାନଙ୍କର ଦରମା ମଧ୍ୟ ବୃଦ୍ଧି ପାଇବ। ତାଙ୍କ ଭଳି ତାଙ୍କ ମନ୍ତ୍ରୀମାନେ ବି ବିଶ୍ୱର ସବୁଠାରୁ ଅଧିକ ଦରମା ପାଉଥିବା ମନ୍ତ୍ରୀ। ଆଉ ଏହି ନେତାମାନଙ୍କର ଦରମାରେ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି କରାଯିବ। ପ୍ରଧାନମନ୍ତ୍ରୀ ଲୋରେନ୍ସ ୱାଙ୍ଗ ମଙ୍ଗଳବାର ଦିନ ସଂସଦରେ ଏହି ଘୋଷଣା କରିଛନ୍ତି। ୱାଙ୍ଗ କହିଛନ୍ତି ଯେ ତାଙ୍କର ବାର୍ଷିକ ଦରମା ୨.୨ ନିୟୁତ (ମିଲିୟନ୍) ସିଙ୍ଗାପୁର ଡଲାର (୧୬.୫ କୋଟି ଟଙ୍କା) ରୁ ବୃଦ୍ଧି ପାଇ ୩.୬ ନିୟୁତ (୨୭ କୋଟି ଟଙ୍କା) ହେବ। ଉପ-ପ୍ରଧାନମନ୍ତ୍ରୀଙ୍କ ଦରମା ୧.୮୭ ନିୟୁତ ସିଙ୍ଗାପୁର ଡଲାର (୧୪.୦୨ କୋଟି ଟଙ୍କା) ରୁ ୩.୦୬ ନିୟୁତ ସିଙ୍ଗାପୁର ଡଲାର (୨୨.୯୪ କୋଟି ଟଙ୍କା) କୁ ବୃଦ୍ଧି ପାଇବ ସେହିପରି ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ସେମାନଙ୍କ ବରିଷ୍ଠତା ଏବଂ ବିଭାଗର ଗୁରୁତ୍ୱ ଆଧାରରେ ୧.୮୦ ନିୟୁତ ସିଙ୍ଗାପୁର ଡଲାର (୧୩.୫ କୋଟି ଟଙ୍କା) ରୁ ୨.୮୮ ନିୟୁତ ସିଙ୍ଗାପୁର ଡଲାର (୨୧.୫୯ କୋଟି ଟଙ୍କା) ମଧ୍ୟରେ ଦରମା ମିଳିବ।ରାଜନେତାମାନଙ୍କ ଦରମାରେ ଏହି ଭଳି ବୃଦ୍ଧି ରାଜନୀତିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ। କାରଣ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ଆୟ ସାଧାରଣ ନାଗରିକଙ୍କ ଆୟ ତୁଳନାରେ ଯଥେଷ୍ଟ ଅଧିକ। ତେବେ ସିଙ୍ଗାପୁର ସରକାର ଏହାକୁ ଯୁକ୍ତିଯୁକ୍ତ ଦର୍ଶାଇଛନ୍ତି। ସରକାର କହିଛନ୍ତି ଯେ ଏହା ଦକ୍ଷ ବ୍ୟକ୍ତିମାନଙ୍କୁ ରାଜନୀତିକୁ ଆକର୍ଷିତ କରେ ଏବଂ ସୁଶାସନ ସୁନିଶ୍ଚିତ କରେ। ପ୍ରଧାନମନ୍ତ୍ରୀ କହିଛନ୍ତି, ମନ୍ତ୍ରୀମାନଙ୍କ ଦରମା ସାଧାରଣ ନାଗରିକଙ୍କ ଆୟଠାରୁ ଯଥେଷ୍ଟ ଅଧିକ। ତେଣୁ ସିଙ୍ଗାପୁରବାସୀ କାହିଁକି ଏହାକୁ କଡ଼ା ନଜରରେ ଦେଖନ୍ତି ଏବଂ ଅନେକ ଲୋକ କାହିଁକି ଏହି ବିଷୟ ଅତ୍ୟନ୍ତ ଗମ୍ଭୀର ବୋଲି ଅନୁଭବ କରନ୍ତି, ତାହା ମୁଁ ବୁଝିପାରୁଛି। ତେବେ ଏହି ପ୍ରସଙ୍ଗଟି ଆଗାମୀ ଦଶନ୍ଧିଗୁଡ଼ିକରେ ଆମ ଦେଶକୁ ଆଗକୁ ନେବା ପାଇଁ ଓ ଆମ ପାଖରେ ଆବଶ୍ୟକୀୟ ଗୁଣବତ୍ତାସମ୍ପନ୍ନ ରାଜନୈତିକ ନେତୃତ୍ୱ ରହିବ କି ନାହିଁ, ତାହା ଉପରେ ପର୍ଯ୍ୟବସିତ। ଆମର ଦୃଷ୍ଟିକୋଣ ହେଉଛି: ସୁଶାସନ ସୁନେତୃତ୍ୱ ଉପରେ ନିର୍ଭର କରେ।ଏହି ଦକ୍ଷିଣ-ପୂର୍ବ ଏସୀୟ ଦେଶ ଶେଷଥର ପାଇଁ ୧୫ ବର୍ଷ ପୂର୍ବେ ମନ୍ତ୍ରୀମାନଙ୍କ ଦରମା ସଂଶୋଧନ କରିଥିଲା। ସିଙ୍ଗାପୁର ବିଶ୍ୱର ସବୁଠାରୁ କମ୍ ଦୁର୍ନୀତିଗ୍ରସ୍ତ ଦେଶଗୁଡ଼ିକ ମଧ୍ୟରେ ନିୟମିତ ଭାବେ ସ୍ଥାନ ପାଇଆସିଛି।ୱାଙ୍ଗ କହିଛନ୍ତି ଯେ ଏହି ଦରମା ବୃଦ୍ଧି ଏକ ସ୍ୱାଧୀନ କମିଟି ଦ୍ୱାରା ସୁପାରିଶ କରାଯାଇଥିଲା। ବର୍ତ୍ତମାନ ପଦବୀରେ ଥିବା ନେତାମାନଙ୍କୁ ତୁରନ୍ତ ଏହି ନୂତନ ଦରମାକୁ ଅନ୍ତର୍ଭୁକ୍ତ କରାଯିବ ନାହିଁ। ସେମାନଙ୍କ ପ୍ରଦର୍ଶନ ସମେତ ବ୍ୟକ୍ତିଗତ ପରିସ୍ଥିତିକୁ ଆଧାର କରି, ସେମାନେ ଅକ୍ଟୋବର ୧୫ ତାରିଖରୁ ୯ ପ୍ରତିଶତ ପର୍ଯ୍ୟନ୍ତ ଏକାଥରକେ ଦରମା ସଂଶୋଧନ ସୁବିଧା ପାଇବେ। ପରବର୍ତ୍ତୀ କୌଣସି ବି ପରିବର୍ତ୍ତନ ବ୍ୟକ୍ତିଗତ ପ୍ରଦର୍ଶନ ଏବଂ ଦାୟିତ୍ୱ ଉପରେ ଆଧାରିତ ହେବ।

### ବ୍ରିକ୍ସ ଶିଖର ସମ୍ମିଳନୀ

## ସଜେଇ ହେଉଛି ଦିଲ୍ଲୀ, ବନ୍ଦ ରହିବ କୋର୍ଟ ଓ ସରକାରୀ କାର୍ଯ୍ୟାଳୟ

**ନୂଆଦିଲ୍ଲୀ:** ଆସନ୍ତା ୧୧ରୁ ୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍ରେ ହେବାକୁ ଥିବା ୧୮ଶ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ରାଜଧାନୀରେ ପ୍ରସ୍ତୁତି ଜୋରଦାର ହୋଇଛି। ବିଭିନ୍ନ ରାସ୍ତା, ପ୍ରମୁଖ ସ୍ଥାନ ଓ ଛକଗୁଡ଼ିକୁ ପୋଷ୍ଟର, ଚିତ୍ର ଓ ଆଲୋକରେ ସଜାଯାଉଛି। ଏଥିପାଇଁ ଦିଲ୍ଲୀର ଅନେକ ଅଞ୍ଚଳ ଏବେ ଉତ୍ସବମୁଖର ଦେଖାଯାଉଛି। ଚଳିତବର୍ଷ ସମ୍ମିଳନୀର ମୁଖ୍ୟ ବିଷୟ ରହିଛି 'ବିଲ୍ଡିଂ ଫର୍ ରେଜିଲିଏନ୍ସ, ଇନୋଭେସନ୍, କୋଅପରେସନ୍ ଆଣ୍ଡ ସଷ୍ଟେନେବିଲିଟି'।ସମ୍ମିଳନୀରେ ବ୍ରିକ୍ସସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ରାଷ୍ଟ୍ରମୁଖ୍ୟ, ବରିଷ୍ଠ ପ୍ରତିନିଧି ଓ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟମାନେ ଯୋଗଦେବେ। ବିଦେଶୀ ଅତିଥିଙ୍କ ଯାତାୟାତ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରାୟ ୨୫ ହଜାର ସୁରକ୍ଷାକର୍ମୀ ମୁତୟନ ହେବା ସହ ଏନ୍ଏସ୍ଜି କମାଣ୍ଡୋ ଓ ଆଣ୍ଟି-ଡ୍ରୋନ୍ ବ୍ୟବସ୍ଥା ମଧ୍ୟ




ରହିବ।ଶିଖର ସମ୍ମିଳନୀ ସମୟରେ ଭିଭିଆଇପି କାରକେଡ୍ର ଯାତାୟାତ ପାଇଁ ଦିଲ୍ଲୀର ୩୫ରୁ ଅଧିକ ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ କିମ୍ବା ଡାଇଭର୍ସନ୍ ବ୍ୟବସ୍ଥା କରାଯିବ। ଏଥିପାଇଁ ୨୨ଟି ଡାଇଭର୍ସନ୍ ପଏଣ୍ଟ ଚିହ୍ନଟ ହୋଇଛି। ମଥୁରା ରୋଡ୍, ଜନପଥ, ଅଶୋକା ରୋଡ୍, ସର୍ଦ୍ଦାର ପଟେଲ ମାର୍ଗ, ଲୋଧି ରୋଡ୍, ପଞ୍ଚଶୀଳ ମାର୍ଗ, ଆଫ୍ରିକା ଆଭେନ୍ୟୁ, ଶାନ୍ତି ପଥ ଓ ତିନମୂର୍ତ୍ତି ମାର୍ଗ ସମେତ ଅନେକ ରାସ୍ତା ଏହାର ଅନ୍ତର୍ଗତ ହେବ। ଯାତ୍ରୀମାନଙ୍କୁ ଯାତ୍ରା ପୂର୍ବରୁ ବିକଳ୍ପ ରାସ୍ତା ବାଛିବାକୁ ଏବଂ ସମ୍ଭବ ହେଲେ ମେଟ୍ରୋ ବ୍ୟବହାର କରିବାକୁ ପୁଲିସ ପରାମର୍ଶ ଦେଉଛି।ସମ୍ମିଳନୀ ଯୋଗୁଁ ଦିଲ୍ଲୀ ହାଇକୋର୍ଟ ଓ ସମସ୍ତ ଜିଲ୍ଲା ଅଦାଲତ ୧୧ ସେପ୍ଟେମ୍ବରରେ ବନ୍ଦ ରହିବ। ଟ୍ରାଏଲ୍ କୋର୍ଟଗୁଡ଼ିକ ୧୨ ସେପ୍ଟେମ୍ବରରେ ମଧ୍ୟ ବନ୍ଦ ରହିବ। ଫଳରେ ୧୧ରୁ ୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ତିନିଦିନ ଧରି ଦିଲ୍ଲୀର ନିମ୍ନ ଅଦାଲତଗୁଡ଼ିକରେ କାର୍ଯ୍ୟ ହେବ ନାହିଁ। ଏହାଛଡ଼ା ଦିଲ୍ଲୀ ଓ ନୂଆଦିଲ୍ଲୀରେ ଥିବା କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ୧୧ ସେପ୍ଟେମ୍ବର ଶୁକ୍ରବାର ବନ୍ଦ ରହିବ। ୧୨ ଓ ୧୩ ସେପ୍ଟେମ୍ବର ଶନିବାର ଓ ରବିବାର ଥିବାରୁ କାର୍ଯ୍ୟାଳୟଗୁଡ଼ିକ ସ୍ୱାଭାବିକ ଭାବେ ବନ୍ଦ ରହିବ।

## ଦିଲ୍ଲୀରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ: ଜଣେ ମୃତ, ୪ ଆହତ...

**ନୂଆଦିଲ୍ଲୀ:** ଦିଲ୍ଲୀର ଓଖଲା ଫେଜ୍ -୧ରେ ବୁଧବାର ଏକ କମ୍ୟୁନିଟି ହଲ୍ ନିକଟରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ହେବା ଫଳରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ଆହତମାନଙ୍କୁ କ୍ୟାଟ୍ସ ଆମ୍ବୁଲାନ୍ସ ଦ୍ୱାରା ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ଏହି ଘଟଣା ଦିନ ୧୧ଟା ୫୫ ମିନିଟରେ ରିପୋର୍ଟ କରାଯାଇଥିଲା ଯେ, ତୁରନ୍ତ ତିନିଟି ଜଳ ଟେଣ୍ଡର ଓ ମଲ୍ଟି-କାଜୁଆଲିଟି ଯାନ ଘଟଣାସ୍ଥଳକୁ ପଠାଯାଇଥିଲା। ପୁଲିସ ଓ ଉଦ୍ଧାରକାରୀ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକ ଜୟପୁରର ବାସିନ୍ଦା ମୋହିତ ସିଂହ (୩୫) ବୋଲି ଜଣାପଡ଼ିଛି।

## ୨୨ ବିଧାୟକ ସସ୍ପେଣ୍ଡ

**ହାଇଦ୍ରାବାଦ :** ଭାରତୀୟ ରାଷ୍ଟ୍ର ସମିତ ବା ବିଆରଏସର ୨୨ ଜଣ ବିଧାୟକ ନିଲମ୍ବିତ। ଏମାନଙ୍କ ମଧ୍ୟରେ ଅଛନ୍ତି ଦଳର କାର୍ଯ୍ୟକାରୀ ସଭାପତି କେଟି ରାମା ରାଓ। ତେଲଙ୍ଗାନାରେ ବିରୋଧୀ ଦଳ ଭାବେ କାର୍ଯ୍ୟ କରୁଥିବା ବିଧାୟକମାନେ ବୁଧବାର ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ।ସେମାନେ ଗୃହର ମଧ୍ୟ ଭାଗକୁ ଆସି ବିଧାନସଭା କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଏଥିପାଇଁ ରାମା ରାଓଙ୍କ ସମେତ ୨୨ ଜଣ ବିଧାୟକଙ୍କୁ ବିଧାନସଭାର ଚଳିତ ମୌସୁମୀ ଅଧିବେଶନରୁ ସଂପୂର୍ଣ୍ଣ ଭାବେ ନିଲମ୍ବନ କରାଯାଇଛି। ବିଧାନସଭାରେ ତେଲଙ୍ଗାନାର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ତତ୍କାଳ ଆଲୋଚନା କରିବାକୁ ବିଆରଏସ୍ ପକ୍ଷରୁ ଦାବି କରାଯାଇଥିଲା।

## ହର୍ମୁଜରେ ଆମେରିକା ବୁଡ଼ାଜାହାଜକୁ ସିଜ୍ କଲା ଇରାନ

**ତେହେରାନ:** ଷ୍ଟ୍ରେଟ ଅଫ ହର୍ମୁଜକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଏବେ ଆହୁରି ତୀବ୍ର ହୋଇଛି। ଇରାନର ନୌସେନେ ଆଜି ଆମେରିକା ସେନାର ସବୁଠାରୁ ଅତ୍ୟାଧୁନିକ, ସ୍ମାର୍ଟ ଓ ମାନବବିହୀନ ବୁଡ଼ାଜାହାଜକୁ ହର୍ମୁଜର ପ୍ରବେଶ ପଥରେ କବଜା କରି ନେଇଥିବା ଦାବି କରିଛି। ଆମେରିକା ବୁଡ଼ାଜାହାଜକୁ କ୍ୟାପଚର କରିବା ବେଳର ଭିଡିଓ ମଧ୍ୟ ପ୍ରମାଣ ସ୍ୱରପ ସାର୍ବଜନୀନ କରିଛି ଇରାନ। ଇସଲାମିକ ରିଭ୍ୟୁଲେସନାରୀ ଗାର୍ଡ କ୍ରପ୍ସ(ଆଇଆରଜିସି)ର ନ୍ୟୁଜ ଏଜେନ୍ସି କହିଛି ଯେ ଇରାନୀୟ ନୌସେନା ମାନବବିହୀନ ଅଣ୍ଡର ୱାଟର ଭେଇକିଲ ଡିଭ ଏଲଡିକୁ ଗୋଟିଏ ଗୁଇନ୍ଦା ଅପରେସନ ମାଧ୍ୟମରେ କବଜାକୁ ନେଇଛି। ଧରାପଡ଼ିଥିବା ଆମେରିକା ବୁଡ଼ାଜାହାଜଟି ବିଶ୍ୱର ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜିତ ହୋଇ ରହିଥିଲା। ତଥାପି ଏହାକୁ ଇରାନୀୟ ନୌସେନା ନିଜ ନିୟନ୍ତ୍ରଣକୁ ନେବାକୁ ସକ୍ଷମ ହୋଇଥିବା ଏଥିରେ କୁହାଯାଇଛି। ଆଇଆରଜିସି ଗୋଟିଏ ସ୍ୱତନ୍ତ୍ର ବିବୃତିରେ ଆହୁରି କହିଛି ଯେ ଇରାନର ଏୟାର ଡିଫେନ୍ସ ସିଷ୍ଟମ ଷ୍ଟ୍ରେଟ ଅଫ ହର୍ମୁଜ ଉପରେ ଏମକ୍ୟୁ-୯ ରିପର ଡ୍ରୋନକୁ ମଧ୍ୟ ଖସାଇ ଦେଇଛି। ଆଇଆରଜିସିର ଏପରି ବୁଡ଼ାଜାହାଜ ସିଜ ବୟାନ ପରେ ଆମେରିକା ସେନା ପକ୍ଷରୁ ପ୍ରତିକ୍ରିୟା ଦିଆଯାଇଛି। ଆମେରିକା ସେନା କହିଛି ଯେ ଦେଶର




ଗୋଟିଏ ଅଣ୍ଡରୱାଟର ଡ୍ରୋନ ଗୋଟିଏ ଦିନ ପୂର୍ବେ ସର୍ଭେଲାନ୍ସ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା। ହେଲେ ଏହି ଡ୍ରୋନକୁ ଇରାନ ନିର୍ଦ୍ଦିଷ୍ଟ ଭାବେ ସିଜ କରିଛି କି ନାହିଁ, ସେକଥା ଆମେରିକା କହିନାହିଁ। ପେଣ୍ଟାଗନର ଜଣେ ମୁଖପାତ୍ର କହିଛନ୍ତି, "ଜାରି ରହିଥିବା ଅପରେସନରେ ସହାୟତା କରିବାକୁ ଅଣ୍ଡରୱାଟର ଡ୍ରୋନ ଆଞ୍ଚଳିକ ଜଳସୀମାରେ ସର୍ଭେ କରୁଥିଲା। ତ୍ରୁଟିପୂର୍ଣ୍ଣ ଡ୍ରୋନ୍ଟି ଗୋଟିଏ ପୁରୁଣା ମଡେଲ୍ର ଥିଲା। ଏହା କୌଣସି ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରୁ ନଥିଲା। ଏଥିରେ କୌଣସି ରାଡର ଉପକରଣ ମଧ୍ୟ ନଥିଲା।"
ଇରାନ ସହ ଯୁଦ୍ଧ ହେବା ଦିନ ଠାରୁ ଆମେରିକା ମାନବବିହୀନ ନୌସେନା ବ୍ୟବସ୍ଥାରେ ବିପୁଳ ଅର୍ଥ ନିବେଶ କରୁଛି। ଉଭୟ ପାଣି ତଳେ ଓ ପାଣି ଉପରେ ଚାଲୁଥିବା ମାନବବିହୀନ ଯାନକୁ ଆମେରିକା ବ୍ୟବହାର କରୁଛି।ବିଶାଳ ସମୁଦ୍ର ଅଞ୍ଚଳର ନିରୀକ୍ଷଣ, ଗୁଇନ୍ଦା ସୂଚନା ସଂଗ୍ରହ ଓ ନାବିକମାନଙ୍କୁ ବିପଦରେ ନ ପକାଇ ଶତ୍ରୁ ଜାହାଜ ଓ ବୁଡ଼ାଜାହାଜ ଉପରେ ନଜର ରଖିବା ପାଇଁ କମ୍ ଖର୍ଚ୍ଚରେ ସବୁ କିଛି କରିବା ହିଁ ଏହାର ଉଦ୍ଦେଶ୍ୟ। ବର୍ତ୍ତମାନ ଇରାନ ଦ୍ୱାରା ସିଜ୍ ହୋଇଥିବା ଡିଭ ଏଲଡି ୧୦ ଦିନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବାକୁ ସକ୍ଷମ। ଏହା ସର୍ବାଧିକ ୬,୦୦୦ ମିଟର ବା ୧୯,୭୦୦ ଫୁଟ୍ ସମୁଦ୍ରର ଗଭୀରକୁ ଯାଇ ପାରିବ। ପ୍ରତ୍ୟେକ ଡିଭ ଏଲଡି ୟୁନିଟ୍ର ମୂଲ୍ୟ ପ୍ରାୟ ୨.୫ ନିୟୁତ ଡଲାର।ଏହାପୂର୍ବରୁ ଇରାନର ୫ଟି ଅଶୋଧିତ ତୈଳ ବୋଝେଇ ଜାହାଜ ଉପରେ ଆମେରିକା ଆକ୍ରମଣ କରିଥିଲା। ଓମାନ ଉପସାଗର ଓ ଇରାନର ଖର୍ଗ ଦ୍ୱୀପ ନିକଟରେ ଆମେରିକୀୟ ସେନା ଏପରି ଆକ୍ରମଣ କରିଥିଲା।

# ଛାତ୍ରଙ୍କୁ ମାଜିଷ୍ଟ୍ରେଟଙ୍କ ନୋଟିସ ନେଇ ସିଜେଆଇ କ୍ଷୁବ୍ଧ

**ନୂଆଦିଲ୍ଲୀ:** ଗ୍ରେଟର ନୋଏଡାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି ସୁପ୍ରିମକୋର୍ଟ। କକ୍ରୋଚ ଜନତା ପାର୍ଟି(ସିଜେପି)ର ଜୁଲାଇ ବିକ୍ଷୋଭରେ ଯୋଗ ଦେଇଥିବା ଜଣେ ଛାତ୍ରଙ୍କୁ ମାଜିଷ୍ଟ୍ରେଟ ନୋଟିସ କରିବାରୁ ଏହାକୁ ସହଜରେ ଗ୍ରହଣ କରି ନାହାନ୍ତି ସର୍ବୋଚ୍ଚ ଅଦାଲତ। ସିଜେପି ବିକ୍ଷୋଭ ସହ ଜଡ଼ିତ ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ ସମସ୍ତ ଏଫଆଇଆରକୁ ସୁପ୍ରିମକୋର୍ଟ ରଦ୍ଦ କରିଥିଲେ। ପରବର୍ତ୍ତୀ ସମୟରେ କୌଣସି ଶିକ୍ଷାର୍ଥୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ କେମିତି କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ବିକ୍ଷୋଭରେ ସାମିଲ ଥିବା ଜଣେ ଆଇନ ଛାତ୍ରଙ୍କୁ ନୋଟିସ କଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଅସନ୍ତୋଷ ପ୍ରକାଶ କରି ସୁପ୍ରିମକୋର୍ଟ କହିଛନ୍ତି ଯେ "କେମିତି ମାଜିଷ୍ଟ୍ରେଟ ନୋଟିସ କରିବେ? ଦେଶର



କୌଣସି ସ୍ଥାନରେ ଶିକ୍ଷାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଆମେ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଜାରି କରିଥିଲୁ। ନୋଟିସ କରିବାକୁ କେମିତି ଜଣେ ମାଜିଷ୍ଟ୍ରେଟ ସାହାସ ଦେଖାଇଲେ?" ସେପ୍ଟେମ୍ବର ୧ରେ ସୁପ୍ରିମକୋର୍ଟ ସମ୍ବିଧାନର ଧାରା ୧୪୨ରେ ଥିବା ସ୍ୱତନ୍ତ୍ର କ୍ଷମତାକୁ ବ୍ୟବହାର କରି ସିଜେପି ବିକ୍ଷୋଭ ସହ ଜଡ଼ିତ ଶିକ୍ଷାର୍ଥୀଙ୍କ ବିରୋଧରେ ରୁଜୁ ସମସ୍ତ ଏଫଆଇଆରକୁ ରଦ୍ଦ କରିଥିଲେ।ଜୁଲାଇ ୨୦ରୁ ୨୫ ମଧ୍ୟରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ରୁଜୁ ଏଫଆଇଆରକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ସେହିପରି ଭବିଷ୍ୟତରେ ଆନ୍ଦୋଳନ ସହ ଜଡ଼ିତ ପିଲାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସ୍ପଷ୍ଟ ଭାବେ କହିଥିଲେ ସର୍ବୋଚ୍ଚ ଅଦାଲତ। ତଥାପି ଗ୍ରେଟର ନୋଏଡାର ମାଜିଷ୍ଟ୍ରେଟ ଜଣେ ଛାତ୍ରଙ୍କୁ ନୋଟିସ କରିଥିଲେ। ଏହି ପ୍ରସଙ୍ଗ ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଭଟ୍ଟାଚାର୍ଯ୍ୟ ଆଜି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଶୁଣି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି ଯେ ସେପ୍ଟେମ୍ବର ୪ରେ ଛାତ୍ରଙ୍କୁ ଜାରି ହୋଇଥିବା ନୋଟିସ ସମ୍ପର୍କରେ ଏବେ ଗୌତମ ବୁଦ୍ଧ ନଗର ଜିଲ୍ଲା ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସ୍ପଷ୍ଟୀକରଣ ଦିଅନ୍ତୁ। ଆମେ ତାଙ୍କ ସଫେଇ ଶୁଣିବାକୁ ଚାହୁଁଛୁ ବୋଲି ସେ କହିଛନ୍ତି। ସେପ୍ଟେମ୍ବର ୪ରେ ଗୌତମ ବୁଦ୍ଧ ବିଶ୍ୱ ବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ର ଅକ୍ଷତ ତ୍ରିପାଠୀଙ୍କୁ ନୋଟିସ କରାଯାଇଥିଲା। ସିଜେପିର ଦିଲ୍ଲୀ ବିକ୍ଷୋଭରେ ସେ ଯୋଗ ଦେଇଥିବାରୁ ତାଙ୍କୁ ୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ବଣ୍ଡ ଦାଖଲ କରିବାକୁ କୁହାଯାଥିଲା।ହେଲେ ଏହାକୁ ପରଦିନ ପ୍ରତ୍ୟାହାର କରି ନିଆଯାଇଥିଲା ବୋଲି କୋର୍ଟଙ୍କୁ ଆଜି ଅବଗତ କରାଯାଇଛି। ନୋଟିସରେ ଦାବି କରାଯାଇଥିଲା ଯେ ଅକ୍ଷତ ତ୍ରିପାଠୀ ସରକାରୀ ବିରୋଧୀ ତଥ୍ୟର ପ୍ରଚାର କରୁଛନ୍ତି ଓ ଯନ୍ତରମନ୍ତରରେ ସିଜେପି ବିକ୍ଷୋଭରେ ଶିକ୍ଷାର୍ଥୀଙ୍କୁ ସାମିଲ ହେବାକୁ ଉସକାଉଛନ୍ତି। ଏପରି ନୋଟିସକୁ ବିରୋଧ କରି ଆଇନଜୀବୀ ଭଟ୍ଟଚାର୍ଯ୍ୟ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏଥିସହ ଭବିଷ୍ୟତରେ ଯେମିତି ଏହାର ପୁନରାବୃତ୍ତି ନ ହେବ, ତା'କୁ ନିଶ୍ଚିତ କରିବାକୁ ଦାବି କରିଥିଲେ। ଭଟ୍ଟାଚାର୍ଯ୍ୟଙ୍କ ଠାରୁ ନୋଟିସ ସମ୍ପର୍କରେ ଶୁଣି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଚକିତ ହୋଇଥିଲେ।

## ଦିଲ୍ଲୀରେ ପିଜି ନିୟମ କଡ଼ାକଡ଼ି: ଭଡ଼ା ଓ ଜମା ଟଙ୍କାରେ ଲାଗିବ ଅଙ୍କୁଶ

**ନୂଆଦିଲ୍ଲୀ:** ଦକ୍ଷିଣ ଦିଲ୍ଲୀର ସତ୍ୟ ନିକେତନରେ ୫ ମହଲା ପିଜି କୋଠା ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ଘଟିବା ପରେ ଦିଲ୍ଲୀ ସରକାରପେଇଂ ଗେଷ୍ଟ (ପିଜି) ବ୍ୟବସ୍ଥାକୁ ନିୟମିତ କରିବାକୁ ନୂଆ ଆଇନ ଆଣିବାକୁ ପ୍ରସ୍ତୁତ ହେଉଛନ୍ତି। 'ପେଇଂ ଗେଷ୍ଟ ଆକମୋଡେସନ୍ ରେଗୁଲେସନ୍ ଆଣ୍ଡ ୱେଲଫେୟାର ବିଲ୍' ନାମରେ ପ୍ରସ୍ତାବିତ ଏହି ଆଇନରେ ପିଜିର ପଞ୍ଜୀକରଣ, ଲାଇସେନ୍ସ, ଭଡ଼ା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ନିୟମ ରହିବ। ମୁଖର୍ଜୀ ନଗର, ଲକ୍ଷ୍ମୀ ନଗର, ରାଜେନ୍ଦ୍ର ନଗର ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନର୍ଥ କ୍ୟାମ୍ପସ୍ ଭଳି ଛାତ୍ରବହୁଳ ଅଞ୍ଚଳର ପିଜିଗୁଡ଼ିକ ମଧ୍ୟ ଏହା ଅଧୀନକୁ ଆସିବ।ପ୍ରସ୍ତାବ ଅନୁସାରେ, ଦିଲ୍ଲୀର ପ୍ରତ୍ୟେକ ପିଜିକୁ ୯୦ ଦିନ ମଧ୍ୟରେ ଜୋନାଲ୍ କର୍ତ୍ତୃପକ୍ଷଙ୍କଠାରୁ ଲାଇସେନ୍ସ ନେବାକୁ ପଡ଼ିବ। ଏଥିପାଇଁ ପୁଲିସ, ନଗର ନିଗମ ଓ ସ୍ଥାନୀୟ ପ୍ରଶାସନର ଅନୁମତି ଏବଂ କୋଠାର ଗଠନମୂଳକ ଓ ଅଗ୍ନି ନିରାପତ୍ତା ସମ୍ପର୍କିତ ଏନ୍ଓସି ଆବଶ୍ୟକ ହେବ। ପଞ୍ଜୀକୃତ ପ୍ରତ୍ୟେକ ପିଜିକୁ ଏକ ସ୍ୱତନ୍ତ୍ର ପେଇଂ ଗେଷ୍ଟ ରେଜିଷ୍ଟ୍ରେସନ୍ ନମ୍ବର ମିଳିବ। ଏହାର ସମସ୍ତ ତଥ୍ୟ ଏକ ଡିଜିଟାଲ୍ ପୋର୍ଟାଲରେ ଉପଲବ୍ଧ ହେବ। ପିଜି ମାଲିକଙ୍କ ମନଇଚ୍ଛା ଭଡ଼ା ଆଦାୟ ରୋକିବା ପାଇଁ ଅଞ୍ଚଳ ଅନୁସାରେ ଭଡ଼ା ନିର୍ଦ୍ଧାରଣ ପାଇଁ ଏକ ରେଣ୍ଟ୍ ରେଗୁଲେସନ୍ କମିଟି ଗଠନର ପ୍ରସ୍ତାବ ରହିଛି। ମାଲିକ ଭଡ଼ାଟିଆଙ୍କଠାରୁ ୩ ମାସରୁ ଅଧିକ ଭଡ଼ା ମୂଲ୍ୟ ସୁରକ୍ଷା ଜମା ଆକାରରେ ନେଇପାରିବେ ନାହିଁ। ଆଗୁଆ ଭଡ଼ା ମଧ୍ୟ ୩ ମାସରୁ ଅଧିକ ନେବା ଉପରେ ରୋକ ଲାଗିବ। ପିଜି ଛାଡ଼ିବାକୁ ଚାହୁଁଥିବା ଛାତ୍ରଙ୍କୁ ୩୦ ଦିନର ନୋଟିସ୍ ଦେବାକୁ ପଡ଼ିବ। ଜାତି, ଧର୍ମ, ଲିଙ୍ଗ କିମ୍ବା ରାଜ୍ୟ ଆଧାରରେ ଭିନ୍ନ ଭଡ଼ା ନେଇହେବ ନାହିଁ। ସୁରକ୍ଷା ପାଇଁ ସମସ୍ତ ପିଜିର ପ୍ରବେଶପଥ ଓ ସାଧାରଣ ସ୍ଥାନରେ ସିସିଟିଭି ଲଗାଇବା ଏବଂ ଏହାର ରେକର୍ଡ ୩୦ ଦିନ ରଖିବା ବାଧ୍ୟତାମୂଳକ ହେବ। ୧୫ରୁ ଅଧିକ ଛାତ୍ର ରହୁଥିବା ପିଜିରେ ରାତିରେ ସୁରକ୍ଷାକର୍ମୀ ରହିବେ। ୱାର୍ଡେନ୍ ମଧ୍ୟ ନିଯୁକ୍ତ ହେବେ ଏବଂ ସେ ପିଜିଠାରୁ ୫୦୦ ମିଟର ଦୂରତା ମଧ୍ୟରେ ଉପଲବ୍ଧ ରହିବାକୁ ପଡ଼ିବ। ଛାତ୍ରମାନେ ପୋର୍ଟାଲ ମାଧ୍ୟମରେ ନିଜ ପରିଚୟ ଗୋପନ ରଖି ଅଭିଯୋଗ ମଧ୍ୟ କରିପାରିବେ। ଦିଲ୍ଲୀ ସହରରେ ଏବେ ପ୍ରାୟ ୨ ଲକ୍ଷ ପିଜି ରହିଥିବା ଏବଂ ଅନେକ ଏପର୍ଯ୍ୟନ୍ତ ସରକାରୀ ଭାବେ ପଞ୍ଜୀକୃତ ହୋଇନଥିବା ଆକଳନ କରାଯାଇଛି। ଦିଲ୍ଲୀ ସହର ଉନ୍ନୟନମନ୍ତ୍ରୀ ଆଶିଷ ସୁଦ୍ଙ୍କ ନେତୃତ୍ୱରେ ଏହି ଆଇନର ଖସଡ଼ା ପ୍ରସ୍ତୁତ ହେଉଛି।

## ଏନସିଏସସି ଅଧ୍ୟକ୍ଷଙ୍କୁ ଅବଦୁଲ କଲାମ ଜନ ସେବା ପୁରସ୍କାର



**ନୂଆଦିଲ୍ଲୀ:** ଜାତୀୟ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷ କିଶୋର ମାକୱାନାଙ୍କୁ "ଡକ୍ଟର ଏପିଜେ ଅବଦୁଲ କଲାମ ଜନ ସେବା ପୁରସ୍କାର 2026" ପ୍ରଦାନ କରାଯାଇଛି। ଜାତୀୟ ଅନୁସୂଚିତ ଜାତି ଆୟୋଗ (ଏନସିଏସସି) ପ୍ରତି ଉତ୍ସର୍ଗୀକୃତ ସେବା ପାଇଁ ତାଙ୍କୁ ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍ ଏବଂ ସଂସଦ ରତ୍ନ ପୁରସ୍କାର କମିଟି ଦ୍ୱାରା ମନୋନୀତ କରାଯାଇଥିଲା। ଆୟୋଗର ଅଧ୍ୟକ୍ଷ କିଶୋର ମାକୱାନାଙ୍କ ନେତୃତ୍ୱରେ, ଜାତୀୟ ଅନୁସୂଚିତ ଜାତି ଆୟୋଗ ଏକ ପ୍ରଭାବଶାଳୀ ଅନୁଷ୍ଠାନରେ ପରିଣତ ହୋଇଛି। ଅନୁସୂଚିତ ଜାତିର ଲୋକଙ୍କ ପାଇଁ ନ୍ୟାୟ, ଅଧିକାର, ମର୍ଯ୍ୟାଦା ଏବଂ ସାମାଜିକ ନ୍ୟାୟ ସୁନିଶ୍ଚିତ କରିବାରେ କମିଶନ ସକ୍ରିୟ ଭୂମିକା ଗ୍ରହଣ କରିଛି।

# ଲାଓସରେ ହାତୀଙ୍କ ଚିକିତ୍ସା ପାଇଁ ହାତ ବଢ଼ାଇଲା ବନତାରା



**ଲୁଆଙ୍ଗ:** ଲାଓସରେ ଅସୁସ୍ଥ ଏବଂ ଆହତ ହାତୀମାନଙ୍କୁ ଚିକିତ୍ସା କରିବା ପାଇଁ ବନତାରା ପକ୍ଷରୁ ମାଣ୍ଡଲାଓ ହାତୀ ସଂରକ୍ଷଣ ସହିତ ମିଳିତ ଭାବରେ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପଦକ୍ଷେପ ଅଧୀନରେ, ହାତୀମାନଙ୍କ ପାଇଁ ଏକ ରାପିଡ୍ ରେସପନ୍ସ ଦଳ ଗଠନ କରାଯାଇଛି ଏବଂ ବନତାରା ଏକ ସମ୍ପୂର୍ଣ୍ଣ ପ୍ରସ୍ତୁତ ଭ୍ରାମ୍ୟମାଣ ପଶୁ ଚିକିତ୍ସା ୟୁନିଟ୍ ଉପଲବ୍ଧ କରାଇଛି। ଗୁରୁତର ଏବଂ ଦୀର୍ଘକାଳୀନ ଚିକିତ୍ସା ଆବଶ୍ୟକ କରୁଥିବା ହାତୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରଖାନା ମଧ୍ୟ ନିର୍ମାଣ କରାଯିବ। ବର୍ତ୍ତମାନ, ଲାଓସରେ ପ୍ରାୟ ୪୦୦ ଜଙ୍ଗଲୀ ହାତୀ ଏବଂ ୪୦୦ ରୁ ଅଧିକ ପାଳିତ ହାତୀ ରହିଛନ୍ତି। ଉଭୟଙ୍କ ସଂଖ୍ୟା ଲଗାତାର ଭାବରେ ହ୍ରାସ ପାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଉଭୟ ଜଙ୍ଗଲୀ ଓ ପାଳିତ ହାତୀଙ୍କ ଚିକିତ୍ସା ଏବଂ ସଂରକ୍ଷଣ ଉପରେ କାର୍ଯ୍ୟ କରାଯିବ।ଏକ ଅବସରରେ ମେ ଖାମନୋୟ ନାମକ ଏକ ୪୩ ବର୍ଷୀୟା ମାଇ ହାତୀକୁ ମଧ୍ୟ ଉଦ୍ଧାର କରାଯାଇଛି। ବର୍ଷ ବର୍ଷ ଧରି କାଠ ପରିବହନ ଏବଂ ପରେ ପର୍ଯ୍ୟଟକଙ୍କ ପାଇଁ ନିୟୋଜିତ ହେବା ପରେ, ଏହାକୁ ଏବେ ମାଣ୍ଡଲାଓରେ ଯତ୍ନ, ଚିକିତ୍ସା ଏବଂ ଏକ ସୁରକ୍ଷିତ ଜୀବନ ମିଳିବ।

## ଏସିଆନ୍ ଗେମ୍ସକୁ ଆଉ ୯ ଦିନ

# ଇତିହାସ ଅପେକ୍ଷାରେ ଭାରତ

ଭୁବନେଶ୍ୱର(**ଶକ୍ତି ପ୍ରକାଶ ନନ୍ଦ**): ଆଉ ମାତ୍ର ୯ ଦିନ। ଅପେକ୍ଷାର ଅନ୍ତ ଘଟିବ, ଜାପାନର ଆଇଚି-ନାଗୋୟାରେ ଆରମ୍ଭ ହେବ ଏସିଆର ସବୁଠୁ ବଡ଼ କ୍ରୀଡ଼ା ମହାକୁମ୍ଭ। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଚାଲିବ ୨୦ତମ ଏସିଆନ୍ ଗେମ୍ସ। ଏବେ ସମଗ୍ର ଏସିଆର ନଜର ଜାପାନ ଉପରେ, ଆଉ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ନଜର ରହିଛି ନିଜ ଦଳର ପଦକ ଅଭିଯାନ ଉପରେ।

ଏଥର ଭାରତୀୟ ଦଳ ପାଇଁ ଲକ୍ଷ୍ୟ କେବଳ ଅଂଶଗ୍ରହଣ ନୁହେଁ—ପଦକ ସଂଖ୍ୟା ବଢ଼ାଇବା ଏବଂ ଅନେକ କ୍ରୀଡ଼ାରେ ନୂଆ ମାଇକଲୋନ ଛୁଇଁବା। ସରକାରୀ ଅନୁମୋଦନ ଅନୁଯାୟୀ ଭାରତ ୩୫ଟି କ୍ରୀଡ଼ାରେ ୫୦୨ ଜଣ ଆଥଲେଟଙ୍କୁ ନେଇ ଅଭିଯାନରେ ଓହ୍ଲାଇବ। ଆଥଲେଟିକ୍ସରେ ସର୍ବାଧିକ ୭୩ ଜଣ ଖେଳାଳି ଥିବାବେଳେ ହକିରେ ୪୦, ଶୁଟିଂ ଓ କ୍ରିକେଟରେ ୩୦ ଜଣ ଲେଖାଏଁ ଖେଳାଳି ରହିଛନ୍ତି।

### ପଦକ ଆଶାର ବଡ଼ ତାଲିକା

ଭାରତ ପାଇଁ ଆଥଲେଟିକ୍ସ, ଶୁଟିଂ, ହକି, କ୍ରିକେଟ୍, କୁସ୍ତି, ବ୍ୟାଡମିଣ୍ଟନ୍, ଭାରୋତ୍ତୋଳନ, ଆର୍ଚେରୀ, କବାଡ଼ି ଓ ଟେବୁଲ୍ ଟେନିସ୍ ଭଳି ବିଭାଗରେ ପଦକ ଆଶା ରହିଛି। ଏହା ସହ ଏଥର ନୂଆ କ୍ରୀଡ଼ା ଓ ଇଭେଣ୍ଟରେ ମଧ୍ୟ ଭାରତୀୟ ଖେଳାଳିଙ୍କ ଉପରେ ନଜର ରହିବ। ମିକ୍ସଡ୍ ମାର୍ସିଆଲ୍ ଆର୍ଟ୍ସ, ଇ-ସ୍ପୋର୍ଟସ୍, ଟେକ୍ୱାଲ୍ ଓ ସର୍ଫିଂ ଭଳି ବିଭାଗ ଭାରତର ପଦକ ଦାବିକୁ ଆହୁରି ବ୍ୟାପକ କରିଛି।

### ହକିରେ ସୁନା ଲକ୍ଷ୍ୟ

ଭାରତୀୟ ହକି ପାଇଁ ଆଇଚି-ନାଗୋୟା ଅଭିଯାନ ବିଶେଷ ଗୁରୁତ୍ୱ ବହନ କରୁଛି। ପୁରୁଷ ଓ ମହିଳା ଦଳର ଲକ୍ଷ୍ୟ ରହିବ ପୋଡିୟମରେ ଶୀର୍ଷରେ ପହଞ୍ଚିବା। ବିଶେଷକରି ମହିଳା ଦଳ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆହୁରି ମହତ୍ୱପୂର୍ଣ୍ଣ, କାରଣ ସ୍ୱର୍ଣ୍ଣ ଜିତିଲେ ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାର ରାସ୍ତା ଖୋଲିବ। ଅଧିନାୟକ ସଲିମା ଟେଟେଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଏହି ଲକ୍ଷ୍ୟ ନେଇ ଜାପାନ ଯାଇଛି।

### କବାଡ଼ିରେ ରାଜ ଜାରି ରଖିବାର ଚ୍ୟାଲେଞ୍ଜ

କବାଡ଼ିରେ ମଧ୍ୟ ଭାରତ ନିଜର ଦାଦାଗିରି ଜାରି ରଖିବାକୁ ଚାହିଁବ। ପୁରୁଷ ଓ ମହିଳା—ଦୁଇ ଦଳ ହିଁ ପୂର୍ବ ସଫଳତାକୁ ଦୋହରାଇ ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟରେ




ରହିବେ। ଏଥର ମୁକାବିଲା ଆହୁରି କଠିନ ହେବାର ଆଶା ରହିଛି। କବାଡ଼ି ପ୍ରତିଯୋଗିତା ସେପ୍ଟେମ୍ବର ୨୧ରୁ ୨୬ ପର୍ଯ୍ୟନ୍ତ ଚାଲିବ।

### ନୂଆ ପିଢ଼ି, ନୂଆ ଆଶା

ଆଇଚି-ନାଗୋୟା ଗେମ୍ସର ଆଉ ଏକ ବିଶେଷତା ହେଉଛି ଯୁବ ପ୍ରତିଭାଙ୍କ ଉପରେ ଗୁରୁତ୍ୱ। ଅନେକ ଯୁବ ଖେଳାଳି ପ୍ରଥମଥର ପାଇଁ ଏସିଆନ୍ ଗେମ୍ସର ମଞ୍ଚରେ ପାଦ ରଖିବେ। ଏମାନଙ୍କ ପାଇଁ ଏହା କେବଳ ପଦକ ଜିତିବାର ସୁଯୋଗ ନୁହେଁ, ବରଂ ଅଲିମ୍ପିକ୍ ଭଳି ବଡ଼ ମଞ୍ଚ ପାଇଁ ନିଜକୁ ପ୍ରସ୍ତୁତ କରିବାର ଏକ ମହତ୍ୱପୂର୍ଣ୍ଣ ପର୍ଯ୍ୟାୟ।

ଏହାର ଉଦାହରଣ ଭାରତୀୟ ଶୁଟର୍ ବିଦର୍ଶା କେ. ବିନୋଦଙ୍କ କାହାଣୀ। ୨୦୧୮ ରେ କଲେଜ୍ ଏନ୍ସିସି ଟ୍ରାଏଲ୍ରେ କେବଳ ରାଇଫଲ୍ ଧରିବାର ଅନୁଭବ ପାଇଁ ଯୋଗ ଦେଇଥିବା ବିନୋଦ ଆଜି ଭାରତୀୟ ଏସିଆନ୍ ଗେମ୍ସ ଦଳର ସଦସ୍ୟ। ବ୍ୟକ୍ତିଗତ ଉପକରଣର ଅଭାବ, ଆର୍ଥିକ ସମସ୍ୟା ଓ ଧାର କରି ଉପକରଣ ବ୍ୟବହାର କରିବାର କଷ୍ଟକୁ ପଛରେ ପକାଇ ସେ ଏହି ସ୍ଥାନରେ ପହଞ୍ଚିଛନ୍ତି।

### ଜାପାନରେ ଅଲଗା ଆୟୋଜନ

ଆଇଚି-ନାଗୋୟା ଏସିଆନ୍ ଗେମ୍ସର ଆୟୋଜନ ଶୈଳୀ ମଧ୍ୟ ଭିନ୍ନ। ପାରମ୍ପରିକ ଏକକ ଆଥଲେଟ୍ ଭିଲେଜ୍ ବଦଳରେ ଖେଳାଳିମାନଙ୍କ ପାଇଁ ହୋଟେଲ୍, କ୍ରୁଜ ଜାହାଜ ଏବଂ ଅସ୍ଥାୟୀ କଣ୍ଟେନର୍ ଶୈଳୀର ଆବାସ ବ୍ୟବସ୍ଥା କରାଯାଇଛି। ଭାରତୀୟ ଆଥଲେଟ୍ମାନେ ଏଭଳି ପରିବେଶରେ ଅଭ୍ୟସ୍ତ ହେବା ପାଇଁ ବେଙ୍ଗାଲୁରୁରେ ମଧ୍ୟ ସମାନ ଧରଣର କଣ୍ଟେନର୍ ୟୁନିଟ୍ ତିଆରି କରାଯାଇଥିଲା।

ତେବେ ଗେମ୍ସ ଆରମ୍ଭ ପୂର୍ବରୁ ନାଗୋୟାରେ ପ୍ରବଳ ବର୍ଷା ଓ ବନ୍ୟା ଚିନ୍ତା ସୃଷ୍ଟି କରିଥିଲା। ପ୍ରାୟ ୪୦୦ ଆଥଲେଟ୍ ଓ ଅଧିକାରୀଙ୍କୁ ସାମୟିକ ଭାବେ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ନାଗୋୟା ମେୟର୍ ନିଶ୍ଚିତ କରିଛନ୍ତି ଯେ ଏହି ପରିସ୍ଥିତି ଗେମ୍ସର ଉଦ୍ଘାଟନକୁ ପ୍ରଭାବିତ କରିବ ନାହିଁ। ସେପ୍ଟେମ୍ବର ୧୯ ରେ ଗେମ୍ସ ନିର୍ଦ୍ଧାରିତ ସମୟରେ ଆରମ୍ଭ ହେବ।

### ଆଉ ୯ ଦିନ... ତା'ପରେ ଇତିହାସର ପାଳି

ଆଉ ମାତ୍ର ୯ ଦିନ। ତା'ପରେ ଆରମ୍ଭ ହେବ ଏସିଆର କ୍ରୀଡ଼ା ମହାକୁମ୍ଭ। ନାଗୋୟାର ମାଟିରେ ଯେତେବେଳେ ହଜାର ହଜାର ଆଥଲେଟ୍ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ଲଢ଼ିବେ, ସେତେବେଳେ ପ୍ରତ୍ୟେକ ଭାରତୀୟ ଖେଳାଳିଙ୍କ ପଛରେ ଥିବ ଦେଶର ୧୪୦ କୋଟି



ଆଶା। କାହାର ଆଖିରେ ଥିବ ପ୍ରଥମ ପଦକର ସ୍ୱପ୍ନ, କାହାର ଲକ୍ଷ୍ୟ ଥିବ ସ୍ୱର୍ଣ୍ଣ ପଦକକୁ ରକ୍ଷା କରିବା। ଆଉ କେହି ଚାହିଁବେ ନିଜ ନାମ ସହ ଦେଶର ନାମକୁ ଇତିହାସର ପୃଷ୍ଠାରେ ଲେଖିବାକୁ। ଏହା କେବଳ ପଦକ ପାଇଁ ଲଢ଼େଇ ନୁହେଁ; ଏହା ଗୌରବ, ସ୍ୱପ୍ନ ଓ ତ୍ରିରଙ୍ଗା ପାଇଁ ଲଢ଼େଇ। ଅଭ୍ୟାସର ଅସଂଖ୍ୟ ଘଣ୍ଟା, ଆଘାତର ବେଦନା, ପରାଜୟର ଯନ୍ତ୍ରଣା ଓ ପୁଣି ଫେରିବାର ଜିଦ୍—ସବୁକିଛିର ପରୀକ୍ଷା ହେବ ଜାପାନରେ। ଆଉ ୯ ଦିନ ପରେ ଆରମ୍ଭ ହେବ ଏହି ମହାଲଢ଼େଇ। ଲକ୍ଷ୍ୟ ଗୋଟିଏ—ପୋଡିୟମର ଶୀର୍ଷରେ ତ୍ରିରଙ୍ଗା।

---

## ଦୁଲୀପ ଟ୍ରଫି

# ଦୃଢ଼ ସ୍ଥିତିରେ ପୂର୍ବାଞ୍ଚଳ

ଚେନ୍ନାଇ, ୯।୯ (ଏଜେନ୍ସି): ଦୁଲୀପ ଟ୍ରଫିରେ ପୂର୍ବାଞ୍ଚଳ ନିଜର ଦଖଲ ଜାହିର କରିଛି। ପ୍ରଥମ ପାଳିରେ ଦଳ ୭୦୮ ରନ କରିଥିବା ବେଳେ ଦକ୍ଷିଣାଞ୍ଚଳ ୩୩୬ ରନ୍ କରି ଅଲଆଉଟ୍ ହୋଇଥିଲା। ପୁଣି ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ପୂର୍ବାଞ୍ଚଳ ଚତୁର୍ଥ ଦିବସ ଷ୍ଟମ୍ପଅପସାରଣ ସୁଧା ୫୧ ଓଭରରେ ୫ ୱିକେଟ୍ ହରାଇ ୨୧୨ ରନ କରିଛି। କୁମାର କୁସଗ୍ର ୩୪ ଓ ମହମ୍ମଦ କୌନାନୀ ୨୬ ରନ କରି ଅପରାଜିତ ଅଛନ୍ତି। ଶିଖର ମୋହନ ୫୨ ରନ ଏବଂ ଅଧିନାୟକ ଇଶାନ କିଷାନ ୮୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ବୈଭବ ସୂର୍ଯ୍ୟବଂଶୀ ୮, ଅଭିମନ୍ୟୁ ଈଶ୍ୱରନ ୩ ଏବଂ ସୁଦୀପ କୁମାର ଘରମଣି ୨ ରନ୍ କରି ପାଭିଲିୟନ୍ ଫେରିଥିଲେ। ପୂର୍ବାଞ୍ଚଳ ୫୮୪ ରନର ବିଶାଳ ଅର୍ଜନ କରିଛନ୍ତି। ମ୍ୟାଚର ଗୋଟିଏ ଦିନ ଖେଳ ବାକିଥିବାରୁ ଦକ୍ଷିଣାଞ୍ଚଳ ପାଇଁ ମ୍ୟାଚ ଡ୍ର' କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ତେଣୁ ପୂର୍ବାଞ୍ଚଳ ଶେଷ ଦିନ ଦକ୍ଷିଣାଞ୍ଚଳକୁ ଶୀଘ୍ର ଅଲଆଉଟ କରି ବିଜୟ ଲକ୍ଷ୍ୟରେ ରହିବ। ଏତଦ



ବ୍ୟତୀତ ପୂର୍ବାଞ୍ଚଳ ଚଳିତ ଦୁଲୀଫ ଟ୍ରଫି ଟାଇଟଲ ହାସଲ କରିବା ନିଶ୍ଚିତ କରିସାରିଛି।

ଦକ୍ଷିଣାଞ୍ଚଳ ଅସମାପ୍ତ ଇନିଂସକୁ ଆଗେଇ ନେଇଥିଲା। ତିଲକ ବର୍ମା ଏବଂ ସିଭି ମିଲିନ୍ଦ ବୃହଦ ଭାଗିଦାରୀ କରି ଦଳକୁ ଆଗେଇ ନେଇଥିଲେ। ମିଲିନ୍ଦ ଆଉଟ୍ ହେବାପରେ ଶେଷ ଆଡକୁ ଅନ୍ୟ ବ୍ୟାଟରମାନେ ସହଯୋଗ ନକରିବାରୁ ତିଲକ ମାତ୍ର ୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩୩୬ ରନରେ ଅଲଆଉଟ୍ ହୋଇଥିଲା। ୩୭୨ ରନର ଅଗ୍ରଣୀ ସତ୍ତ୍ୱେ ପୂର୍ବାଞ୍ଚଳ ଫଲୋଅନ ନଦେଇ ନିଜର ଦ୍ୱିତୀୟରେ ଇନିଂସରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଯୁବ ଓପନର ବୈଭବ ସୂର୍ଯ୍ୟବଶୀ ଓ ଅଭିମନ୍ୟୁ ଈଶ୍ୱରନ ଶୀଘ୍ର ଆଉଟ୍ ହୋଇଥିଲେ। ଆରମ୍ଭରୁ ଦୁଇ ୱିକେଟ ପଡ଼ିବା ପରେ ଅଧିନାୟକ ଈଶାନ କିଶାନ ଓ ଶୀଖର ମୋହନ ସ୍ଥିତି ସମ୍ଭାଳିଥିଲେ। ଇଶାନ ୮୦ ରନ ତଥା ମୋହନ ୫୨ ରନ୍ କରି ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଯାଇଥିଲା । ଇଶାନ ଏହି ମ୍ୟାଚର ଦୁଇଟି ଇନିଂସରେ ମୋଟ ୩୫୦ ରନ ସଂଗ୍ରହ କରିଛନ୍ତି। ଶେଷ ଭାଗରେ କୁମାର କୁସଗ୍ର ୩୪ ଓ ମହମ୍ମଦ କ୍ୱିରେସି ୨୬ ରନର ଅପରାଜିତ ଇନିଂସ ଖେଳି ଦଳର ସ୍ଥିତି ମଜଭୁତ କରିଛନ୍ତି।

---

# ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା: ଭାରତୀୟ ଏ' ଦଳରେ ପାଣ୍ଡ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଦୀର୍ଘ ମାସ ଧରି ପ୍ରତିଯୋଗିତା ମୂଳକ କ୍ରିକେଟରୁ ଦୂରେଇ ରହିଥିବା ଅଲରାଉଣ୍ଡ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ବଡ଼ ଖବର ଆସିଛି। ଅଷ୍ଟ୍ରେଲିଆ ଏ ବିପକ୍ଷ ଘରୋଇ ଶୃଙ୍ଖଳା ପାଣ୍ଡ୍ୟାଙ୍କୁ ଦେଖିବାକୁ ମିଳିବ। ବିସିସିଆଇ ପକ୍ଷରୁ ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ପାଇଁ ଭାରତୀୟ ଏ' ଦଳ ଘୋଷଣା ହୋଇଛି। ଏହି ଦ୍ୱିପାକ୍ଷିତ ଶୃଙ୍ଖଳାରେ ଦୁଇଟି ବହୁ ଦିବସୀୟ ଏବଂ ୩ଟି ଦିନିକିଆ ମ୍ୟାଚ ଖେଳାଯିବ। ସମସ୍ତ ମ୍ୟାଚ ବିସିସିଆଇ ପକ୍ଷରୁ ପୁଡୁଚେରୀରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଭାରତୀୟ ଏ ଦିନିକିଆ ଦଳରେ ହାର୍ଦ୍ଦିକଙ୍କ ନାଁ ରହିଛି। ଦଳରେ ନାଁ ଥିଲେ ମଧ୍ୟ ସେ ଚୂଡାନ୍ତ ଏକାଦଶରେ ସାମିଲ ହେବା ପୂର୍ବରୁ ନିଜର ଫିଟନେସ ପରୀକ୍ଷା ଦେବେ। ଯଦି ପାସ କରିବେ ତା'ହେଲେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ମ୍ୟାଚ ଖେଳିବେ।

ଭାରତୀୟ ଦଳ ଆସନ୍ତାବର୍ଷ ହେବାକୁଥିବା ଦିନିକିଆ ବିଶ୍ୱକପ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପାଣ୍ଡ୍ୟା ଆହତ କାରଣରୁ କ୍ରିକେଟରୁ ଦୂରେଇ ରହିଛନ୍ତି। ଏବେ ସେ ଆହତ କାରଣରୁ ମୁକୁଳିବାରୁ ଚେଷ୍ଟା କରୁଥିବା ବେଳେ ବିସିସିଆଇ ତାଙ୍କୁ ଜାତୀୟ ଦଳ ପରିବର୍ତ୍ତେ ଇଣ୍ଡିଆ ଏରେ ସାମିଲ କରିଛି। ଅଷ୍ଟ୍ରେଲିଆ ଏ ଭଳି ଦଳ ବିପକ୍ଷରେ ହାର୍ଦ୍ଦିକ କେମିତି ପ୍ରଦର୍ଶନ କରୁଛନ୍ତି ସେହି ଆଧାରରେ ତାଙ୍କୁ ବିସିସିଆଇ ନିଷ୍ପତ୍ତି ନେବ। ଏହା ତାଙ୍କ ଫିଟନେସ ଓ ମ୍ୟାଚ ପ୍ରସ୍ତୁତ କରିବାରେ ସହାୟକ ହେବ।

**ଭାରତୀୟ ଏ (ଦିନିକିଆ) ଦଳ:** ପ୍ରିୟାନ୍ସ ଆର୍ଯ୍ୟ, ସାଇ ସୁଦର୍ଶନ, ଦେବଦତ୍ତ ପଡିକାଲ, ରତୁରାଜ ଗାଏକ୍ୱାର୍ଡ, ରଜତ ପଟିଦାର, କୁମାର କୁସଗ୍ର, ନିଶାନ୍ତ ସିନ୍ଧୁ, ବିପ୍ରଯ ନିଗମ, ଅର୍ସିନ କୁଲକର୍ଣ୍ଣି, ଅର୍ସଦ ଖାନ, ନମନଧୀର, ହାର୍ଦ୍ଦିକ ପାଣ୍ଡ୍ୟା, ପ୍ରଭସିମରନ ସିଂ, ଗୁରଜପନିତ ସିଂ ଓ ଯଶ ଠାକୁର।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଡ୍ରିସ୍‌ପ୍ଲେ ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୬୯୭୮୫୩୩୧୬୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୬୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

---

# ଶ୍ରେଷ୍ଠ ସର୍ଭିସରେ ଅଲକାରାଜଙ୍କୁ ହରାଇଲେ ବେନ୍ ଶେଲଟନ୍

ନ୍ୟୁୟର୍କ, ୯।୯ (ଏଜେନ୍ସି): ଶାରୀରିକ ସମସ୍ୟା ସତ୍ତ୍ୱେ ବିଶ୍ୱର ୨ ନମ୍ବର ଖେଳାଳି ତଥା ଡିଫେଣ୍ଡିଂ ୟୁଏସ୍ ଓପନ୍ ଚାମ୍ପିଅନ୍ କାର୍ଲୋସ୍ ଅଲକାରାଜଙ୍କ ଅଭିଯାନ କ୍ୱାର୍ଟରଫାଇନାଲରେ ଶେଷ ହୋଇଛି। ଘରୋଇ ତାରକା ବେନ୍ ଶେଲଟନ୍ ଏକ ରୋମାଞ୍ଚକର ୫ ସେଟର ଲଢ଼େଇରେ ଅଲକାରାଜଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ନ୍ୟୁୟର୍କର ଆର୍ଥର ଆଶ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମାରାଥନ୍ ମ୍ୟାଚ୍ ମଧ୍ୟରାତ୍ରି ପରେ ମଧ୍ୟ ଚାଲିଥିଲା। ୮ମ ସିଡ୍ ଶେଲଟନ୍ ୪ ଘଣ୍ଟା ୨୮ ମିନିଟର ତୀବ୍ର ଲଢ଼େଇ ପରେ ଅଲକାରାଜଙ୍କୁ ୬-୭(୫), ୬-୧, ୬-୩, ୧-୬, ୬-୭(୭) ରେ ପରାସ୍ତ କରିଥିଲେ। ମ୍ୟାଚ୍ର ନିଷ୍ପତ୍ତି ଦଶ ପଏଣ୍ଟର ଟାଇବ୍ରେକ୍ରେ ହୋଇଥିଲା। ବୁଧବାର ଭୋର ୩ଟା ୩୩ ମିନିଟ୍ରେ ଶେଲଟନ୍ ବିଜୟ ନିଶ୍ଚିତ କରିଥିଲେ।

ମ୍ୟାଚ୍ ସମୟରେ ଅଲକାରାଜଙ୍କ ହାତରେ ଆଘାତର ସମସ୍ୟା ଦେଖାଦେଇଥିଲା। ଦୀର୍ଘ ସମୟ ଧରି ଚାଲିଥିବା ମୁକାବିଲାରେ ସେ ଏକ ତଉଲିଆରେ ବାନ୍ତି କରୁଥିବା ଭଳି ମଧ୍ୟ ଦେଖାଯାଇଥିଲେ। ତଥାପି ସେ ହାର ମାନିନଥିଲେ ଏବଂ ମ୍ୟାଚକୁ ନିର୍ଣ୍ଣାୟକ ପଞ୍ଚମ ସେଟ୍ ପର୍ଯ୍ୟନ୍ତ ନେଇଯାଇଥିଲେ।

---

# ନାଗୋୟାରେ ବନ୍ୟା, ଏସୀୟ କ୍ରୀଡା ଉପରେ ପଡ଼ିବନି ପ୍ରଭାବ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଏସୀୟ କ୍ରୀଡା ଆରମ୍ଭ ହେବାର ମାତ୍ର ୧୦ ଦିନ ପୂର୍ବରୁ ନାଗୋୟା ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଯୋଗୁଁ ସହରର ରାସ୍ତାଘାଟ ଓ ଘରଦ୍ୱାର ଜଳମଗ୍ନ ହୋଇପଡିଛି। ଏହି ବନ୍ୟା ସତ୍ତ୍ୱେ ଏସୀୟ କ୍ରୀଡା ନିର୍ଦ୍ଧାରିତ ସମୟ ଅନୁସାରେ ଅନୁଷ୍ଠିତ ହେବ ବୋଲି ସହରର ମେୟର ଇଚିରୋ ହୀରୋ ସାୱା କହିଛନ୍ତି। ବନ୍ୟା ଯୋଗୁଁ ଏସୀୟ କ୍ରୀଡାରେ ଭାଗ ନେବାକୁ ପହଞ୍ଚିବା ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ସପୋର୍ଟିଂ ଷ୍ଟାଫଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସହରର ବସ ଓ ମେଟ୍ରୋ ସେବା କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିବା ବେଳେ ୩,୫୦୦ ଲୋକଙ୍କୁ ଜରୁରୀକାଳୀନ ଆଶ୍ରୟସ୍ଥଳୀରେ ରଖାଯାଇଛି। ଷ୍ଟାଡିୟମର ଛାତରୁ ପାଣି ଗଳୁଥିବା ରିପୋର୍ଟ ଆସିଥିଲେ ବି କ୍ରୀଡା ଭେନ୍ୟୁ ଗୁଡିକରେ କୌଣସି ବଡ଼ ଧରଣର କ୍ଷତି ହୋଇନଥିବା ମେୟର କହିଛନ୍ତି। ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ନାଗୋୟା ଏବଂ ଆଇଚିରେ ଏସିଆନ ଗେମ୍ସ ଆୟୋଜିତ ହେବ। ଏଥର ଏସୀୟ କ୍ରୀଡା ପାଇଁ ଭାରତୀୟ କ୍ରୀଡା ମନ୍ତ୍ରଣାଳୟ ୭୬୮ ଜଣିଆ ଦଳକୁ ମଞ୍ଜୁରୀ ଦେଇଛି। ଏଥିରେ ୫୦୩ ଜଣ ଖେଳାଳି ଓ ୨୬୫ ଜଣ ସପୋର୍ଟ ଷ୍ଟାଫ ସାମିଲ ଅଛନ୍ତି। ସହଦେବ ଯାଦବ ଭାରତୀୟ ଦଳର ପ୍ରମୁଖ ଏବଂ ଡାକ୍ତର ଦିନେଶ ପାର୍ଡିୱାଲା ମୁଖ୍ୟ ମେଡିକାଲ ଅଫିସର ଭାବେ ଦାୟିତ୍ୱ ତୁଲାଇବେ। ହରମନପ୍ରୀତ କୌରଙ୍କ ଅଧିନାୟକତ୍ୱରେ ମହିଳା ଦଳ ୧୪ ତାରିଖରେ ନାଗୋୟା ପହଞ୍ଚିବ। ଦଳ ସେପ୍ଟେମ୍ବର ୧୮ ରେ ସିଧାସଳଖ କ୍ୱାର୍ଟରଫାଇନାଲରୁ ନିଜର ଅଭିଯାନ ଆରମ୍ଭ କରିବ। ଶ୍ରେୟାସ ଆୟରଙ୍କ ଅଧିନାୟକତ୍ୱରେ ପୁରୁଷ ଦଳ ୧୯ ତାରିଖରେ ଜାପାନ ଯାତ୍ରା କରିବ। ଦଳରେ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ସାମିଲ ଅଛନ୍ତି। ଖେଳାଳିଙ୍କ ରହିବା ଓ ଷ୍ଟାଡିୟମ ସୁବିଧାକୁ ନେଇ ବିସିସିଆଇ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଖେଳାଳିଙ୍କୁ ଷ୍ଟାଡିୟମ ଠାରୁ ୨୦ କିମି ଦୂରରେ ଥିବା ହୋଟେଲରେ ରଖାଯାଇଥିବା ଡ୍ରେସିଂ ରୁମ ପରିବର୍ତ୍ତେ ରଖାଯାଇଥିଲା। ଏହାପରେ ଜାପାନ କ୍ରିକେଟ ଆସୋସିଏସନର ସିଇଓ ନାଓକି ଆଲେକ୍ସ ସ୍ପଷ୍ଟୀକରଣ ଦେଇଛନ୍ତି ଯେ, ସୀମିତ ସମ୍ବଳ ମଧ୍ୟରେ ଖେଳାଳିଙ୍କ ଆରମ ପାଇଁ ଅସ୍ଥାୟୀ ଡ୍ରେସିଂ ରୁମ, ଶୌଚାଳୟ ଓ ଶ୍ରୀଲଙ୍କା କ୍ୱିରେଟରଙ୍କ ସହାଜରେ ବିଶ୍ୱସ୍ତରୀୟ ହାଇବିଡ ପିଚ ପ୍ରସ୍ତୁତ କରାଯାଇଛି।

---

# ଇମ୍ଫା କପ୍: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚାମ୍ପିଅନ

ଭୁବନେଶ୍ୱର, ୯।୯ (ସବ୍ୟୁ): ଓଡ଼ିଶା ସଚିବାଳୟ ପରିସରରେ ଆୟୋଜିତ ଅନ୍ତଃବିଭାଗୀୟ ଇମ୍ଫା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଉତ୍ସାହ, ରୋମାଞ୍ଚ ଓ କ୍ରୀଡ଼ା ପ୍ରତିଦ୍ୱନ୍ଦ୍ୱିତାର ଏକ ଅନନ୍ୟ ଦୃଶ୍ୟ ସୃଷ୍ଟି କରିଛି। ଲୋକସେବା ଭବନର ମିନି ଷ୍ଟାଡିୟମ୍ରେ ଅନୁଷ୍ଠିତ ଏହି ଫାଇନାଲ୍ରେ ଚାମ୍ପିଅନ୍ ଦଳ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ରନର୍ସ-ଅପ୍ ଦଳ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମଧ୍ୟରେ




ଜୋରଦାର ମୁକାବିଲା ହୋଇଥିଲା। ଫାଇନାଲ୍ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୬-୧ ଗୋଲ୍ ରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କୁ ପରାସ୍ତ କରି ଟାଇଟଲ୍ ହାସଲ କରିଥିଲା। ସଚିବାଳୟର ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ଏକ ମଞ୍ଚରେ ଆଣିବାରେ ଏହି ଟୁର୍ଣ୍ଣାମେଣ୍ଟର ବିଶେଷ ଭୂମିକା ରହିଛି। କାର୍ଯ୍ୟକ୍ଷେତ୍ରର ବ୍ୟସ୍ତତା ମଧ୍ୟରେ ଫୁଟବଲ୍ ଭଳି ଦଳଗତ ଖେଳ ମାଧ୍ୟମରେ ଶାରୀରିକ ସୁସ୍ଥତା, ଟିମ୍ ସ୍ପିରିଟ୍, ଭାଇଚାରା ଓ ପରସ୍ପର ସମନ୍ୱୟ ବଢ଼ାଇବା ଏହି ଆୟୋଜନର ପ୍ରମୁଖ ଉଦ୍ଦେଶ୍ୟ। ସଚିବାଳୟ କ୍ରୀଡ଼ା ପରମ୍ପରାକୁ ଆହୁରି ସୁଦୃଢ଼ କରିବା ସହିତ ଏଭଳି ପ୍ରତିଯୋଗିତା ଭବିଷ୍ୟତରେ ଅଧିକ ନିୟମିତ ଓ ବ୍ୟାପକ ଭାବେ ଆୟୋଜନ କରାଯିବ ବୋଲି କ୍ରୀଡ଼ାପ୍ରେମୀମାନେ ଆଶା ପ୍ରକାଶ କରିଛନ୍ତି। ଫାଇନାଲ୍ ମ୍ୟାଚ୍ର ରୋମାଞ୍ଚ, ଖେଳାଳିଙ୍କ ଉତ୍ସାହ ଓ ପୁରସ୍କାର ବିତରଣୀର ଆନନ୍ଦରେ ସଚିବାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା। ବିଜୟୀ ଦଳ ଟ୍ରଫି ଉଠାଇ ଉତ୍ସବ ପାଳନ କରିଥିବା ବେଳେ ରନର୍ସ-ଅପ୍ ଦଳ ମଧ୍ୟ ନିଜର ଲଢୁଆ ପ୍ରଦର୍ଶନ ପାଇଁ ପ୍ରଶଂସା ସାଉଁଟିଥିଲା। ଏହି ଫାଇନାଲ ମ୍ୟାଚରେ ଯଥାକ୍ରମେ, ଚାମ୍ପିଅନ୍ ଟ୍ରଫି: ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରନର୍ସ-ଅପ୍ ଟ୍ରଫି: ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଦ୍ୱିତୀୟ ରନର୍ସ-ଅପ୍ ଟ୍ରଫି: ଅର୍ଥ ବିଭାଗ, ଫାଇନାଲ୍ର ଶ୍ରେଷ୍ଠ ଖେଳାଳି - ଦୁଖିଆ ହେମ୍ବ୍ରମ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ -ସଙ୍କଳ୍ପ ରଥ, ବେଷ୍ଟ ଗୋଲ କିପର –ଗଗନ ବିହାରୀ ସେଠୀ, ବେଷ୍ଟ ଡିଫେଣ୍ଡର – ଜିତେନ୍ଦ୍ର ହେମ୍ବ୍ରମ, ଗୋଲଡେନ ବୁଟ୍ - ରୋସନ ସାମଦ ଏକାକୀ ୦୯ ଗୋଲ ମାରିଥିଲେ, ଇମରଜିଙ୍ଗ ପ୍ଲେୟାର - ଲାଲ ମୋହନ ମୁର୍ମୁ ପୁରସ୍କାର ପାଇଥିଲେ । ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତା(ଭାରତୀୟ ଜନତା ଦଳ), ଅଶ୍ୱିନୀ ପ୍ରସାଦ ମହାନ୍ତି, ମୁଖ୍ୟ ପ୍ରବନ୍ଧକ (ଇମ୍ଫା), ଦେବାଶିଷ ନାୟକ(ଇମ୍ଫା), ପ୍ରତ୍ୟୁଷ ରାୟ ୟୁକୋ ବ୍ୟାଙ୍କ ସିନିୟର ମ୍ୟାନେଜର ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଖେଳଟିକୁ ଉଚ୍ଚ କୋଟିର ସଫଳ କରିବାରେ ଓଡିଶା ସଚିବାଳୟ କର୍ମଚାରୀ କ୍ରୀଡ଼ା ସଂଘ ର ସମସ୍ତ କର୍ମକର୍ତ୍ତା ଏବଂ ସଭ୍ୟବୃନ୍ଦ ମାନଙ୍କର ଅକ୍ଲାନ୍ତ ପରିଶ୍ରମ ଏବଂ ସହଯୋଗ ଥିଲା।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି